# ବୌଦ୍ଧାବତାର କାବ୍ୟ ।

ଶ୍ରୀ ଫକୀରମୋହନ ସେନାପତି
ପ୍ରଣୀତ ।

ଦ୍ୱିତୀୟ ସଂସ୍କରଣ

ନିନ୍ଦସି ଯଜ୍ଞବିଧେରହହ ଶ୍ରୁତିଜାତଂ
ସଦୟହୃଦୟଦର୍ଶିତପଶୁଘାତଂ
କେଶବ ଧୃତବୁଦ୍ଧଶରୀର
ଜଗଦୀଶ ହରେ ।”

( ଜୟଦେବ ଗୋସ୍ୱାମୀ )

Printed by V. Kar.
THE UTKAL SAHITYA PRESS,
CUTTACK.
1915.

# ଉତ୍ସର୍ଗ ପତ୍ର ।

ସ୍ୱଦେଶବତ୍ସଳ ମାତୃଭାଷାର ମଙ୍ଗଳକାମୀ ଶ୍ରୀଳ ଶ୍ରୀଯୁକ୍ତ
ଶ୍ରୀ ଶ୍ରୀ ଶ୍ରୀ ମହାରାଜ ପୃଥ୍ୱୀରାଜ ସିଂହଦେଓ
ପାଟଣା-ଅଧୀଶ୍ୱର ମହୋଦୟଙ୍କ
କରକମଳରେ
ବିନୟ ଓ ଭକ୍ତି ସହିତ
ଭୁବନବିଖ୍ୟାତ ପବିତ୍ର କାହାଣୀଯୁକ୍ତ ଏହି କାବ୍ୟ ଖଣ୍ଡିକ
ଉପହାର ପ୍ରଦାନ କରି
କୃତାର୍ଥ ହେଲି ।

ଗ୍ରନ୍ଥକାର ।

# ମୁଖବନ୍ଧ ।

ଏଥି ପୂର୍ବେ 'ମହର୍ଷି ଗୌତମଚରିତ' ନାମକ ଖଣ୍ଡିଏ ପଦ୍ୟମୟ କାବ୍ୟ ପ୍ରଣୟନ କରିଥିଲି; ବିଶେଷ ଦୈବୀ ଦୁର୍ଘଟନା-ବଶରୁ ବାଲେଶ୍ୱରସ୍ଥ ନିଜ ନିକେତନ ପରିତ୍ୟାଗ ପୂର୍ବକ କଟକ ଚାଲିଯିବା ସମୟରେ କାବ୍ୟର ପାଣ୍ଡୁଲିପି ଖଣ୍ଡିକ ଗୃହ ମଧ୍ୟରେ ପଡ଼ି ରହିଥିଲା । କେତେକ ବର୍ଷ ଉତ୍ତାରେ ସ୍ୱଗୃହକୁ ପ୍ରତ୍ୟାଗମନ କରି (ଅନ୍ୟାନ୍ୟ ପୁସ୍ତକ ଓ କାଗଜପତ୍ର ସହିତ) ଉକ୍ତ ଗ୍ରନ୍ଥ ଖଣ୍ଡିକୁ କୀଟଦଂଷ୍ଟ ଅବସ୍ଥାରେ ଦେଖିଲି । ସେ ଆଜକୁ ବାର ବର୍ଷ ପୂର୍ବର କଥା ।

ଚଳିତ ବର୍ଷ ଦୋଲୋତ୍ସବ ଓ ମହରମ ପର୍ବ ଏକା ସଙ୍ଗରେ ପଡ଼ିଥିଲା । ହିନ୍ଦୁ ଓ ମୁସଲମାନ ସର୍ବସାଧାରଣ ଲୋକମାନେ ଆନନ୍ଦୋତ୍ସବରେ ଉନ୍ମତ୍ତ, ସର୍ବପ୍ରକାର କାର୍ଯ୍ୟକଳାପ ସ୍ଥଗିତ; ସହରର ପ୍ରତ୍ୟେକ ଅଂଶ ପ୍ରତ୍ୟେକ ମାର୍ଗ ବାଦ୍ୟଭାଣ୍ଡ ଓ ଲୋକକୋଳାହଳରେ ପରିପୂର୍ଣ୍ଣ । କପାଟ ବନ୍ଦ କରି ମୋ ନିର୍ଜନ ପାଠଗୃହରେ ଏକାକୀ ବସି ମଧ୍ୟ ନିସ୍ତୃତି ଲାଭ କରିବାକୁ କ୍ଷମ ହୋଇ ପାରି ନ ଥିଲି । ସମସ୍ତ ସମୟରେ ହିନ୍ଦୁ ଓ ମୁସଲମାନ ଯାତ୍ରା ଓ ଆଖଡ଼ାଦଳ ସେମାନଙ୍କ ବାର୍ଷିକ ପ୍ରାପ୍ୟ ଆଦାୟ ନିମନ୍ତେ ଉପସ୍ଥିତ । କର୍ଣ୍ଣପଟହବିଦୀର୍ଣ୍ଣକାରୀ ନିର୍ଘାତ-ଢୋଲଢାଙ୍କନା ଶବ୍ଦ ବିନିମୟରେ (ପ୍ରଚଳିତ ରୀତ୍ୟନୁଯାୟୀ) ମୋ ନିକଟରୁ କିଛି କିଛି ଅର୍ଥ ନେଉଥିଲେ । ସହସା ମୋ ମନରେ ଉଦିତ ହେଲା, କପିଳବାସ୍ତୁରେ ସିନା ଏହିପରି ବସନ୍ତୋତ୍ସବ ସମାହିତ ହେଉଥିଲା ? ସମ୍ମୁଖସ୍ଥ ମେଜ ଉପରେ

ଲେଖନର ଉପକରଣ ପ୍ରସ୍ତୁତ ଥିଲା—ଦୟାମୟ ବିଶ୍ୱବିଧାତାଙ୍କ ମହାପବିତ୍ର ନାମ ସ୍ମରଣପୂର୍ବକ ଉପସ୍ଥିତ କାବ୍ୟ ଖଣ୍ଡିକର ଲେଖା ଆରମ୍ଭ କରିଦେଲି । ମୋ ଜୀବନ-ସନ୍ଧ୍ୟାରେ ଦୟାମୟ ମହାପ୍ରଭୁ ଏତାଦୃଶ ପୁଣ୍ୟମୟ କାବ୍ୟ ରଚନା ସକାଶେ ମୋତେ ମତି ଓ ଶକ୍ତି ପ୍ରଦାନ କରିବାରୁ ତାହାଙ୍କ ଅପାର କରୁଣା ସ୍ମରଣ-ପୂର୍ବକ ଆପଣା ତୁଚ୍ଛ ଜୀବନକୁ ଧନ୍ୟ ମଣୁଅଛି ।

ଫାଲ୍‌ଗୁନ ମାସ ଶୁକ୍ଳ ତ୍ରୟୋଦଶୀରେ ଗ୍ରନ୍ଥାରମ୍ଭ—ବୈଶାଖ କୃଷ୍ଣ ଏକାଦଶୀରେ ଗ୍ରନ୍ଥ ସମାପ୍ତ ହେଲା । ଏହି ଦ୍ୱାଚତ୍ୱାରିଂଶତ୍ ଦିବସ କାଳ ଯଦିଓ ନିତ୍ୟ ନୈମିତ୍ତିକ କର୍ମ ତଥା ବାର୍ଦ୍ଧକ୍ୟ-ଜନିତ ଦୁର୍ବଳତାଯୋଗୁଁ ଦୀର୍ଘ ବିଶ୍ରାମ ଉତ୍ତାରେ ଅଳ୍ପମାତ୍ର ସମୟ ଗ୍ରନ୍ଥ ପ୍ରଣୟନ କରିବାକୁ ସୁଯୋଗ ପ୍ରାପ୍ତ ହୋଇଥାଏଁ, ମାତ୍ର ଦିବାରାତ୍ର ଜାଗ୍ରତ ଥିବା ସମୟରେ ବୌଦ୍ଧ ପର୍ବତ ମହା-ଆଖ୍ୟାନରେ ଚିତ୍ତ ପରିପୂର୍ଣ୍ଣ ଥାଏ । ଉପସ୍ଥିତ ଘଟନାବିଶେଷରେ ଚିତ୍ତ ଅନ୍ୟତ୍ର ଆକୃଷ୍ଟ ହେଲେ ମଧ୍ୟ ଦିଗ୍‌ଦର୍ଶନ ଯନ୍ତ୍ରର ଉତ୍ତରା-ଭିମୁଖିନୀ ଶଲାକା ପରି ଉଲ୍ଲିଖିତ ପର୍ବତ ଆଖ୍ୟାନ ପ୍ରତି ପ୍ରତିନିୟତ ଧାବିତ ହେଉଥାଏ । ଏହି କାବ୍ୟ ପ୍ରଣୟନ ସମୟରେ ମୁଁ ଯେଉଁ ଆଧ୍ୟାତ୍ମିକ ବିମଳାନନ୍ଦ ଉପଭୋଗ କରିଅଛି ଅନ୍ୟ କୌଣସି ପୁସ୍ତକ ରଚନା ବା ଅଧ୍ୟୟନ ଅଥବା ଅନ୍ୟ କୌଣସି ବିଷୟରୁ ( ଜୀବନକାଳରେ ) ଏତାଦୃଶ ବିଶୁଦ୍ଧାନନ୍ଦ ଉପଭୋଗ ମୋ ଅଦୃଷ୍ଟରେ ଘଟିଥିବାର ସ୍ମରଣ ହେଉ ନାହିଁ । ପାଠକ ମହାଶୟ-ମାନେ କିପରି ଭାବରେ ଏହି କାବ୍ୟଖଣ୍ଡିକ ଗ୍ରହଣ କରିବେ, ତାହା ମୋହର ଅନୁମାନର ବହିର୍ଭୂତ ବିଷୟ ଅଟେ । ଯଦ୍ୟପି ଗ୍ରନ୍ଥଗତ ବିଷୟଟି ନିତାନ୍ତ ଶିକ୍ଷଣୀୟ ଓ ଶାନ୍ତିପ୍ରଦ ଏବଂ ଜୀବାତ୍ମା ପକ୍ଷରେ ନିତାନ୍ତ ଉପଯୋଗୀ ଓ ଆହ୍ଲାଦକର ତଥାପି ମୋହର

ଅତୁଳ ଜ୍ଞାନ ରଚନାଶକ୍ତିର ଅପାଟବବଶତଃ ବିଷୟଟି ସୁସ୍ପଷ୍ଟରୂପେ ସୁପରିସ୍ଫୁଟ କରିବାକୁ କ୍ଷମ ହୋଇଅଛି କି ନାହିଁ, ସେ ସମ୍ବନ୍ଧରେ ମୁଁ ସ୍ୱୟଂ ସମ୍ପୂର୍ଣ୍ଣଭାବରେ ସନ୍ଦିହାନ; ମାତ୍ର ପୁସ୍ତକ ପ୍ରଣୟନ ସମୟରେ ଯେଉଁ ବିମଳାନନ୍ଦ ଉପଭୋଗ କରିଅଛି, ସେଥିରେ ମୁଁ ସ୍ୱୟଂ ଅତିରିକ୍ତରୂପେ ପୁରସ୍କୃତ ହୋଇଅଛି ବୋଲି ବିଶ୍ୱାସ କରେଁ । ଅଧିକ କଣ, ମୁଁ ଏପରି ବିମୋହିତ ହୋଇ ପଡ଼ିଅଛି ଯେ ସ୍ୱଜନପରିତ୍ୟକ୍ତ, ଜରାଜୀର୍ଣ୍ଣ, ଦୁର୍ବଳେନ୍ଦ୍ରିୟ, ବିଷୟବିରାଗୀ, ମୁକ୍ତିକାମୀ ଲୋକମାନଙ୍କ ଏହି ପୁସ୍ତକ ପାଠ ବା ବୌଦ୍ଧନୀତି ଆଲୋଚନା ସକାଶେ ଅନୁରୋଧ ନ କରି ସ୍ଥିର ହୋଇ ପାରୁ ନାହିଁ ଏବଂ ଯୌବନୋନ୍ମତ୍ତ ଧନ ଜନ ମାନ ସମ୍ଭ୍ରମ ଗୌରବଶାଳୀ ଇନ୍ଦ୍ରିୟସୁଖାଭିଳାଷୀ ବ୍ୟକ୍ତିମାନଙ୍କ ପକ୍ଷରେ ମଧ୍ୟ ଈଦୃଶ ଗ୍ରନ୍ଥ ଆଲୋଚନା କରିବାର ଉପଯୁକ୍ତ ବୋଲି ବିବେଚନା କରେଁ ।

ଉତ୍କଳଖଣ୍ଡ ମହାମୁନି ଗୌତମପ୍ରବର୍ତ୍ତିତ ମହାଧର୍ମର ପ୍ରଧାନ ଲୀଳାକ୍ଷେତ୍ର ଥିଲା । ଶୈଳ ବକ୍ଷରେ ଖୋଦିତ ବିହାରକ୍ଷେତ୍ରମାନ କେବଳ ଭାରତରେ ନୁହେ, ପୃଥିବୀ ମଧ୍ୟରେ ପ୍ରସିଦ୍ଧି ଲାଭ କରିଅଛି । ସୁଦୀର୍ଘ କାଳ ପରେ ଉତ୍କଳବାସୀ ପ୍ରତ୍ୟେକ ନରନାରୀ ବୌଦ୍ଧଧର୍ମ-କଳ୍ପତରୁ ଛାୟାରେ ଉପବିଷ୍ଟ ହୋଇ ନିର୍ବାଣ ଶାନ୍ତି ଲାଭ କରୁଥିଲେ । ଅଦ୍ୟାବଧି ବୌଦ୍ଧଧର୍ମର ପ୍ରାଚୀନତ୍ୱ, ମହିମା,ସ୍ଥାପତ୍ୟ,ଅନୁଶାସନ ବିଷୟମାନଙ୍କୁ ସାକ୍ଷ୍ୟ ଦେବା ସକାଶେ କୀର୍ତ୍ତିବିଲୋପୀ ମହାକାଳକୁ ତୁଚ୍ଛ ଜ୍ଞାନ କରି ଶୈଳସ୍ତୂପରେ ବିହାରକ୍ଷେତ୍ରମାନ ବିଦ୍ୟମାନ ରହିଅଛି । ମାତ୍ର ପରିତାପର ବିଷୟ ଏହି ଯେ, ଅଧୁନାତନ ଉତ୍କଳବାସିଙ୍କୁ ଚେତାଇ ଦେବା ନିମନ୍ତେ ମାତୃଭାଷାରେ ଖଣ୍ଡିଏ ପ୍ରାଚୀନ ଗ୍ରନ୍ଥର ନିତାନ୍ତ ଅଭାବ । ମୁଁ

ଏହି କ୍ଷୁଦ୍ର, ଗ୍ରନ୍ଥ ପ୍ରଣୟନ ଦ୍ୱାରା ସେହି ଅଭାବ କେତେକ ପରିମାଣରେ ଦୂର କଲି, ଏ କଥା ବୋଲିବାକୁ ନିତାନ୍ତ ସଙ୍କୁଚିତ। ମାତ୍ର ଚିରପ୍ରଚଳିତ ଗ୍ରାମ୍ୟ ପ୍ରବାଦଟିକୁ କେତେକ ସାଧୁଭାଷାରେ ରୂପାନ୍ତରିତ କରି ବୋଲି ପାରେଁ—ମାତୁଳାଭାବ ସ୍ଥାନରେ ଗୋଟିଏ କାଣ ମାତୁଳ ମୋଦ୍ୱାରା ଆହୂତ ହେଲେ।

ଅବତାରମାନଙ୍କ ଲୀଳାକ୍ଷେତ୍ର ଜମ୍ବୁଦ୍ୱୀପାନ୍ତର୍ଗତ ପୁଣ୍ୟଭୂମି ଭାରତବର୍ଷର ଉତ୍ତରସୀମାବର୍ତ୍ତୀ ଚିରତୁଷାର ହିମାଳୟ ପାଦଦେଶସ୍ଥିତ ପବିତ୍ର କପିଳବସ୍ତୁ ନଗରରେ ମହାପବିତ୍ର ଶାକ୍ୟବଂଶରେ ନାରାୟଣାବତାର ମହାମୁନି ଗୌତମ ଦେବ ଜନ୍ମଗ୍ରହଣ କରିଥିଲେ। (ସମୟ—ଖ୍ରୀଷ୍ଟପୂର୍ବ ପାଞ୍ଚଶତ ସତାବନ ବର୍ଷ।) ସମସ୍ତ ଭାରତବ୍ୟାପୀ ସ୍ଥାନ ତଥା ଆସିଆ ଖଣ୍ଡର ଉତ୍ତରସୀମାବର୍ତ୍ତୀ ସାଇବେରିଆ—ପୂର୍ବସୀମା ଆଜାପାନ କାମସ୍କାଟକା—ଦକ୍ଷିଣପ୍ରାନ୍ତ ଭାରତ ମହାସାଗରଗର୍ଭସ୍ଥ ଦ୍ୱୀପାବଳୀ—ପଶ୍ଚିମ ପ୍ରାନ୍ତସ୍ଥ ଉତ୍ତାଳତରଙ୍ଗମାଳାକୁଳ ଆଟଲାଣ୍ଟିକ ମହାସାଗର ଅତିକ୍ରମ କରି ଦକ୍ଷିଣ ଆମେରିକାସ୍ଥ ଗୌତମମେଲା (Goatimala) ପର୍ଯ୍ୟନ୍ତ ଏହି ମହାପୁରୁଷଙ୍କ ପ୍ରବର୍ତ୍ତିତ ଧର୍ମମତ ପ୍ରସାରିତ ହୋଇଥିଲା। ସଂକ୍ଷେପତଃ ଗୋଟିଏମାତ୍ର କଥାରେ ବୋଲି ଯାଇ ପାରେ, ଏହି ସୁପବିତ୍ର ବୌଦ୍ଧଧର୍ମ ସମାନରେ ଅନ୍ୟ କୌଣସି ଧର୍ମମତ ପୃଥିବୀର ଏତେ ଅଧିକ ସ୍ଥାନ ଅଧିକାର କରିବାକୁ ସମର୍ଥ ହୋଇ ନାହିଁ। ଭୂମଣ୍ଡଳବାସୀ ଲୋକମାନଙ୍କର ପ୍ରାୟ ଏକତୃତୀୟାଂଶ ଲୋକ ବୌଦ୍ଧଧର୍ମାବଲମ୍ବୀ ଅଟନ୍ତି। ଖ୍ରୀଷ୍ଟାନ ବା ଇସଲାମ ଧର୍ମ ବହୁ ସ୍ଥାନ ବ୍ୟାପ୍ତ ହୋଇଅଛି ସତ୍ୟ, ମାତ୍ର ଏପର୍ଯ୍ୟନ୍ତ ବିସ୍ତୃତି ସମ୍ବନ୍ଧରେ ବୌଦ୍ଧଧର୍ମର ସମକକ୍ଷତା ଲାଭ କରିବାକୁ ସମର୍ଥ ହୋଇ ପାରି ନାହାନ୍ତି।

ବର୍ତ୍ତମାନ ପ୍ରଶ୍ନ—କି ଉପାୟରେ ବୌଦ୍ଧଧର୍ମ ପୃଥିବୀବ୍ୟାପୀ ସ୍ଥାନ-ଲାଭରେ ସମର୍ଥ ହୋଇଥିଲା ? କିଞ୍ଚିତ୍ ଅନୁଧାବନ କଲେ ସହଜରେ ଜଣାଯିବ ଯେ, ଏହି ଧର୍ମ ସ୍ୱକୀୟ ଶକ୍ତି ବଳରେ ଜଗଦ୍‌ବ୍ୟାପ୍ତ ହୋଇ ପଡ଼ିଅଛି । ବୁଦ୍ଧଦେବଙ୍କ ପବିତ୍ର ମତ ମାନବାତ୍ମାର ଉପଯୋଗୀ ବାଣୀ—ଜଗଦ୍‌ବାସୀ ଯେମନ୍ତ ସ୍ୱେଚ୍ଛା-ପ୍ରଣୋଦିତ ହୋଇ ଏହି ଧର୍ମର ଦୀକ୍ଷା ଗ୍ରହଣ କରିଥିଲେ । ଖ୍ରୀଷ୍ଟାନ ବା ଇସଲାମ ଧର୍ମ ବହୁ ବିସ୍ତୃତ ସ୍ଥାନ ଅଧିକାର କରି ବସିଅଛି ସତ୍ୟ, ମାତ୍ର ତୀକ୍ଷ୍ଣଧାର ଖଡ୍ଗ ବା ରାଜଶକ୍ତିର ଆଶ୍ରୟ ଗ୍ରହଣ କରି ନ ଥିଲେ କେତେଦୂର କୃତକାର୍ଯ୍ୟ ହୋଇ-ଥାନ୍ତା, ଚିନ୍ତାର ବିଷୟ ଅଟେ ।

ବିପକ୍ଷମାନଙ୍କ ଉତ୍ପାତରେ ଯଦିଚ ବୌଦ୍ଧଧର୍ମ ବହୁକାଳ ଯାବତ୍ ପ୍ରଚାର ବିଷୟରେ ବାଧାପ୍ରାପ୍ତ ହୋଇଥିଲା, ମାତ୍ର ବର୍ତ୍ତମାନ ବିଂଶଶତାବ୍ଦୀର ବିଜ୍ଞାନବାହୁଲ୍ୟ ସମୟରେ ଜଗଦ୍-ବାସୀ ଏହାର ସାରବତ୍ତା ଓ ବିଜ୍ଞାନ-ମୂଳକତ୍ୱ ହୃଦୟଙ୍ଗମ କରି ବିଭିନ୍ନ ଦେଶମାନଙ୍କରେ ଆଲୋଚନା ଆରମ୍ଭ କଲେଣି । ଇଂଲଣ୍ଡ, ଆୟର୍ଲଣ୍ଡ, ସ୍କଟ୍‌ଲଣ୍ଡର ଅନେକ ଲୋକ ବୌଦ୍ଧଧର୍ମରେ ଦୀକ୍ଷିତ । ଏଡ଼ିନ୍‌ବର୍ଗ ଓ ଲିଭରପୁଲରେ ଶାଖାସମିତି ସ୍ଥାପିତ ହୋଇ-ଅଛି । ମିଷ୍ଟର ରାଇସ୍ ଡେଭିଡସ୍ ବୌଦ୍ଧମଣ୍ଡଳୀର ସଭାପତି ଏବଂ ଆର୍ଲ୍ ଅଫ୍ ସେଲକସ୍‌ବର୍ଗ ସହକାରୀ ସଭାପତି । ଜଣେ ସ୍କଟ୍‌ଲଣ୍ଡବାସୀ ସାହେବ ବର୍ତ୍ତମାନ ବ୍ରହ୍ମଦେଶବାସୀ । ସେ ଇଂଲଣ୍ଡକୁ ଯାଇ ବୌଦ୍ଧଧର୍ମ ପ୍ରଚାର କରିବା ସକାଶେ ମନସ୍ଥ କରିଅଛନ୍ତି । ଜର୍ମାନରେ ମଧ୍ୟ ବୌଦ୍ଧଧର୍ମର ପ୍ରଚାର ହେଉ-ଅଛି । ସୁଇଜରଲଣ୍ଡ ଓ ଇଟାଲିରେ ବୌଦ୍ଧ ସଂଖ୍ୟା ଅଳ୍ପ ନୁହନ୍ତି ।

ଇହାଙ୍କ ଅନ୍ତର୍ଗତ ଲୁସାନାରେ ଗୋଟିଏ ବୌଦ୍ଧ ଉପନିବେଶ ସ୍ଥାପିତ ହୋଇଅଛି ।

ବୌଦ୍ଧଧର୍ମ କଣ ? ଏହି ବିଷୟଟି ବୁଝିଲେ ଏହାର ପ୍ରସାରଣର କାରଣ ସହଜରେ ଉପଲବ୍ଧ ହେବ ।

ବ୍ରତ ଉପବାସ ଜପ ତପ ନିତ୍ୟନୈମିତ୍ତିକ କ୍ରିୟାକଳାପ ଅଥବା ଶରୀରଶୋଷଣକାରୀ କୌଣସି ପ୍ରକାର କ୍ରିୟାନୁଷ୍ଠାନ ଏହି ଧର୍ମର ଅଙ୍ଗ ନୁହେ । ଦୟା ସ୍ନେହ ବାତ୍ସଲ୍ୟ ଅହିଂସା ପ୍ରେମ ସହାନୁଭୂତି କ୍ଷମା ଆଦି ଯାହା ହିନ୍ଦୁ ମୁସଲମାନ ଖ୍ରିଷ୍ଟିଆନ ପ୍ରଭୃତି ସର୍ବସମ୍ପ୍ରଦାୟର ସାଧାରଣ ଧର୍ମ, ସେ ସମସ୍ତ ଏହି ବୌଦ୍ଧଧର୍ମର ମୂଳନୀତି ଅଟେ । ଜୀବପ୍ରୀତି, ଦୟା ଓ ପରୋପକାର ଏହି କେତୋଟି ଧର୍ମର ପ୍ରଧାନ ଅଙ୍ଗ ବୋଲି ଅନ୍ୟାନ୍ୟ ଧର୍ମବାଦମାନେ ସ୍ପଷ୍ଟତଃ ସ୍ୱୀକାର କଲେ ମଧ୍ୟ ସ୍ୱାର୍ଥାନୁରୋଧରେ କାର୍ଯ୍ୟକ୍ଷେତ୍ରରେ ଏକାବେଳକେ ଭୁଲିଯାନ୍ତି । ହିଂସାରୁ ବଳି ମହାପାତକ ନାହିଁ । ଅନ୍ୟାନ୍ୟ ଧର୍ମାବଲମ୍ବିମାନେ କି ଏହି ପାପରୁ ନିବର୍ତ୍ତନ୍ତି ? ପ୍ରତ୍ୟୁତ ପ୍ରୟୋଜନ ସ୍ଥଳରେ ଏହି ହିଂସାକୁ ଧର୍ମର ଅଙ୍ଗୀଭୂତ କରି ପକାଇଅଛନ୍ତି । ପୃଥିବୀସ୍ଥ ପ୍ରାୟ ସମସ୍ତ ଧର୍ମାବଲମ୍ବୀ ସ୍ୱୀୟ ସ୍ୱୀୟ ଅବଲମ୍ବିତ ଧର୍ମର ଗୌରବ ଓ ଅନ୍ୟାନ୍ୟ ଧର୍ମର ଗ୍ଳାନି ପ୍ରଖ୍ୟାପନରେ ଉନ୍ମତ୍ତ, ଏଥି ସକାଶେ ଲକ୍ଷ ଲକ୍ଷ ମହାପ୍ରାଣିଙ୍କର ଜୀବନସଂହାର ସଂଘଟିତ ହୋଇ ଯାଇଅଛି । ମୁସଲମାନମାନଙ୍କ ତୀକ୍ଷ୍ଣଧାର ଖଡ୍ଗ, ଖ୍ରୀଷ୍ଟିଆନମାନଙ୍କ କ୍ରୁସେଡ୍-ଯୁଦ୍ଧର ଶୋଣିତ-ଲିପ୍ତ କ୍ରୁଶ, ବୌଦ୍ଧହନ୍ତାରକ ବ୍ରାହ୍ମଣମାନଙ୍କ କାର୍ଯ୍ୟକଳାପ, ଭୀଷଣପ୍ରକୃତି ବୈଷ୍ଣବ ଓ ଶୈବ ସନ୍ନ୍ୟାସିଗଣଙ୍କର ମାନବରକ୍ତ-

ଯସ୍ତ ତୀର୍ଥସ୍ଥାନବୃତ୍ତାନ୍ତ ଇତିହାସ ଜଗଦ୍‌ବାସିଙ୍କୁ ଶୁଣାଇ ଦେଇଅଛି ଓ ଦେବ । ଈଶ୍ୱରଙ୍କ ନିର୍ଦ୍ଦୋଷ ପୁତ୍ରମାନଙ୍କୁ ହତ୍ୟା କରି ଈଶ୍ୱରପ୍ରସାଦଲାଭ ପ୍ରତ୍ୟାଶା କରିବାଠାରୁ ବୁଦ୍ଧିର ବିଡ଼ମ୍ବନା ଆଉ କଣ ହୋଇ ପାରେ ? ଦୟା ପ୍ରେମ ପରୋପକାରିତା ପ୍ରଭୃତି ଧର୍ମାଙ୍ଗ ସକଳ ଶିକ୍ଷା କରିବାକୁ ହେଲେ ବୌଦ୍ଧଧର୍ମର ଆଶ୍ରୟ ଗ୍ରହଣ କର । ଧର୍ମର ଅନ୍ୟତମ ପ୍ରଧାନ ଅଙ୍ଗ ଉଦାରତା ବିଷୟରେ ବୌଦ୍ଧଧର୍ମ ସହିତ ତୁଳନା ଦେବାକୁ ପୃଥିବୀରେ ଧର୍ମ ନିତାନ୍ତ ବିରଳ । ବୌଦ୍ଧଧର୍ମର ପ୍ରଧାନ ପ୍ରଚାରକ ଭାରତ ଚକ୍ରବର୍ତ୍ତିମାନେ ପ୍ରକାଶ କରିଥିଲେ, "ଭିନ୍ନ ଧର୍ମାବଲମ୍ବିମାନେ ସ୍ୱଚ୍ଛନ୍ଦରେ ରାଜ୍ୟ ମଧ୍ୟରେ ବାସ କରନ୍ତୁ; ଯେହେତୁ ସେମାନେ ମଧ୍ୟ ଆତ୍ମାର ଉନ୍ନତି ସକାଶେ ଚେଷ୍ଟା କରିଥାନ୍ତି । ବର୍ତ୍ତମାନ ଯୁଗରେ ସ୍ୱର୍ଗୀୟା ରାଜରାଜେଶ୍ୱରୀ ଦେବୀ ଭିକ୍ଟୋରିୟାଙ୍କ ଘୋଷଣାପତ୍ରରେ ଏହି ମହାବାଣୀର ଅବିକଳ ଉଦ୍ଦେଶ ଥିବାର ଦେଖିବାକୁ ପାଉଁ । ନରହତ୍ୟା କଥା ତେଣିକି ଥାଉ, ନିତାନ୍ତ କ୍ଷୁଦ୍ର ପ୍ରାଣୀ ପ୍ରତି ମଧ୍ୟ ବୌଦ୍ଧଧର୍ମ ଯେଉଁ କରୁଣା ପ୍ରକାଶ କରିଥାନ୍ତି, ଧର୍ମାନ୍ତରମାନ ଅନ୍ୟାନ୍ୟ ଜାତୀୟ ଲୋକଙ୍କ ପକ୍ଷରେ ବିଚାର କରି ଦେଖିବାର ବିଷୟ ଅଟେ ।

ଆମ୍ଭେମାନେ ପୂର୍ବେ ପ୍ରକାଶ କରିଅଛୁଁ, ବୌଦ୍ଧଧର୍ମ ପ୍ରଚାର ନିମନ୍ତେ ଖଡ୍ଗ ବା କେବଳ ରାଜଶକ୍ତିର ଆଶ୍ରୟ ଗ୍ରହଣ କରି ନାହିଁ । ସ୍ୱୀୟ ମହିମାବଳରେ ଜଗତରେ ବ୍ୟାପ୍ତ ହୋଇ ପଡ଼ିଅଛି । ତିନି ସହସ୍ର ବର୍ଷ ପୂର୍ବେ ଆସିଆଖଣ୍ଡ ବିରଳ ଜନବସତି ଓ ଅଗମ୍ୟ ନିବିଡ଼ ଅରଣ୍ୟରେ ଆବୃତ ଥିଲା । ଅଧୁନାତନ ସମୟ ପରି ଗମନାଗମନ ନିମନ୍ତେ ମାର୍ଗର ଚିହ୍ନମାତ୍ର ନ ଥିଲା । ଦେଶାନ୍ତରବାସୀ ତାତ୍‌କାଳିକ ମାନବମଣ୍ଡଳୀ ପ୍ରାୟ ଧର୍ମଜ୍ଞାନହୀନ

ଶୋଷଣପ୍ରବୃତ୍ତିର ଲୋକ ଥିଲେ । ନିଃସହାୟ ବୌଦ୍ଧ ଶ୍ରମଣଗଣ କେବଳ ଔଷଧର ମୁଣିଟି କାନ୍ଧରେ ଝୁଲାଇ ଦେଶଦେଶାନ୍ତରରେ ପୀଡ଼ିତ ଅଶକ୍ତ ଲୋକର ସେବା ଏବଂ ମାନବପ୍ରାଣିର ଉଦ୍ଧାର ସଦ୍‌ଗତି ନିମନ୍ତେ ଧର୍ମ ପ୍ରଚାର କରି ବୁଲୁଥିଲେ । କି ନିଃସ୍ୱାର୍ଥ ତ୍ୟାଗସ୍ୱୀକାର ! କି ଜନହିତୈଷଣା ! ଖ୍ରୀଷ୍ଟାବ୍ଦ ପ୍ରାୟ ତିନି ଶତ ବର୍ଷ ପୂର୍ବେ ଗ୍ରୀକଦୂତ ମେଘାସ୍ଥିନିସ୍ ଲେଖି ଯାଇଅଛନ୍ତି— ବୌଦ୍ଧ ଶ୍ରମଣ ଅର୍ଥାତ୍ ଉଦାସୀନମାନେ କେବଳ ଦୟା ଧର୍ମର ବଶବର୍ତ୍ତୀ ହୋଇ ପୀଡ଼ିତମାନଙ୍କ ଚିକିତ୍ସା ଓ ଧର୍ମ ପ୍ରଚାର କରି ଦେଶଦେଶାନ୍ତରରେ ଭ୍ରମଣ କରୁଥିଲେ ।

ଯେଉଁ ସମୟରେ ବୌଦ୍ଧଧର୍ମର ସ୍ୱର୍ଗୀୟ ବେଣୁନାଦରେ ପୃଥିବୀ ନିନାଦିତ, ତାହାର ବହୁ ଶତାବ୍ଦୀ ପରେ ମଧ୍ୟ ପୃଥିବୀରେ ବର୍ତ୍ତମାନ ପ୍ରଚଳିତ ପ୍ରଧାନ ଧର୍ମମାନ କାଳର ଅନ୍ଧକାରଗର୍ଭରେ ମାନବର ଶ୍ରୁତି ଓ ଦୃଷ୍ଟିର ଅନ୍ତରାଳରେ ନିହିତ ଥିଲା, ସେ ସମୟରେ ୟୁରୋପ ଅଜ୍ଞାନାନ୍ଧକାରରେ ନିଦ୍ରିତ । ବୌଦ୍ଧ ଶ୍ରମଣ-ମାନେ ଉପଦେଶ-ବେଣୁ ବଜାଇ ତାହାକୁ ଜାଗ୍ରତ କରାଇ-ଥିଲେ । ଧରିବାକୁ ଗଲେ କି ଧର୍ମ, କି ନୀତି, କି ଶାସ୍ତ୍ରଜ୍ଞାନ, ସମସ୍ତ ବିଷୟରେ ବୌଦ୍ଧ ପରିବ୍ରାଜକମାନେ ୟୁରୋପର ଆଦିଗୁରୁ ଅଟନ୍ତି । ବୌଦ୍ଧ ଓ ଖ୍ରୀଷ୍ଟାନଧର୍ମର ପରସ୍ପର ସାମଞ୍ଜସ୍ୟ ପ୍ରତି ଦୃଷ୍ଟିପାତ କରି ବିବେଚନା କରିବାକୁ ଗଲେ ସ୍ପଷ୍ଟ ପ୍ରତୀୟମାନ ହେବ, ଉଭୟ ଧର୍ମ ଯେମନ୍ତ ଏକ ପରାମର୍ଶରେ ହାତ ଧରାଧରି ହୋଇ ବିଚରଣ କରୁଥିଲେ । ଆମ୍ଭମାନଙ୍କ ପ୍ରସ୍ତାବ ସମର୍ଥନ ନିମନ୍ତେ ଉଭୟ ଧର୍ମର ମୂଳତତ୍ତ୍ୱ ସମ୍ବନ୍ଧରେ କେତୋଟିମାତ୍ର ବିଷୟ ଏ ସ୍ଥାନରେ ଉଲ୍ଲେଖ କରିବାକୁ ଇଚ୍ଛା କରୁଁ ।

| ବୌଦ୍ଧଧର୍ମର ଅନୁଷ୍ଠାନ-ପ୍ରଣାଳୀ । | ଖ୍ରୀଷ୍ଟାନଧର୍ମର ଅନୁଷ୍ଠାନ-ପ୍ରଣାଳୀ । * |
|---|---|
| ୧ । ଧର୍ମାନୁଷ୍ଠାନ ସମୟରେ ଘଣ୍ଟା ଏବଂ ଜପମାଳା ବ୍ୟବହାର । | ୧ । ଧର୍ମାନୁଷ୍ଠାନ ସମୟରେ ଘଣ୍ଟା ଏବଂ ଜପମାଳା ବ୍ୟବହାର । |
| ୨ । ଦେବାଳୟରେ ଧୂପ ଦୀପ ଦାନ । | ୨ । ଦେବାଳୟରେ ଧୂପ ଦୀପ ଦାନ । |
| ୩ । ଧର୍ମସଙ୍ଗୀତ ଗାନ । | ୩ । ଧର୍ମସଙ୍ଗୀତ ଗାନ । |
| ୪ । ଦେଶଦେଶାନ୍ତରକୁ ଧର୍ମ-ପ୍ରଚାରକ ପ୍ରେରଣ । | ୪ । ଦେଶଦେଶାନ୍ତରକୁ ଧର୍ମ-ପ୍ରଚାରକ ପ୍ରେରଣ । |

ବୁଦ୍ଧଦେବ ପ୍ରଥମେ ପଞ୍ଚ ଆଜ୍ଞା ପ୍ରଚାର କରିଥିଲେ । ଖ୍ରୀଷ୍ଟାନ ଧର୍ମରେ ଦଶାଜ୍ଞା ପ୍ରଚଳିତ ।

ବୌଦ୍ଧମାନଙ୍କ ଚିରକୌମାରବ୍ରତ ଓ ବ୍ରତିନୀ ଶ୍ରମଣ ଓ ଶ୍ରମଣୀମାନଙ୍କ ବିହାରରେ ବାସ ପରି ଖ୍ରୀଷ୍ଟାନ ଚିରକୌମାର-ବ୍ରତଧାରୀ ଏବଂ ଧାରିଣୀ ମଙ୍କ୍ ଏବଂ ନନ୍‌ମାନେ କନ୍‌ଭେଣ୍ଟରେ (ଦେବାଳୟରେ) ବାସ କରିଥାନ୍ତି । ଶ୍ରମଣ ଏବଂ ଶ୍ରମଣୀ—ମଙ୍କ୍ ଏବଂ ନନ୍ ସମସ୍ତଙ୍କର ଧର୍ମାନୁଷ୍ଠାନ ଏବଂ କାର୍ଯ୍ୟାବଳୀ ପ୍ରାୟ ସମାନ ଅଟେ ।

ଗୁରୁଙ୍କଠାରେ ପାପସ୍ୱୀକାର ପ୍ରଥା ବୌଦ୍ଧଠାରୁ ଖ୍ରୀଷ୍ଟାନ ଗ୍ରହଣ କରିଥିବାର ଜଣାଯାଏ । ଏପ୍ରକାର ଧର୍ମାନୁଷ୍ଠାନସମଷ୍ଟିରୁ ସ୍ପଷ୍ଟ ଜଣାଯାଏ ଯେ, ଏକ ସମ୍ପ୍ରଦାୟ ଗୁରୁ ଏବଂ ଅନ୍ୟ ସମ୍ପ୍ରଦାୟ

* ଏହି ଅର୍ଚ୍ଚନାପଦ୍ଧତି ରୋମାନକାଥଲିକ ସମ୍ପ୍ରଦାୟ ମଧ୍ୟରେ ପ୍ରଚଳିତ ।

ଶିଷ୍ୟ । ତେବେ କିଏ ଗୁରୁ ଏବଂ କିଏ ଶିଷ୍ୟ ? ବୌଦ୍ଧ ବୟୋଜ୍ୟେଷ୍ଠ ଏବଂ ଖ୍ରୀଷ୍ଟାନ ବୟଃକନିଷ୍ଠ । ଏଥିରୁ ବୌଦ୍ଧକୁ ଗୁରୁ ପଦରେ ବରଣ କରିବା ନିଶ୍ଚୟ ଯୁକ୍ତିସଙ୍ଗତ କଥା ଅଟେ । ବିଷୟଟିର ପ୍ରାମାଣିକ ଅଭ୍ରାନ୍ତତା ପ୍ରତିପାଦନ ନିମନ୍ତେ ଆମ୍ଭେମାନେ ଆଉ ଗୋଟିଏ ବିଶେଷ ରହସ୍ୟଜନକ ବିଷୟର ବିବରଣ ସଂକ୍ଷେପରେ ଉଲ୍ଲେଖ କରିବାକୁ ଇଚ୍ଛା କରୁଁ । ରୋମାନକାଥଲିକ ଖ୍ରୀଷ୍ଟାନ ସମ୍ପ୍ରଦାୟ ସେଣ୍ଟ ଜନ୍ ବା ଯୋଷଫାଟ୍ ନାମକ ମହର୍ଷିଙ୍କୁ ସିଦ୍ଧପୁରୁଷ ବା ନରଦେବତାରୂପେ ଅର୍ଚ୍ଚନା କରିଥାନ୍ତି । ମାତ୍ର ସେଣ୍ଟ ଜନଙ୍କ ଜୀବନଚରିତ ପାଠରୁ ଜଣାଯାଏ ଯେ, ସେ ଦ୍ୱିତୀୟ ପୁରୁଷ ନୁହନ୍ତି, ଶାକ୍ୟମୁନି ଗୌତମଦେବଙ୍କର ନାମାନ୍ତର ମାତ୍ର । ଏହା ଭାରତୀୟ କୌଣସି ପଣ୍ଡିତଙ୍କର ଗବେଷଣାଲବ୍ଧ ଫଳ ନୁହେ, ଫରାସୀଦେଶୀୟ ପ୍ରତ୍ନତତ୍ତ୍ୱବିଦ୍ ଲାବୁଲେ ଏବଂ ଜର୍ମନଦେଶୀୟ ପଣ୍ଡିତବର ଇ. ଏର୍. ବେଣଫ୍ ଏବଂ ଇଂଲଣ୍ଡୀୟ ପଣ୍ଡିତ ବିଲ୍—ଅବଶେଷରେ ବହୁ ବିଦ୍ୟାର ଅସାଧାରଣ ପଣ୍ଡିତ ମୋକ୍ଷମୂଲର ପ୍ରଭୃତି ଜ୍ଞାନୀଗଣ ଅକାଟ୍ୟ ପ୍ରମାଣ ପ୍ରୟୋଗଦ୍ୱାରା ଉପସ୍ଥିତ ପ୍ରସଙ୍ଗଟି ସାବ୍ୟସ୍ତ କରାଇଅଛନ୍ତି ଏବଂ ଆରବଦେଶୀୟ ପଣ୍ଡିତ ଯୂଦଦସ୍ତ ସ୍ୱରଚିତ ବିଲାଯ ଫିହବସ୍ତ ନାମକ ଗ୍ରନ୍ଥରେ ବୌଦ୍ଧଧର୍ମପ୍ରବର୍ତ୍ତକଙ୍କ ନାମ ଯୁଅସଫ୍ ବୋଲି ଉଲ୍ଲେଖ କରିଅଛନ୍ତି । ଫରାସୀଦେଶୀୟ ପଣ୍ଡିତ ରିନୋ ପ୍ରମାଣ କରାଇଅଛନ୍ତି, ଆରବୀ ଯୁଅସଫ ବା ଫରାସୀ ବୁତସଫ ସଂସ୍କୃତ ବୋଧିସତ୍ତ୍ୱ ଶବ୍ଦର ଅପଭ୍ରଂଶ ମାତ୍ର । ଶାକ୍ୟସିଂହ ଲଳିତବିସ୍ତର ନାମକ ଗ୍ରନ୍ଥରେ ବୋଧିସତ୍ତ୍ୱ ନାମରେ ଉଲ୍ଲିଖିତ ହୋଇଅଛନ୍ତି । ଜଗଦ୍‌ବିଖ୍ୟାତ ପଣ୍ଡିତ ବେବର ସାହେବଙ୍କଦ୍ୱାରା ମଧ୍ୟ ଉକ୍ତ ବିଷୟମାନଙ୍କର ଯାଥାର୍ଥ୍ୟ ପ୍ରତିପାଦିତ ହୋଇଅଛି । ଏକ୍ଷେତ୍ରରେ

ଶାକ୍ୟସିଂହ ବା ବୋଧିସତ୍ତ୍ୱ ରୋମାନକାଥଲିକ ସମ୍ପ୍ରଦାୟର ଯେ ପ୍ରଚ୍ଛନ୍ନ ଅବସ୍ଥାରୁ, ଏ ବିଷୟରେ ସନ୍ଦେହ କରିବାର କାରଣ ନାହିଁ ।

ରୋମାନକାଥଲିକ୍ ବା ୟୁରୋପ ବୁଦ୍ଧଦେବଙ୍କ ଧର୍ମପ୍ରଣାଳୀର ମୂଳସୂତ୍ରମାନ ଗ୍ରହଣ କରିଥିଲେ ମଧ୍ୟ ପରକାଳ ସମ୍ବନ୍ଧରେ ବିଶେଷ ମତଟି ଗ୍ରହଣ କରିବାକୁ ସମର୍ଥ ହୋଇ ନାହାନ୍ତି । ପରକାଳ ସମ୍ବନ୍ଧରେ ବୁଦ୍ଧଦେବଙ୍କ ମତ ଅତି ବିଶୁଦ୍ଧ ଏବଂ ଯୁକ୍ତିସଙ୍ଗତ ଅଟେ । ଅବିନାଶୀ ମାନବାତ୍ମା ପାପ ବା ପୁଣ୍ୟ ଯେ କୌଣସି କାର୍ଯ୍ୟ କରେ, ପ୍ରତ୍ୟେକ କାର୍ଯ୍ୟର ଫଳଭୋଗ ସକାଶେ ସେ ଦାୟୀ । ଖ୍ରୀଷ୍ଟାନ ବା ମୁସଲମାନଙ୍କ ପରି ବୁଦ୍ଧ ଅନନ୍ତ ନରକ ସ୍ୱୀକାର କରନ୍ତି ନାହିଁ । ମାନବ ଯେତେ କିଛି ପାପ କରୁ ପଛକେ ଅନନ୍ତ ପାପ କରିବାକୁ ଅକ୍ଷମ । ତେଣୁ ଦଣ୍ଡସ୍ୱରୂପ ତାହା ପ୍ରତି ଅନନ୍ତ ନରକ ବିଧାନ ନିତାନ୍ତ ନିର୍ଦ୍ଦୟତାର ବିଷୟ ଅଟେ । କେହି ମନୁଷ୍ୟ ରାଜା ଏପରି ଆଇନ ଜାରି କଲେ ଆମ୍ଭେମାନେ ଅତି ନିଷ୍ଠୁର ଆଇନ ବୋଲି ବିଚାର କରନ୍ତୁ । ଦୟାସିନ୍ଧୁ ଈଶ୍ୱରଙ୍କ ରାଜ୍ୟରେ କି ଏପରି ବିଧାନ ଚଳି ପାରେ ? ମାତ୍ର ପାପର ପ୍ରତିଫଳ ନିଶ୍ଚୟ ଭୋଗ କରିବାକୁ ହେବ ଏବଂ ଧର୍ମଜନିତ କର୍ମର ପୁରସ୍କାରଲାଭରେ ମଧ୍ୟ ମାନବ ଅଧିକାରୀ । ବୌଦ୍ଧ ହିନ୍ଦୁ, ସବୁ ପୁନର୍ଜନ୍ମ ସ୍ୱୀକାର କରନ୍ତି । ପାପୀ ମୃତ୍ୟୁ ଉତ୍ତାରେ ଦରିଦ୍ର, ପର-ପୀଡ଼ିତ ବା ପଶୁ ପକ୍ଷୀ ତିର୍ଯ୍ୟକ୍ ପ୍ରାଣୀରୂପେ ଜନ୍ମଗ୍ରହଣ ଏବଂ ପାପର ଦଣ୍ଡ ଶେଷ ପର୍ଯ୍ୟନ୍ତ ପୁନଃପୁନଃ ଶରୀର ଧାରଣ କରୁଥାଏ । ଧାର୍ମିକ ଲୋକ ପୁଣ୍ୟାନୁସାରେ ଉତ୍କୃଷ୍ଟ ମାନବକୁଳରେ ଅଥବା ସ୍ୱର୍ଗରାଜ୍ୟରେ ଦେବତାସ୍ୱରୂପେ ଜନ୍ମଗ୍ରହଣ କରେ ଏବଂ କ୍ରମଶଃ ଉନ୍ନତି ଲାଭ କରି ଅବଶେଷରେ ନିର୍ବାଣଲାଭରେ ଅଧିକାରୀ ହୁଏ ।

ବସ୍ତୁତ ଭୂମଣ୍ଡଳରେ ଧର୍ମଶିକ୍ଷା ସମ୍ବନ୍ଧରେ ବୁଦ୍ଧଦେବ ଅଦ-ଗୁରୁ ହେଲେ ମଧ୍ୟ ପରିତାପର ବିଷୟ, ଏହି ମହାଧର୍ମ ମହାତ୍ମାଙ୍କ ଜନ୍ମସ୍ଥାନ ଭାରତବର୍ଷ ଏହି ମହାପବିତ୍ର ଅଶେଷ କଲ୍ୟାଣକର ଧର୍ମରୁ ବଞ୍ଚିତ ହୋଇ ନିତାନ୍ତ ଦୁର୍ଦ୍ଦଶାଗ୍ରସ୍ତ ହୋଇପଡ଼ିଅଛି । ଇତିହାସ ଭାରତରେ ସାର୍ବଭୌମ ସମ୍ରାଟ୍ ପଦରେ ମହାରାଜ କନିଷ୍କ, ମହାରାଜ ଶିଳାଦିତ୍ୟ, ମହାରାଜ ଅଶୋକ ପ୍ରଭୃତିଙ୍କ ନାମ ଘୋଷଣା କରେ । ସର୍ବସାଧାରଣରେ ସମ୍ୟକ୍‌ଭାବରେ ଶିକ୍ଷାବିସ୍ତାର ନିମନ୍ତେ ନାଳନ୍ଦା (ବିଶ୍ୱବିଦ୍ୟାଳୟ) ବୌଦ୍ଧଯୁଗରେ ସ୍ଥାପିତ ହୋଇଥିଲା । କେବଳ ପୀଡ଼ିତ ମନୁଷ୍ୟପାଇଁ ନୁହେ, ଇତର ପଶୁପକ୍ଷୀମାନଙ୍କ ଚିକିତ୍ସା ନିମନ୍ତେ ଯେଉଁ ଲକ୍ଷ ଲକ୍ଷ ଚିକିତ୍ସାଳୟ ସ୍ଥାପିତ ହୋଇଥିଲା, ବୌଦ୍ଧଧର୍ମ ସହିତ ସେ ସମସ୍ତ ବିଲୁପ୍ତ ହୋଇଅଛି । ଅସଂଖ୍ୟ ନିଃସ୍ୱାର୍ଥପର ବିଷୟବିରାଗୀ ପ୍ରାଣିହିତୈଷୀ ଭିକ୍ଷୁ ଯେ ଶିକ୍ଷା ଓ ସୁନୀତି ବିସ୍ତାର ଓ ପୀଡ଼ିତ ପ୍ରାଣିମାନଙ୍କ ସେବା ନିମନ୍ତେ ଦେଶଦେଶାନ୍ତରରେ ଭ୍ରମଣ କରୁଥିଲେ, ଇତିହାସରେ ସେ ସମସ୍ତ ବିବରଣ କଳ୍ପିତ ଉପନ୍ୟାସସ୍ୱରୂପ ପାଠ କରିବାକୁ ପାଉଁ ।

ହାୟ ! ହାୟ ! ବ୍ରାହ୍ମଣମାନେ ! ଭାରତଭୂମିରୁ ବୌଦ୍ଧଧର୍ମର ଉଚ୍ଛେଦ ସାଧନ କରି କି ଭୟଙ୍କର ଅମଙ୍ଗଳ ସଂଘଟନ କରାଇଅଛ? ଯେଉଁ ଅସଂଖ୍ୟ ନିର୍ଦ୍ଦୋଷ ପବିତ୍ରାତ୍ମା ସର୍ବୋପକାରୀ ମହାପ୍ରାଣି-ମାନଙ୍କର ମସ୍ତକ ଚୂର୍ଣ୍ଣିତ କରିଅଛ, ବିବେଚନା କରି ଦେଖ, ସେଥିସକାଶେ ହିନ୍ଦୁଙ୍କୁ କି ଦୁର୍ଦ୍ଦଶା ଭୋଗ କରିବାକୁ ହେଉଅଛି! ଯଦି ଏ ଜାତିର ମଙ୍ଗଳ ହୁଏ, ତୁମ୍ଭମାନଙ୍କ ଶାସ୍ତ୍ର ମିଥ୍ୟା ! ପ୍ରତ୍ୟକ୍ଷ ବା ପରୋକ୍ଷରେ ହିନ୍ଦୁର ଯେତେ କିଛି କ୍ଷତି ହେଉ— ସେ ଚୀନ ଜାପାନ ତିବ୍ବତ ପ୍ରଭୃତି ପ୍ରବଳ ଶକ୍ତିଶାଳୀ ପ୍ରତିବାସୀ

ବନ୍ଧୁମାନଙ୍କୁ ହରାଇ ବସିଅଛ । ହେ ବ୍ରାହ୍ମଣଗଣ! ବୌଦ୍ଧ ନାସ୍ତିକ, ଏପ୍ରକାର ଅଳୀକ ଦୋଷାରୋପ କରି ବୌଦ୍ଧଙ୍କୁ ତଡ଼ିଲ— ଅବଶ୍ୟ ତୁମ୍ଭମାନଙ୍କ ଈଶ୍ୱର ତେତିଶ କୋଟି, ତେବେ ହୋଇ ମଧ୍ୟ ଅଣ୍ଟିଲା ନାହିଁ; ସତ୍ୟପୀର, ମର୍ଦ୍ଦଗାଜୀ, ବଡ଼ଗାଜୀ ଈଶ୍ୱର-ମାନଙ୍କୁ ଧାର ଆଣି ମୋଟରେ ଚଉତିଶ କୋଟି କଲ । ତୁମ୍ଭ-ମାନଙ୍କ ଜାତିବିଭାଗ ପଇଁତିଶ କୋଟି, ଧର୍ମମତ ଛତିଶ କୋଟି । ଏ ଜାତିକୁ ଯଦି ସଭ୍ୟସମାଜରେ ଆସନ ଦିଆଯାଏ, ତେବେ ପ୍ରକୃତ ଜ୍ଞାନକୁ ନିତାନ୍ତ ଅପମାନ କରିବାକୁ ହୁଏ । ହେ ବ୍ରାହ୍ମଣମାନେ ! ଏବେ ହେଲେ କୁସଂସ୍କାର ଓ ସ୍ୱାର୍ଥ ତ୍ୟାଗ କରି ଜାତିଟାକୁ ରକ୍ଷା କର ।

ଆମ୍ଭେମାନେ ବୌଦ୍ଧସପକ୍ଷରେ ସଂକ୍ଷେପରେ କେତେଗୁଡ଼ିଏ କଥା କହିଗଲୁଁ । ମାତ୍ର ଏହାର ଯେ ଗୋଟିଏ ଭୟଙ୍କର ଗ୍ଲାନିର ବିଷୟ ବିଦ୍ୟମାନ ରହିଅଛି, ସେଥି ସମ୍ବନ୍ଧରେ ନିରୁତ୍ତର ରହିଲେ ପକ୍ଷପାତିତା ଦୋଷରେ ଲିପ୍ତ ହେବାକୁ ହେବ । ପୌତ୍ତଳିକତା ବୌଦ୍ଧର ଗୋଟିଏ ଭୟଙ୍କର ଗ୍ଲାନିର ବିଷୟ ଅଟେ । ମାତ୍ର ପ୍ରତିମାପୂଜା ବିଷୟରେ ସ୍ୱୟଂ ବୁଦ୍ଧଦେବ କୌଣସି ଉପଦେଶ ଦେଇଅଛନ୍ତି କି ନାହିଁ, ଆମ୍ଭେମାନେ ଲଳିତବିସ୍ତର ଓ ଅନ୍ୟାନ୍ୟ ମୂଳଗ୍ରନ୍ଥ ପାଠ କରି ସେଥିର ପ୍ରମାଣଯୋଗ୍ୟ କୌଣସି ବିଷୟ ପ୍ରାପ୍ତ ହୋଇ ନାହୁଁ । ପ୍ରତ୍ୟୁତ ଏ କଥା ସାହସ-ପୂର୍ବକ ବୋଲିଯାଇ ପାରେ ଯେ, ତାହାଙ୍କ ଜୀବନ କାଳରେ ପ୍ରତିମାପୂଜା ପ୍ରଚଳିତ ନ ଥିଲା । ବୁଦ୍ଧଦେବଙ୍କ ପରଲୋକ-ଗମନ ଉତ୍ତାରେ ଶିଷ୍ୟମାନେ ତାହାଙ୍କ ଚିତାଭସ୍ମ, ଅସ୍ଥି ଓ

ଦନ୍ତ ପ୍ରଭୃତି ଦୈହିକ ସ୍ତୂପ ମଧ୍ୟରେ ନିହିତ କରି ଅର୍ଚ୍ଚନା କରିବାର ପ୍ରଥା ପ୍ରଚଳନ କଲେ । ସେହି ସୂତ୍ର ଅବଲମ୍ବନ କରି ତହିଁ ଭିତ୍ତିରେ ବୋଧ କରୁଁ ପ୍ରତିମାପୂଜା ପ୍ରଚଳିତ ହେଲା । ବୁଦ୍ଧଗୟାରେ ତାରାଦେବୀ ଓ ବାଗୀଶ୍ୱରୀ ଦେବୀ; ବୈଶାଳୀରେ ଧ୍ୟାନୀ ବୁଦ୍ଧ, ଅବଲୋକିତେଶ୍ୱର; ନାଳନ୍ଦା ବିହାରରେ ଅବଲୋକିତେଶ୍ୱର, ତାରା, ବୋଧିସତ୍ତ୍ୱ, ହେରୁକ, ବଜ୍ରବାରାହୀ, ବାଗୀଶ୍ୱର, କପର୍ଦ୍ଦା ଦେବୀ ପ୍ରଭୃତି ବୌଦ୍ଧମାନଙ୍କର ପ୍ରଧାନ ଉପାସ୍ୟ ଦେବତା । ମାତ୍ର ଚୀନଦେଶୀୟ ଜ୍ଞାନୀ ବୌଦ୍ଧମାନେ ଦେବତା ଅର୍ଚ୍ଚନା କର୍ତ୍ତବ୍ୟ କାର୍ଯ୍ୟ ବୋଲି ବିବେଚନା କରନ୍ତି ନାହିଁ । ହୁଇ ନାମଧାରୀ ଜଣେ ବୌଦ୍ଧଧର୍ମ ପ୍ରଚାରକ ସ୍ପଷ୍ଟ ଲେଖି ଯାଇଛନ୍ତି ଯେ, ଆତ୍ମାର କଲ୍ୟାଣ ସାଧନ ନିମନ୍ତେ ପ୍ରତିମାପୂଜା ବୌଦ୍ଧମାନଙ୍କ ପକ୍ଷରେ ବରଂ ଦୂଷଣୀୟ ବିଷୟ ଅଟେ ।

କି ଉପାୟରେ ଏହି ମହାକଲ୍ୟାଣକର ଧର୍ମ ଭାରତରୁ ଦୂରୀଭୂତ ହେଲା ଏବେ ସେଥି ସମ୍ବନ୍ଧରେ ଦୁଇ ଚାରିଟା କଥା ଏ ସ୍ଥାନରେ ଉଲ୍ଲେଖ କଲେ ବୋଧ କରୁଁ ଅସଙ୍ଗତ ହେବ ନାହିଁ । ଅବହମାନ କାଳରୁ ଭାରତଭୂମି ବ୍ରାହ୍ମଣ୍ୟ ଆଧିପତ୍ୟ ବିସ୍ତାରର ଏକମାତ୍ର ପ୍ରଶସ୍ତ କ୍ଷେତ୍ର ଅଟେ । ବୌଦ୍ଧଧର୍ମର ମୂଳ-ମନ୍ତ୍ର ଜୀବେ ଦୟା । ମାନବ ମାତ୍ରକେ ଈଶ୍ୱରଙ୍କ ପୁତ୍ର । ତେଣୁ ଧର୍ମାର୍ଜ୍ଜନ ବିଷୟରେ ସମସ୍ତେ ସମାନ ଅଧିକାରୀ ଅଟନ୍ତି । ବୌଦ୍ଧ-ଧର୍ମ ପ୍ରଭାବରେ ଧର୍ମାନୁଷ୍ଠାନ ନିମନ୍ତେ ଅର୍ଥାତ୍ ଯାଗ ଯଜ୍ଞ ନିମନ୍ତେ ପଶୁହିଂସା ଏବଂ ଯେଉଁ ବ୍ରାହ୍ମଣମାନେ ଯଜନ ବ୍ୟବସାୟଦ୍ୱାରା ଜୀବିକା ନିର୍ବାହ କରୁଥିଲେ ସେମାନଙ୍କ କାର୍ଯ୍ୟ

ଏତାବେଳକେ ରହିତ ହୋଇ ଯାଇଥିଲା । ଏଥିକୁ ଧର୍ମ-ବ୍ୟବସାୟୀ ବ୍ରାହ୍ମଣମାନେ ଭଗ୍ନଦନ୍ତ ଭୁଜଙ୍ଗବତ୍ ପଡି ରହିଥିଲେ । ନ୍ୟାୟସଙ୍ଗତ ଏବଂ କରୁଣାପୂର୍ଣ୍ଣ ବୌଦ୍ଧଧର୍ମ ସହିତ ସଂଗ୍ରାମ କରିବା ସକାଶେ ସେମାନଙ୍କର ସାହସ ପର୍ଯ୍ୟାପ୍ତ ହେଉ ନ ଥିଲା । ଜଗତ୍ ପରିବର୍ତ୍ତନଶୀଳ, ଚିରସ୍ଥାୟୀ କିଛିହିଁ ନୁହେ । କିଛି କାଳ ଉତ୍ତାରେ ଅସାଧାରଣ ଧୀଶକ୍ତିସମ୍ପନ୍ନ ଅମିତ-ପ୍ରତିଭାଶାଳୀ ଶଙ୍କରାଚାର୍ଯ୍ୟ ଆବିର୍ଭୂତ ହେବାରୁ ତାହାଙ୍କ ଭୂତ ତର୍କ ସହାୟତାରେ ବ୍ରାହ୍ମଣଗଣ ବୌଦ୍ଧଧର୍ମକୁ ବିତାଡ଼ିତ କରିବାକୁ ସମର୍ଥ ହୋଇଥିଲେ । ଏହି ଶଙ୍କରାଚାର୍ଯ୍ୟଙ୍କ ଜନ୍ମସ୍ଥାନ ଭାରତର ଦକ୍ଷିଣବର୍ତ୍ତୀ ମଳୟ ଦେଶ । ଏ ପ୍ରାୟ ଆଠ ଶତ କୋଡଏ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ । ଶଙ୍କରାଚାର୍ଯ୍ୟଙ୍କ ଧର୍ମମତ ବେଦାନ୍ତପ୍ରତିପାଦ୍ୟ ସତ୍ୟ; ମାତ୍ର ଯେଉଁ ସମସ୍ତ ବେଦାନ୍ତସୂତ୍ର ବୌଦ୍ଧଧର୍ମର ଅନୁକୂଳ, ଶଙ୍କର ସ୍ୱପକ୍ଷ ସମର୍ଥନ ନିମନ୍ତେ ସେଥିର ସ୍ୱକପୋଳକଳ୍ପିତ ବରଂ ବିପରୀତ ଅର୍ଥ ପ୍ରତିପାଦନକାରୀ ଭାଷ୍ୟ ପ୍ରକାଶ କରିବାକୁ କିଛିମାତ୍ର କୁଣ୍ଠିତ ହୋଇ ନାହାନ୍ତି । ଏ ବିଷୟ ମହାପ୍ରଭୁ ଚୈତନ୍ୟଦେବ ସାର୍ବଭୌମ ପଣ୍ଡିତଙ୍କଠାରେ ଅଂଶିକ ପ୍ରକାଶ କରିଥିବାର ପ୍ରମାଣ ବିଦ୍ୟମାନ ରହିଅଛି ।

ଶାଙ୍କର ସମ୍ପ୍ରଦାୟ ପ୍ରକାଶ କରନ୍ତି, ବୌଦ୍ଧ ନାସ୍ତିକ; ହିନ୍ଦୁ-ସନ୍ତାନ ପକ୍ଷରେ ଗ୍ରହଣୀୟ ନୁହେ । ଆହା ! ମହାପବିତ୍ର ସୂର୍ଯ୍ୟ-ବଂଶାବତଂଶ ମହାତ୍ମନ ଶାକ୍ୟସିଂହ ଯେ କି ଈଶ୍ୱରଙ୍କ ଅବତାର-ରୂପେ ସ୍ୱୀକୃତ, ତାହାଙ୍କ ପ୍ରଚରିତ ଧର୍ମ କି ନାସ୍ତିକତା

ପ୍ରତିପାଦନକାରୀ ? ଏଥିରେ ନାସ୍ତିକତାର ଲକ୍ଷଣ କଣ ଅଛି ? ଅବଶ୍ୟ ବୁଦ୍ଧଦେବ ଈଶ୍ୱରଙ୍କ ସମ୍ବନ୍ଧରେ ନିରୁତ୍ତର । ତେବେ ସେଥି ସକାଶେ ତାହାଙ୍କୁ ନାସ୍ତିକ ବୋଲାଯାଇ ନ ପାରେ । ଈଶ୍ୱରଅସ୍ତିତ୍ୱ ଅସ୍ୱୀକାରକାରୀ ସିନା ନାସ୍ତିକ ? ଈଶ୍ୱର ସମ୍ବନ୍ଧରେ ବୁଦ୍ଧଦେବଙ୍କର ମତ କଣ—ନିମ୍ନଲିଖିତ ପ୍ରସଙ୍ଗରୁ ବୁଝନ୍ତୁ ।

ଏକଦା ଜଣେ ଶିଷ୍ୟ ତାହାଙ୍କୁ ପ୍ରଶ୍ନ କଲେ—"ପ୍ରଭୋ ! ଆପଣ ସମସ୍ତ ବିଷୟରେ ଉପଦେଶ ଦେଲେ; ମାତ୍ର ଈଶ୍ୱରଙ୍କ ସମ୍ବନ୍ଧରେ ତ କିଛି କଥା କହିଲେ ନାହିଁ ? ଈଶ୍ୱର କି ନାହାନ୍ତି ?" ବୁଦ୍ଧଦେବ—"ଈଶ୍ୱର ନାହାନ୍ତି କିଏ କହିଲା ?" ଶିଷ୍ୟ—"ତେବେ କି ଈଶ୍ୱର ଅଛନ୍ତି ?" ବୁଦ୍ଧଦେବ—"ଈଶ୍ୱର ଅଛନ୍ତି କିଏ ଦେଖିଛି ?" ବୁଦ୍ଧଦେବଙ୍କର ସାର ଉପଦେଶ—ଅବାଙ୍ମନସଗୋଚର ଈଶ୍ୱରଙ୍କ ସମ୍ବନ୍ଧରେ ତର୍କ କରିବାର ପ୍ରୟୋଜନ କଣ ? ସତ୍ କର୍ମାନୁଷ୍ଠାନ ଯୋଗେ ଆତ୍ମାକୁ ଉନ୍ନତ କର, ସହଜରେ ଉନ୍ନତ ସ୍ଥାନ ଲାଭରେ କ୍ଷମ ହେବ । ଯେହେତୁ କର୍ମଫଳ ତୁମ୍ଭର ନିୟନ୍ତା ଅଟେ । ବୁଦ୍ଧଦେବ ଈଶ୍ୱରଙ୍କ ସମ୍ବନ୍ଧରେ କି ସକାଶେ ନିରୁତ୍ତର, ସେଥିର ସଂକ୍ଷିପ୍ତ ବିବରଣ ସ୍ଥାନାନ୍ତରରେ ଆଲୋଚନା କରାଯିବ ।

ବୌଦ୍ଧ ଧର୍ମଶାସ୍ତ୍ର ତିନି ଭାଗରେ ବିଭକ୍ତ । ଏହି ତିନି ଭାଗର, ସାଧାରଣ ନାମ ପିଟକ । ହିନ୍ଦୁର ମୂଳ ଧର୍ମଶାସ୍ତ୍ର ଯେମନ୍ତ ତ୍ରିବେଦ, ବୌଦ୍ଧର ସେମନ୍ତ ତ୍ରିପିଟକ । ଏହି ତ୍ରିପିଟକର ନାମ—ସୂତ୍ର, ବିନୟ ଏବଂ ଅଭିଧର୍ମ । ଏହି

ଅଭିଧର୍ମ ବୌଦ୍ଧର ଦର୍ଶନଶାସ୍ତ୍ର ଅଟେ । ଅଭିଧର୍ମ ଈଶ୍ୱର ସମ୍ବନ୍ଧରେ ସନ୍ଦିହାନ । ଏହି ଦର୍ଶନଶାସ୍ତ୍ରକୁ ଲକ୍ଷ୍ୟ କରି ହିନ୍ଦୁ ବୌଦ୍ଧକୁ ନାସ୍ତିକ ବୋଲି ଆଖ୍ୟା ପ୍ରଦାନ କରିଥାନ୍ତି । ହେଲେ ଇହକାଳସର୍ବସ୍ୱ ଚାର୍ବାକ ପରି ବୌଦ୍ଧକୁ ନାସ୍ତିକ ବୋଲି କେହି କହିବାକୁ କଦାପି ସାହସ କରି ପାରିବ ନାହିଁ । ବର୍ତ୍ତମାନ ସମୟରେ ସିଂହଳବାସୀ ବୌଦ୍ଧମାନେ ଈଶ୍ୱରସନ୍ଦେହୀ ସତ୍ୟ; ମାତ୍ର ନେପାଳ, ଚୀନ୍, ଭୂଟାନ, ତିବ୍ବତ ପ୍ରଭୃତି ଦେଶବାସି-ମାନେ ସ୍ପଷ୍ଟରୂପେ ଈଶ୍ୱରବିଶ୍ୱାସୀ ଅଟନ୍ତି ।

ବୌଦ୍ଧଦର୍ଶନ ଅଭିଧର୍ମକୁ ଲକ୍ଷ୍ୟ କରି ଯେବେ ସେମାନଙ୍କୁ ନାସ୍ତିକ ବୋଲାଯାଏ, ତେବେ ସେ ହିସାବରେ ବେଦାନ୍ତ ପାତଞ୍ଜଳକୁ ଛାଡ଼ି ଅନ୍ୟାନ୍ୟ ସମସ୍ତ ଦର୍ଶନକାର ଅର୍ଥାତ୍ ବୈଶେଷିକକାର କଣାଦ, ସାଂଖ୍ୟକାର କପିଳ, ନ୍ୟାୟରଚକ ଗୌତମ, ମୀମାଂସାକର୍ତ୍ତା ଜୈମିନି ସମସ୍ତେ ଯେ ନାସ୍ତିକ-ପଦରେ ବାଚ୍ୟ ହୋଇ ପଡ଼ିବେ । ବେଦାନ୍ତରେ ଯେମନ୍ତ ବ୍ରହ୍ମ-ମୀମାଂସା, ମୀମାଂସାଦର୍ଶନରେ ସେହିପରି କର୍ମମୀମାଂସା । ତାହାଙ୍କ ମତରେ ସୃଷ୍ଟି ସମ୍ବନ୍ଧରେ ଈଶ୍ୱରଙ୍କ ସ୍ଥାନ ଗୌଣ ଅଟେ । ନ୍ୟାୟ ଓ ମୀମାଂସା ଉଭୟର ମତ ମିଳାଇ ଦେଖିଲେ ତୁଲ୍ୟରୂପ ବୋଧ ହୁଏ । ବୈଶେଷିକକାର ମହର୍ଷି କଣାଦ ଦ୍ରବ୍ୟ, ଗୁଣ, କର୍ମ, ସାମାନ୍ୟ, ବିଶେଷ, ସମବାୟ, ଅଭାବ ଇତ୍ୟାଦି ବିଷୟ ଆଲୋଚନାରେ ଗ୍ରନ୍ଥ ପୂର୍ଣ୍ଣ କରି ଯାଇଅଛନ୍ତି । ବ୍ରହ୍ମତତ୍ତ୍ୱ ବିଷୟ ଆଲୋଚନାର ଉପକାରିତା ବିଷୟରେ ତାଦୃଶ ମନୋଯୋଗ କରି ନାହାନ୍ତି । ସେ ଯାହା ହେଉ, କେବଳ ମୂଳ ବିଷୟ

ଈଶ୍ୱରତତ୍ତ୍ୱ ନୁହେଁ, ଅନ୍ୟାନ୍ୟ ବହୁବିଧ ବିଷୟରେ ହିନ୍ଦୁଦର୍ଶନମାନଙ୍କ ମତ ସହିତ ବୌଦ୍ଧଦର୍ଶନ ମତର ସାମଞ୍ଜସ୍ୟ ସମ୍ବନ୍ଧରେ ପ୍ରମାଣ କରିବା ନିମନ୍ତେ ଦୃଷ୍ଟାନ୍ତସ୍ୱରୂପ କେତୋଟି ବିଷୟ ଆମ୍ଭେମାନେ ଏ ସ୍ଥାନରେ ଉଲ୍ଲେଖ କରିବାକୁ ଇଚ୍ଛା କରୁଁ । ଉଭୟ ଦର୍ଶନ ମତରେ କର୍ମଫଳଭୋଗ—ଯୋନିଭ୍ରମଣ—ଜୀବମାତ୍ରଙ୍କେ ଦୁଃଖଭୋଗ—ମୁକ୍ତି ବା ନିର୍ବାଣରେ ଦୁଃଖରୁ ପରିତ୍ରାଣ ପାଇବାର ଉପାୟ ଇତ୍ୟାଦି ବିଷୟ ଭିନ୍ନରୂପେ ବର୍ଣ୍ଣିତ ଅଛି । ବିଶେଷରେ କି ଖ୍ରୀଷ୍ଟାନ, ମୁସଲମାନ, ହିନ୍ଦୁ—କି ବୌଦ୍ଧ—ସମସ୍ତଙ୍କର ଲକ୍ଷ୍ୟସ୍ଥାନ ମୁକ୍ତି ବା ନିର୍ବାଣଲାଭ, ପନ୍ଥା ସ୍ୱତନ୍ତ୍ର ମାତ୍ର । ଏଥିରୁ ଆମ୍ଭେମାନେ ଜଗନ୍ନାଥୀ ଭାଷାରେ ବୋଲି ପାରୁଁ, "ଯେତେକ ଦେଖ ନଦ ନଦୀ, ସମସ୍ତେ ମିଳିବେ ଜଳଧି ।"

ସାଂଖ୍ୟର ସାର ମତ ଯୁକ୍ତି ପ୍ରଦର୍ଶନଦ୍ୱାରା ଈଶ୍ୱରଙ୍କ ଅସ୍ତିତ୍ୱ ପ୍ରତିପାଦନ କରିବାକୁ ଯିବା ବିଡ଼ମ୍ବନା ମାତ୍ର । ଯେହେତୁ "ଈଶ୍ୱରାସିଦ୍ଧେଃ" । ଅନ୍ୟାନ୍ୟ ଦର୍ଶନ ପରି ସାଂଖ୍ୟଦର୍ଶନର ପ୍ରତିପାଦ୍ୟ ବିଷୟ ଚାରିଗୋଟି—ପ୍ରକୃତି, ବିକୃତି, ପ୍ରକୃତି-ବିକୃତି ଏବଂ ପୁରୁଷ ।

ସ୍ପଷ୍ଟ ବ୍ରହ୍ମବାଦୀ ବେଦାନ୍ତ ଦର୍ଶନର ସାର ଉକ୍ତି—
"ଯତୋ ବାଚୋ ନିବର୍ତ୍ତନ୍ତେ ଅପ୍ରାପ୍ୟ ମନସା ସହ ।"

ଶାଙ୍କର ଦର୍ଶନର ସାର ଉକ୍ତି—"ସୋଽହମ୍" । ଶାରୀରକ ସୂତ୍ରର ଭାଷ୍ୟକାର ଟୀକା କଳ୍ପତରୁରେ ସ୍ପଷ୍ଟରୂପେ ଲେଖି-

ଅଛନ୍ତି, "ବ୍ରହ୍ମୈବ ବ୍ରହ୍ମାନ୍ୟତ୍ ସଦ୍‌ବସ୍ତୁ ନାସ୍ତି ।" ଅର୍ଥାତ୍ ବସ୍ତୁସାର ବ୍ରହ୍ମ ମାତ୍ର ।

ମହାପ୍ରଭୁ ଚୈତନ୍ୟଦେବଙ୍କ ମତ ନିତାନ୍ତ ସହଜବୋଧ ଅଟେ । ଈଶ୍ୱର ସମ୍ବନ୍ଧରେ ତର୍କ କର ନାହିଁ, "ବିଶ୍ୱାସେ ପାଇବେ କୃଷ୍ଣ ତର୍କେ ବହୁଦୂର ।"

ଦେଖନ୍ତୁ, ପୃଥିବୀସ୍ଥ କୌଣସି ଧର୍ମଶାସ୍ତ୍ର ବା ଆବହମାନ କାଳରୁ ଯେତେ ଧର୍ମପ୍ରଚାରକ ଅବତୀର୍ଣ୍ଣ ହୋଇଅଛନ୍ତି, କେହି ଈଶ୍ୱରଙ୍କ ପ୍ରକୃତ ସ୍ୱରୂପ ନିରୂପଣ କରିବାକୁ କ୍ଷମ ହୋଇ ନାହାନ୍ତି । ଏତାବତ୍ ଅସୀମ ଜ୍ଞାନୀ ମହାମୁନି ଗୌତମ ବୁଦ୍ଧଙ୍କ ମତ ଦେଖିଲେ, ମହାସିନ୍ଧୁର ଇୟତ୍ତା କରିବା ଶଫରୀ ପକ୍ଷରେ ଯେପରି ଅସମ୍ଭବ, ଅପାରସାଗରବିହାରୀ ମାନବ-ଶଫରୀ ପକ୍ଷରେ ବ୍ରହ୍ମାଣ୍ଡପତିଙ୍କ ସ୍ୱରୂପ ନିରୂପଣ କରିବା ତତୋଽଧିକ କଠିନ ବିଷୟ ଅଟେ । ମାତ୍ର କୌଣସି ଅନିର୍ଦ୍ଦେଶ୍ୟ ଆକର୍ଷଣ ପ୍ରଭାବରେ ମାନବାତ୍ମା ପ୍ରତିନିୟତ ମହୋଚ୍ଚ ସ୍ଥାନ ପ୍ରତି ପ୍ରଧାବିତ । ସାଧାରଣତଃ ଲୋକେ ସେହି ମହୋଚ୍ଚ ସ୍ଥାନ ଅର୍ଥାତ୍ ଈଶ୍ୱରଙ୍କୁ ପ୍ରାପ୍ତ ହେବା ନିମନ୍ତେ ସାଧନାଯୋଗେ ଆତ୍ମାକୁ ତଦ୍‌ପ୍ରାପ୍ତିର ଉପଯୋଗୀ କରିବା ସକାଶେ ଜୀବନବ୍ୟାପୀ କଷ୍ଟ ସ୍ୱୀକାର କରିବାକୁ ଅନିଚ୍ଛୁକ ବା ଅକ୍ଷମ । ଅଥଚ ପ୍ରତି ନିମେଷ ଆକର୍ଷଣଶକ୍ତି ପ୍ରଭାବରେ ସେହି ସ୍ଥାନ ପ୍ରାପ୍ତି ସକାଶେ ଯତ୍ନ ନ କରି ସ୍ଥିର ହୋଇ ପାରେ ନାହିଁ । ଏଥିରୁ ସେହି ମହୋଚ୍ଚସ୍ଥାନ (ଈଶ୍ୱରଙ୍କୁ) ଇନ୍ଦ୍ରିୟଗ୍ରାହ୍ୟ ଜଡୀୟ ପଦାର୍ଥରୂପେ ଅବଲମ୍ବନ କରି ଆତ୍ମଲାଭ କରିବାକୁ ସଚେଷ୍ଟ । ଏହାକୁ ଆତ୍ମପ୍ରତାରଣା ବୋଲା

ସତ୍ ବଣ ବୋଲି ଯାଇ ପାରେ ? ଈଶ୍ୱରପ୍ରାପ୍ତି ବିଷୟରେ ଆମ୍ଭାକୁ ଉପଯୋଗୀ ନ କରି କଳ୍ପନାଯୋଗେ ଈଶ୍ୱରସତ୍ତାକୁ ଅବନତ କରାଇ ଇନ୍ଦ୍ରିୟସେବନୋପଯୋଗୀ କରାଇବାକୁ ଚେଷ୍ଟା କରିବା କେବଳ ନିଷ୍ଫଳ ନୁହେଁ; ବିବେଚନା କରି ଦେଖନ୍ତୁ, ପ୍ରତ୍ୟୁତ ପ୍ରତ୍ୟବାୟର କାରଣ ଅଟେ । ପୃଥିବୀସ୍ଥ ଧର୍ମ-ରାଜ୍ୟ ପ୍ରତି ଦୃଷ୍ଟିପାତ କରି ଦେଖନ୍ତୁ, ନାନାବିଧ ସମ୍ପ୍ରଦାୟର ଲୋକଙ୍କଦ୍ୱାରା କେବଳ ଈଶ୍ୱରର ଜଡ଼ମୂର୍ତ୍ତିମାନ ସଚ୍ଚିଦ୍ରୂପ ଅବିନାଶୀ ପରମେଶ୍ୱରରୂପେ ପୂଜିତ ହେଉଅଛନ୍ତି, ଏମନ୍ତ ନୁହେ, ବହୁ ସ୍ଥଳରେ ଅନେକ ଜାତି ମଧ୍ୟରେ ନାନାପ୍ରକାର ପଶୁ, ଏମନ୍ତ କି,ଶ୍ୱାନ ମାର୍ଜାର ସର୍ପ ପ୍ରଭୃତି ମାନବଜାତିର ଅନିଷ୍ଟକାରୀ ନିକୃଷ୍ଟ ପ୍ରାଣିମାନେ ଏବଂ ବିଶାଳ ବୃକ୍ଷ ଏବଂ ମୃତ ମନୁଷ୍ୟମାନେ ବିଶ୍ୱପାତା ପରମେଶ୍ୱରଙ୍କ ସ୍ଥଳାଭିଷିକ୍ତ ହୋଇ ପୂଜିତ ହେଉଥିବାର ସ୍ପଷ୍ଟ ଦେଖା ଯାଉଅଛି । ମହାଜ୍ଞାନୀ ଭବିଷ୍ୟଦର୍ଶୀ ମହର୍ଷି ଗୌତମ ଈଦୃଶ ମାରାତ୍ମକ ବ୍ୟବହାର ନିବାରଣ ନିମନ୍ତେ ଉପଦେଶ ଦେଇଅଛନ୍ତି, ତୁମ୍ଭେ ଈଶ୍ୱରଲାଭ ନିମନ୍ତେ ବ୍ୟାକୁଳ ହୁଅ ନାହିଁ, ଆତ୍ମାକୁ ଉନ୍ନତ କଲେ ସହଜରେ ନିର୍ବାଣଲାଭରେ ସମର୍ଥ ହେବ । ପଣ୍ଡିତ କୋକିଳେଶ୍ୱର ଭଟ୍ଟାଚାର୍ଯ୍ୟ ଏମ୍. ଏ. ମହୋଦୟଙ୍କ ପ୍ରଣୀତ 'ଉପନିଷଦେର ଉପଦେଶ' ନାମକ ଗ୍ରନ୍ଥରେ ଏ ବିଷୟ ସଂକ୍ଷିପ୍ତ ଅଥବା ବିଶଦରୂପେ ବ୍ୟାଖ୍ୟାତ ହୋଇଅଛି । ଉକ୍ତ ଗ୍ରନ୍ଥର ଏକ ସ୍ଥାନର ଅନୁବାଦ ଏହି—"ବୁଦ୍ଧଦେବ ଜାଣିଥିଲେ ଯେ, ସାଧାରଣ ମାନବ ଈଶ୍ୱରଙ୍କ ଜ୍ଞାନଯୋଗେହିଁ ଜାଣିତ, ଈଶ୍ୱର ଶାସନ ସେନ ବ୍ୟସ୍ତ । ଯାହା ଈଶ୍ୱର ଜ୍ଞାନର ଅଗତ, ଈନ୍ଦ୍ରିୟ ଜ୍ଞାନଯୋଗରେ ଯାହାର ସ୍ୱରୂପ ବୁଝାଯିବ

ନାହିଁ, ସେ ବିଷୟରେ ଉପଦେଶ ଦେଲେ କେହି ବୁଝିବ ନାହିଁ । ମନୁଷ୍ୟ ଏହି ନୈତିକ ଜ୍ଞାନଗୁଡ଼ିକ ମାର୍ଜନା କରୁ, ସତ୍ୟଶୀଳତାଦିର ଅନୁଷ୍ଠାନ କରୁଥାଉ ଏବଂ ତଦ୍ଦ୍ୱାରା ସ୍ୱଭାବନୈର୍ମଲ୍ୟ ଜାତ ହେଲେ ମାନବ ଆପେ ଆପେ ସେତେବେଳେ ତାହାଙ୍କୁ ଅନୁଭବ କରିବାକୁ ସକ୍ଷମ ହେବ ।" ଆର୍ଯ୍ୟଜାତିର ସମସ୍ତ ଦର୍ଶନ ଶାସ୍ତ୍ରର ଉଦ୍ଦେଶ୍ୟ ଏକ ଶୃଙ୍ଖଳରେ ଗ୍ରଥିତ ଥିବା ସମ୍ବନ୍ଧରେ ଉଲ୍ଲିଖିତ ଗ୍ରନ୍ଥର ଅନ୍ୟ ସ୍ଥଳରେ ଲିଖିତ ଅଛି । ଯଥା— "ତେବେ ଆମ୍ଭେମାନେ ଦେଖୁଅଛୁଁ ଯେ, ସ୍ଥୂଳତଃ ବୌଦ୍ଧଦର୍ଶନ ସହିତ ସାଙ୍ଖ୍ୟ ଓ ବେଦାନ୍ତର କୌଣସି ବିରୋଧ ନାହିଁ । ବୌଦ୍ଧଦର୍ଶନ ହିନ୍ଦୁଦର୍ଶନର ଗୋଟିଏ ଅଂଶ ଅଟେ ଏବଂ ତହିଁରୁ ସଂଗୃହୀତ । ଉପନିଷଦହିଁ ଭାରତୀୟ ଦର୍ଶନଗୁଡ଼ିକର ମୂଳଭୂମି । ମୂଳପ୍ରସ୍ରବଣରୁ ତିନିଗୋଟି ଧାରା ବହିର୍ଗତ ହୋଇ ବିଶାଳ ସ୍ରୋତସ୍ୱିନୀରେ ପରିଣତ ହୋଇଅଛି । ଅନୈକ୍ୟ ହେବ କିପରି ? ତେବେ ଶଙ୍କରାଚାର୍ଯ୍ୟ ଯେ ବେଦାନ୍ତଭାଷ୍ୟରେ ବୌଦ୍ଧ ମତକୁ ଆକ୍ରମଣ କରି ଯାଇଅଛନ୍ତି, ସେଥିର କାରଣ—କାଳକ୍ରମରେ ବୁଦ୍ଧଦେବଙ୍କ ଉପଦେଶର ସାରତତ୍ତ୍ୱଗୁଡ଼ିକ ଲୁପ୍ତ ହୋଇ ଲୋକରେ ବିକୃତ ଅର୍ଥ ପ୍ରଚଳିତ ହୋଇ ପଡିଥିଲା । ଶଙ୍କରାଚାର୍ଯ୍ୟଙ୍କ ଆକ୍ରମଣ ସେ ବିକୃତ ବସ୍ତୁକୁ ଲକ୍ଷ୍ୟ କରି । ତେବେ କି ଆମ୍ଭେମାନେ ବୋଲିବୁଁ, ବୌଦ୍ଧଧର୍ମରେ ଗ୍ଲାନି ଉପସ୍ଥିତ ହେବାରୁ ଶଙ୍କରାବତାର ?"

ବର୍ତ୍ତମାନ ସାହସପୂର୍ବକ ବୋଲିଯାଇ ପାରେ, ଆର୍ଯ୍ୟଜାତିର ସମସ୍ତ ଦର୍ଶନର ଉଦ୍ଦେଶ୍ୟ ଗୋଟିଏ ମାତ୍ର । ସମସ୍ତଙ୍କର ଉଦ୍ଦେଶ୍ୟ

ମୁକ୍ତିର ଅନ୍ୱେଷଣ, ତେବେ ମାର୍ଗ ସ୍ୱତନ୍ତ୍ର ସ୍ୱତନ୍ତ୍ର ଅଟେ । ନ୍ୟାୟର ମାର୍ଗ ମନୋବିଜ୍ଞାନ, ସାଂଖ୍ୟର ମାର୍ଗ ପ୍ରକୃତି-ବିଜ୍ଞାନ, ବେଦାନ୍ତର ମାର୍ଗ ବ୍ରହ୍ମବିଜ୍ଞାନ, ବୌଦ୍ଧର ଆତ୍ମବିଜ୍ଞାନ ଅବଲମ୍ବନୀୟ ମାର୍ଗ ଅଟେ । ଏଥିରୁ ସମସ୍ତ ଦର୍ଶନର ତତ୍ତ୍ୱବସ୍ତୁର ସମାନ ନ ହେଲେ ମଧ୍ୟ ପରିଣାମ ଫଳ ଏକମାତ୍ର ଅଟେ । ଆପାତ ବୋଧରେ ବୌଦ୍ଧ, ବେଦାନ୍ତ, ସାଂଖ୍ୟ ଓ ନ୍ୟାୟଦର୍ଶନମାନଙ୍କ ମଧ୍ୟରେ ପରସ୍ପରତଃ ଯେଉଁ ଯେଉଁ ସ୍ଥାନରେ ମତଦ୍ୱୈଧ ଥିବାର ପ୍ରତୀୟମାନ ହୁଏ, ଦୃଷ୍ଟାନ୍ତସ୍ୱରୂପ ଆମ୍ଭେମାନେ ସେଥି ମଧ୍ୟରୁ ଗୋଟିଏ ଯୋଡ଼ିଏ ଦୃଷ୍ଟାନ୍ତ ଏ ସ୍ଥାନରେ ଉଲ୍ଲେଖ କରିବାର ଆବଶ୍ୟକ ବୋଲି ବିବେଚନା କରୁଁ ।

ଦୃଷ୍ଟ, ଅନୁମାନ ଓ ଆପ୍ତବଚନ ଏହି ପ୍ରମାଣତ୍ରିତୟ ମଧ୍ୟରୁ ବୌଦ୍ଧଦର୍ଶନ କେବଳ ପ୍ରତ୍ୟକ୍ଷ-ପକ୍ଷପାତୀ, ଅନୁମାନ ବା ଆପ୍ତ-ବଚନ ପ୍ରତି ଆସ୍ଥା ସ୍ଥାପନ କରିବାକୁ ନିତାନ୍ତ ପରାଙ୍ମୁଖ । ତାହାଙ୍କର ମତ—ଯେଉଁ ପ୍ରମାଣରେ ଭ୍ରାନ୍ତିପାତ ଅପରିହାର୍ଯ୍ୟ, ସେଥିରେ ବିଶ୍ୱାସ ସ୍ଥାପନ କରିବା ନିତାନ୍ତ ନିରାପଦ ନୁହେ, ମଧ୍ୟ ପ୍ରୟୋଜନାଭାବ । ତାହାଙ୍କର ବକ୍ତବ୍ୟ—ଅନୁମାନ ବା ଆପ୍ତବାକ୍ୟ ଯେଉଁ ସମସ୍ତ ସ୍ଥଳରେ ଅଭ୍ରାନ୍ତରୂପେ ପ୍ରତୀୟମାନ ହୁଏ, ଅନୁଧାବନ କରି ଦେଖିଲେ ସେ ସମସ୍ତ ସ୍ଥଳ ପ୍ରତ୍ୟକ୍ଷ ପ୍ରମାଣର ଗୌଣ କ୍ରିୟାରୂପେ ଅନୁମିତ ହେବ । ଅନୁମାନ ପ୍ରମାଣର ଲକ୍ଷଣ ବ୍ୟାପ୍ୟ ବ୍ୟାପକଭାବ ଏବଂ ପକ୍ଷଧର୍ମତାଜ୍ଞାନଜନ୍ୟ ଯେଉଁ ବୁଦ୍ଧି ବୃତ୍ତି, ତାହା ଅନୁମାନ । ଯଥା—"ପର୍ବତୋ ବହ୍ନିମାନ୍ ଧୂମାତ୍ ।" ଅର୍ଥାତ୍ ପର୍ବତରୁ ଧୂମ ନିର୍ଗତ ହେବାର ଦେଖିଲେ

ସେଥିରେ ଅଗ୍ନିର ଅବସ୍ଥାନ ନିଶ୍ଚୟରୂପେ ଜଣାଯାଏ । ଯେହେତୁ ବ୍ୟାପ୍ୟ ଓ ବ୍ୟାପକତ୍ୱର ଅର୍ଥାତ୍ ନିତ୍ୟ ସମ୍ବନ୍ଧ ଥିବାରୁ ଧୂମ-ନିର୍ଗମନ ସ୍ଥାନରେ ଅଗ୍ନିର ଅବସ୍ଥାନ ନିଶ୍ଚିତ କଥା ଅଟେ । ଅତ୍ର ଅଗ୍ନିର ପ୍ରଭବସ୍ଥଳ ଯେ ପର୍ବତ ତାହା ପକ୍ଷଧର୍ମାବଲମ୍ବୀ । ବୌଦ୍ଧମତରେ ଏହା ମଧ୍ୟ ପ୍ରତ୍ୟକ୍ଷ ପ୍ରମାଣର ଗୌଣକ୍ରିୟା ମାତ୍ର । ଅଗ୍ନି ସହିତ ଧୂମର ବ୍ୟାପ୍ୟ ବ୍ୟାପକତା ସମ୍ବନ୍ଧ ଆମ୍ଭ-ମାନଙ୍କ ପୂର୍ବ ପ୍ରତ୍ୟକ୍ଷୀଭୂତ ବିଷୟ ମାତ୍ର । ଯେଉଁଲୋକ ଅଗ୍ନି ଓ ଧୂମର ନିତ୍ୟସମ୍ବନ୍ଧତା ବିଷୟ ପ୍ରତ୍ୟକ୍ଷ କରି ନାହିଁ, ସେ ଲୋକ ଧୂମ ଦେଖି ପର୍ବତରେ ଅଗ୍ନିର ଅବସ୍ଥାନ ବିଷୟ ଅନୁମାନ କରିବାକୁ କଦାଚ ସମର୍ଥ ହେବ ନାହିଁ । ନିଷ୍ଠ୍ୟାତ୍ମକ ଆପ୍ତବାକ୍ୟ ଯଥା—

"ଅକବର ଦିଲ୍ଲୀରେ ବାଦଶାହ ଥିଲେ," ଇତିହାସ ପାଠରୁ ଜାଣୁଅଛୁଁ । ଆମ୍ଭେମାନେ ନ ଦେଖୁ, ମାତ୍ର ଲୋକ ହେଲେ ତାହାଙ୍କୁ ଦେଖି ଏ କଥା ଲେଖି ଯାଇଅଛନ୍ତି । ଏତତ୍ ସମ୍ବନ୍ଧରେ ଆମ୍ଭେମାନେ ଆଉ ଗୋଟିଏ ବିଷୟ ଏ ସ୍ଥାନରେ ଉଲ୍ଲେଖ କରିବୁଁ ।

ବୌଦ୍ଧଦର୍ଶନ ମତରେ ଜଗତ ସତ୍, ଯେହେତୁ ଏହା ପ୍ରତ୍ୟକ୍ଷୀଭୂତ ବିଷୟ ଅଟେ । ପୁଣି ଏହାର ଉତ୍ପତ୍ତିର କାରଣ ଅସତ୍ । ଅସତ୍ ଅର୍ଥ ଏ ସ୍ଥାନରେ ମିଥ୍ୟା ନୁହେଁ, ଅଭାବ । ଯଥା— ବୀଜରୁ ଅଙ୍କୁରୋତ୍ପତ୍ତି । ଅଙ୍କୁର ପ୍ରତ୍ୟକ୍ଷୀଭୂତ ବସ୍ତୁ, ତେଣୁ ସତ୍ । ମାତ୍ର ଏହାର ଉତ୍ପତ୍ତିର ଉପାଦାନ କାରଣ ଯେଉଁ ବୀଜ, ତାହା ଅସତ୍, ଯେହେତୁ ସେ ବୀଜ ବିନଷ୍ଟ ହୋଇଯାଇଅଛି । ଏ ସମ୍ବନ୍ଧରେ ବେଦାନ୍ତଦର୍ଶନର ମତ—ବୀଜ ସତ୍, ଯେହେତୁ

ଏହା ଅହଙ୍କାରପ୍ରବୃତ୍ତିର ମୂଳୀଭୂତ କାରଣ ଅଟେ । ଅଙ୍କୁର ଅସତ୍, ଯେହେତୁ ଏହା ଅନ୍ୟ ଗୋଟିଏ କାରଣର କାର୍ଯ୍ୟ ମାତ୍ର । ତଦ୍ରୂପ ଜଗତର ଉତ୍ପତ୍ତିକାରଣ ବ୍ରହ୍ମପଦାର୍ଥ ମାତ୍ର ସତ୍ ଅଟନ୍ତି । ବେଦାନ୍ତ ମତରେ ଜଗତର ଉତ୍ପତ୍ତି ସ୍ଥିତି କେବଳ ମାୟାର ଲୀଳା ମାତ୍ର । ଅନ୍ୟତ୍ର ନ୍ୟାୟ ଓ ବୈଶେଷିକ ଦର୍ଶନ ମତରେ ସତ୍‌ରୁ ଅସତ୍‌ର ଉତ୍ପତ୍ତି । ପରମାଣୁ ସତ୍ ପଦାର୍ଥ, ଜଗତ ଅସତ୍ । ଏଠାରେ ଅସତ୍ ଅର୍ଥ ଅଙ୍କୁର ।

ଉଲ୍ଲିଖିତ ପ୍ରସଙ୍ଗାବଳୀର ପୋଷକତା ନିମନ୍ତେ ଅନ୍ୟୁନ ମଧ୍ୟ ଗୋଟିଏ ପ୍ରସଙ୍ଗର ଅବତାରଣା କରିବାକୁ ଇଚ୍ଛା କରୁଁ— ବେଦମତରେ ସୃଷ୍ଟିର ନିମିତ୍ତକାରଣ ପୁରୁଷ ବା ହିରଣ୍ୟଗର୍ଭ; ମୀମାଂସା ମତରେ—କର୍ମ; ବୈଶେଷିକ ମତରେ—କାଳ; ନ୍ୟାୟ ମତରେ—ପରମାଣୁ; ସାଂଖ୍ୟ ମତରେ—ପ୍ରକୃତି; ବେଦାନ୍ତ ମତରେ—ବ୍ରହ୍ମ । ମାତ୍ର ଭିନ୍ନ ଭିନ୍ନ ଦର୍ଶନ ସୃଷ୍ଟିର ଉପାଦାନକାରଣ ଭିନ୍ନ ଭିନ୍ନ ବସ୍ତୁ ନିର୍ଣ୍ଣୟ କଲେ ମଧ୍ୟ ପ୍ରକୃତ-ପକ୍ଷରେ ସମସ୍ତଙ୍କ ମତର ସାମଞ୍ଜସ୍ୟ ଓ ସତ୍ୟମୂଳକତ୍ୱ ଥିବା ବିଷୟରେ ପ୍ରତିବାଦ କରିବାର କାରଣ ବିଦ୍ୟମାନ ନାହିଁ । ଜଗତର କାରଣ ସମ୍ବନ୍ଧରେ ସମସ୍ତେହିଁ ନିମିତ୍ତ କାରଣ ଅଟନ୍ତି । ଯଥା—ବେଦ ବା ବେଦାନ୍ତ ମତରେ ବ୍ରହ୍ମ—ବାସ୍ତବରେ ବ୍ରହ୍ମ ସୃଷ୍ଟି ନ କଲେ ଜଗତ୍ ସୃଷ୍ଟ ହେବାର ଅସମ୍ଭବ । ମୀମାଂସା— କର୍ମଚେଷ୍ଟା ବିନା ଜଗତର କୌଣସି କାର୍ଯ୍ୟ ସିଦ୍ଧ ହୋଇ ନ ପାରେ । ବୈଶେଷିକ—ପ୍ରତ୍ୟେକ କାର୍ଯ୍ୟ ସାଧନ ସକାଶେ ସମୟ ଅପେକ୍ଷଣୀୟ । ସାଂଖ୍ୟ—ତତ୍ତ୍ୱ ସମସ୍ତର ସମବାୟ ବିନା

କାର୍ଯ୍ୟ ସାଧିତ ହେବା ଅସମ୍ଭବ । ଏଥିରୁ ସୃଷ୍ଟି ରଚନାରୂପ କାର୍ଯ୍ୟ ପ୍ରତି ସମସ୍ତେହିଁ କାରଣ ଅଟନ୍ତି ।

ଚଳିତ କଥାରେ ପ୍ରସଙ୍ଗଟିର ବ୍ୟାଖ୍ୟା ଆମ୍ଭେମାନେ ଏହି-ପରି କରି ପାରୁଁ । ଯଥା—ଘଟନିର୍ମାଣ ପ୍ରତି ନିମିତ୍ତ କାରଣ—କୁମ୍ଭକାର । ଦ୍ୱିତୀୟ ଲୋକ କହିଲେ—ନାହିଁ ନାହିଁ—ମୃତ୍ତିକା । ତୃତୀୟ ଲୋକର ଉକ୍ତି—ଚକ୍ର । ଚତୁର୍ଥ ଲୋକ—ଦଣ୍ଡ ଓ ଜଳକୁ କାରଣ ବୋଲି ସ୍ଥିର କଲେ । ବିବେଚନା କରି ଦେଖନ୍ତୁ, କାହାରି ଉକ୍ତି ଅସଙ୍ଗତ ନୁହେଁ ।

ଏଥିରୁ ଆମ୍ଭେମାନେ ଅନୁରୂପ ମଧ୍ୟ ସହଜ ଭାବରେ ବୋଲି ପାରୁଁ, ମୂଳତଃ ଶ୍ରୀ ଭଗବାନ୍ ବାସୁଦେବଙ୍କ ଗୀତୋକ୍ତ ନିଷ୍କାମ ଯୋଗ, ଶ୍ରୀ କରୁଣାବତାର ବୁଦ୍ଧଦେବଙ୍କ କର୍ମଯୋଗ, ଶ୍ରୀ ପ୍ରଭୁ ଚୈତନ୍ୟଦେବଙ୍କ ଭକ୍ତିଯୋଗ, ଆପାତଦୃଷ୍ଟିରେ କିଞ୍ଚିତ୍ ପୃଥକ ବୋଧ ହେଲେ ମଧ୍ୟ ମହାପୁରୁଷତ୍ରୟଙ୍କ ଧର୍ମନୀତି ଏକ ଶୃଙ୍ଖଳରେ ଗ୍ରଥିତ । ବିଶେଷରେ ମୂଳ ବିଷୟ ଅର୍ଥାତ୍ ଆତ୍ମାର ଅବିନଶ୍ୱରତ୍ୱ, ପରକାଳ ଓ କର୍ମଫଳ ବିଷୟରେ କାହାରି ମତଦ୍ୱୈଧ ନାହିଁ ।

ପୃଥିବୀରେ “ଧର୍ମସଂରକ୍ଷଣାର୍ଥାୟ” ନିମିତ୍ତ ଏହି ଅବତାର-ମାନଙ୍କର ଆବିର୍ଭାବ । ଭଗବାନ୍ ବାସୁଦେବଙ୍କର ଶ୍ରୀମୁଖ-ବାକ୍ୟ—

“ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହଂ ।
ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାଂ ।
ଧର୍ମସଂରକ୍ଷଣାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।”

ବିଶ୍ୱବିପ୍ଳବକାରୀ ସତ୍ୟଧର୍ମବିଦ୍ୱେଷୀ ଦୁର୍ବୃତ୍ତ ଅସୁରମାନଙ୍କ ଅତ୍ୟାଚାରରେ ପୃଥିବୀ ନିପୀଡ଼ିତ । ସେହି ଦାରୁଣ ଦୁର୍ଯ୍ୟୋଗ ସମୟରେ ଭୂଭାରହରଣାର୍ଥେ ଭଗବାନ୍ ବାସୁଦେବଙ୍କର ଆବିର୍ଭାବ ।

ପରେ ଭାରତକ୍ଷେତ୍ରରେ ବୈଦିକ ଜ୍ଞାନକାଣ୍ଡ ପରେ ଉପନିଷଦ ଧର୍ମ ଲୋକେ ବିସ୍ମୃତ । ଅଲୀକ ସ୍ୱର୍ଗକାମନାରେ ନାନାପ୍ରକାର କାଳ୍ପନିକ ଦେବଦେବୀ ଅର୍ଚ୍ଚନାରେ ଲୋକେ ବ୍ୟସ୍ତ । ବିବେକବିହୀନ ମାନବମଣ୍ଡଳୀ ସ୍ୱାର୍ଥପର ଯାଜକମାନଙ୍କ ପଦଦଳିତ । ନର, ଅଶ୍ୱ, ଗୋ ଶୋଣିତରେ ଧର୍ମକାର୍ଯ୍ୟ ସମାହିତ । ଲୋକେ ଧର୍ମଜ୍ଞାନରେ ସୋମରସ ପାନରେ ଉନ୍ମତ୍ତ । ଏହି ଭୟଙ୍କର ଧର୍ମଗ୍ଳାନି ଉପସ୍ଥିତ ହୋଇଥିବା ସମୟରେ ମହାମୁନି ଗୌତମ ଦେବ ଅବତୀର୍ଣ୍ଣ ହୋଇଥିଲେ । ଯଦିଓ ବୌଦ୍ଧ ଅନୁଶାସନ ଲୋକେ ବିସ୍ମୃତ ହୋଇଅଛନ୍ତି; ମାତ୍ର ଅବତାରମାନଙ୍କ ଉଦ୍ଦେଶ୍ୟ ସଫଳ ହୋଇଅଛି । ଲୋକେ ଧର୍ମ ନାମରେ ନୃଶଂସ ପ୍ରାଣିହତ୍ୟାରୁ ଅନେକ ପରିମାଣରେ ନିବୃତ୍ତ ହୋଇଅଛନ୍ତି ।

ମଧ୍ୟବର୍ତ୍ତୀ କାଳରେ ଯାଜକମାନଙ୍କ ଯୋଗେ ବୌଦ୍ଧଧର୍ମ-କଳ୍ପତରୁ ଉତ୍ପାଟିତ । ଧର୍ମାରଣ୍ୟ ବିବିଧପ୍ରକାର ମାୟିକ କଣ୍ଟକର ଆତ୍ମକର୍ଷଣକାରୀ ଅପାତମଧୁର ଉପଧର୍ମରୂପ କଣ୍ଟକସଙ୍କୁଳ ଗୁଳ୍ମରେ ଆଚ୍ଛନ୍ନ । ଧର୍ମବ୍ୟପଦେଶରେ ସ୍ୱାର୍ଥପରତା ଓ ସ୍ୱେଚ୍ଛାଚାରିତାର ପୂର୍ଣ୍ଣାଭିନୟ । ଲୋକସାଧାରଣ ପଞ୍ଚମକାର ସେବନରେ ଉନ୍ମତ୍ତ । ଏହି ଘୋର ଦୁର୍ଯୋଗ ସମୟରେ ଧର୍ମ-

ସଂରକ୍ଷାର୍ଥ କରୁଣାମୂର୍ତ୍ତି ନରପୂର୍ଣ୍ଣାବତାର ଚୈତନ୍ୟଦେବଙ୍କର ପୁଣ୍ୟଭୂମି ନବଦ୍ୱୀପରେ ଅବତୀର୍ଣ୍ଣ ।

ବର୍ତ୍ତମାନ ମଧ୍ୟ ହିନ୍ଦୁଧର୍ମରେ ଗ୍ଲାନି ଉପସ୍ଥିତ । ଚୈତନ୍ୟ-ଦେବଙ୍କ ପ୍ରଚାରିତ ବିଶୁଦ୍ଧ ବୈଷ୍ଣବ ଧର୍ମ ବିକୃତାକାର ଧାରଣ କରିଅଛି । ନବ୍ୟ ଶିକ୍ଷିତମଣ୍ଡଳୀ ଯଥାର୍ଥ ଶାନ୍ତିଲାଭ ନିମନ୍ତେ ବିଦେଶୀୟ ଧର୍ମର ଆଶ୍ରୟ ଗ୍ରହଣ କରୁଥିଲେ । ଭାରତଭୂମିର ସୌଭାଗ୍ୟ, ସନାତନ ଉପନିଷଦୋକ୍ତ ଏକେଶ୍ୱରବାଦ ଧର୍ମ ପ୍ରଚାର ସକାଶେ ମହାତ୍ମା ରାମମୋହନ ରାୟ ଅବତାରରୂପେ ଅବତୀର୍ଣ୍ଣ ହୋଇଥିଲେ ବୋଲି ଅବଶ୍ୟ ସ୍ୱୀକାର କରିବାକୁ ହେବ ।

ସମସ୍ତ ହିନ୍ଦୁଧର୍ମର ସାର ଉପଦେଶ—ଏକମାତ୍ର ପରମପିତା ପରମେଶ୍ୱର ଉପାସ୍ୟ ଦେବତା ଅଟନ୍ତି । ମାନବମଣ୍ଡଳୀ ସେହି ପରମପିତାଙ୍କର ପୁତ୍ର, ଭ୍ରାତୃଭଗିନୀ ସମସ୍ତ ଲୋକ ଏକଜାତୀୟ ଅଟନ୍ତି । ଆର୍ଯ୍ୟ—ଅନାର୍ଯ୍ୟ, ହିନ୍ଦୁ—ମ୍ଳେଚ୍ଛ, ଗ୍ରୀକ—ବର୍ବର, ଯିହୁଦୀ—ଜେଣ୍ଟାଇଲ, ମୁସଲମାନ—କାଫର, ଏ ସମସ୍ତ ମାନବକୃତ ଜାତିପାର୍ଥକ୍ୟ ମାତ୍ର । ଅଶିକ୍ଷିତ ଓ କ୍ଷୁଦ୍ରବୁଦ୍ଧି ଲୋକ ଏହାର ସମ୍ମାନକାରୀ । ମାତ୍ର—"ଉଦାରଚରିତାନାନ୍ତୁ ବସୁଧୈବ କୁଟୁମ୍ବକଂ ।" ପ୍ରଭୁ ଚୈତନ୍ୟଦେବ, ମହର୍ଷି ଈଶା, ମହାତ୍ମା କଂଫୁଂସେ ପ୍ରଭୃତି ମହାପୁରୁଷମାନଙ୍କର ମଧ୍ୟ ଏହି ମତ ।

ବୈଦିକ ତତ୍ତ୍ୱଜ୍ଞାନାଲୋଚନାର ପ୍ରଧାନ ପୀଠ, ବୌଦ୍ଧଧର୍ମର ପ୍ରଧାନ ବିହାର ସ୍ଥାନ, ପ୍ରଭୁ ଚୈତନ୍ୟ ଦେବଙ୍କ ଲୀଳାକ୍ଷେତ୍ର ଶ୍ରୀ ପୁରୁଷୋତ୍ତମ ଧାମରେ ଚିରକାଳ ଏହି ସାମ୍ୟ ନୀତି ବଳବତ ଥିବ । ଉତ୍କଳର ପ୍ରତତ୍ତ୍ୱବିତ୍ ପଣ୍ଡିତମଣ୍ଡଳୀ ବିବିଧ ଯୁକ୍ତି-ଯୋଗରେ ପ୍ରମାଣ କରିଅଛନ୍ତି, ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରରେ

ବିଗ୍ରହିତ ଦାରୁମୟୀ ବ୍ରହ୍ମମୂର୍ତ୍ତିତ୍ରୟ ବୁଦ୍ଧ, ସଙ୍ଘ ଓ ଧର୍ମଚକ୍ରର ରୂପାନ୍ତର ମାତ୍ର । ମଧ୍ୟ ଇତର ସାଧାରଣ ଲୋକେ ଶ୍ରୀ ଜଗନ୍ନାଥ ମୂର୍ତ୍ତିଙ୍କ ବୌଦ୍ଧାବତାର ବୋଲି ସ୍ୱୀକାର କରିଥାନ୍ତି । ଅସ୍ମମାନଙ୍କ ଉକ୍ତିର ପୋଷକତା ନିମନ୍ତେ ଏ ସ୍ଥାନରେ ଗୋଟିଏ ପ୍ରସଙ୍ଗ ଉତ୍ଥାପନ କରିବା ଅସଙ୍ଗତ ବୋଲି ବିବେଚନା କରୁ ନାହୁଁ । ପ୍ରାଚୀନ ଆର୍ଯ୍ୟ ଧର୍ମଶାସ୍ତ୍ରମାନଙ୍କରେ ପ୍ରକୃତି-ପୁରୁଷ ସମ୍ବନ୍ଧରେ ଅର୍ଚ୍ଚନାର ବିଧି ବର୍ଣ୍ଣିତ ଅଛି । ଯଥା—ରାଧା-କୃଷ୍ଣ, ହର-ପାର୍ବତୀ, ଇତ୍ୟାଦି । ମାତ୍ର ଭ୍ରାତା ଭଗିନୀ ଏକତ୍ରରେ ପୂଜିତ ହେବାର ବିଧାନ ଅନ୍ୟ କୌଣସି ସ୍ଥାନରେ ବା ଶାସ୍ତ୍ରରେ ଦେଖାଯାଏ ନାହିଁ । ବିଶେଷରେ ଅର୍ଜ୍ଜୁନପ୍ରଣୟିନୀ ବାସୁଦେବୀ ବ୍ରହ୍ମମୟୀରୂପେ ଜଗତ୍‌ପତିଙ୍କ ସହିତ ପୂଜିତ ହେବାର ଶାସ୍ତ୍ର-ମାନଙ୍କରେ ପ୍ରମାଣାଭାବ । ଏ ପ୍ରସଙ୍ଗ କେବଳ ନିତାନ୍ତ ଆଧୁନିକ ସ୍କନ୍ଦପୁରାଣରେ ବର୍ଣ୍ଣିତ ଥିବାର ଦେଖାଯାଏ । ଆଉ ଗୋଟିଏ ବିଶେଷ ବୃତ୍ତାନ୍ତ ଏହି ଯେ ଉକ୍ତ ପୁରାଣ ମତରେ ସୁଦର୍ଶନଚକ୍ରର ଅର୍ଚ୍ଚନାପ୍ରଣାଳୀ ଜଗନ୍ନାଥ ଦେବଙ୍କ ଅର୍ଚ୍ଚନା ବିଷୟର ପ୍ରାୟ ଦ୍ୱିଗୁଣ ସ୍ଥାନକୁ ଅଧିକାର କରିଅଛି । ଆର୍ଯ୍ୟ ଜାତିର ଧର୍ମଶାସ୍ତ୍ର ବେଦ ଉପନିଷଦ୍ ବା ଅନ୍ୟ କୌଣସି ପୁରାଣରେ ଚକ୍ରର ଏପରି ମାହାତ୍ମ୍ୟ ବର୍ଣ୍ଣିତ ନାହିଁ; ଏମନ୍ତ କି, ବିଷ୍ଣୁଙ୍କର ଆୟୁଧ ବିନା ଏହାର ଅନ୍ୟ କୌଣସି ମାହାତ୍ମ୍ୟ କୌଣସି ଶାସ୍ତ୍ର ପ୍ରକାଶ କରି ନାହାନ୍ତି । ଏହା ଯେ ବୌଦ୍ଧ ଧର୍ମଚକ୍ରର ନାମାନ୍ତର, ଏ କଥା ବର୍ତ୍ତମାନ ନିଃସନ୍ଦେହରେ ବୋଲିଯାଇ ପାରେ । ଏ ବିଷୟରେ ପ୍ରଚୁର ପ୍ରମାଣ ଇତସ୍ତତଃ ବିଦ୍ୟମାନ ଥିଲେ ମଧ୍ୟ ଅସ୍ମମାନଙ୍କ ସ୍ଥାନର ସଙ୍କୀର୍ଣ୍ଣତା ଓ ବିଷୟର ଅବାନ୍ତରତା ହେତୁ ଉଲ୍ଲେଖ କରିବାରୁ କ୍ଷାନ୍ତ ରହିଲୁଁ ।

ମହାପୁଣ୍ୟମୟ ଶ୍ରୀକ୍ଷେତ୍ରଧାମ ସର୍ବାଦୌ ବୌଦ୍ଧ ଶ୍ରମଣମାନଙ୍କର
ବିହାରସ୍ଥାନ ଥିଲା । ମଧ୍ୟବର୍ତ୍ତୀ କାଳରେ ଏହା ଭୈରବକ୍ଷେତ୍ର-
ରୂପେ ପରିଣତ । **ଶେଷ** ସମ୍ପ୍ରତି ସର୍ବବିଧ ଉପାସକମାନଙ୍କର
ଉପାସ୍ୟ ସ୍ଥାନ ହୋଇଅଛି । ଲୀଳାମୟ ଶ୍ରୀହରି ଏ ଜଗତରେ କି
ଲୀଳା ବିସ୍ତାର କରିବେ, ଏକମାତ୍ର ତାହାଙ୍କ ଗୋଚର । ଖଣ୍ଡଗିରିର
ମାହାତ୍ମ୍ୟ ବିଲୁପ୍ତ ହୋଇଥିଲେ ମଧ୍ୟ ତତ୍‌ସମୀପବର୍ତ୍ତୀ ଭୁବନେଶ୍ୱର
ମନ୍ଦିରରେ ଜାତୀୟ ସାମ୍ୟ ନୀତି ଅର୍ଥାତ୍ ସର୍ବଜାତୀୟ ଲୋକେ
ଏକତ୍ର ପ୍ରସାଦାନ୍ନ ସେବା କରିବାର ରୀତି ଅଦ୍ୟାବଧି ପ୍ରଚଳିତ
ଅଛି ଏବଂ ଚିରକାଳ ଥିବ ।

ଢେଙ୍କାନାଳ ଅନ୍ତର୍ଗତ କପିଳାସକ୍ଷେତ୍ରରେ ସର୍ବଜାତୀୟ
ଲୋକେ ପ୍ରସାଦାନ୍ନ ଏକତ୍ର ସେବା କରିବାର ଆପତ୍ତି ନାହିଁ ।
ଆମ୍ଭେମାନେ ଅନୁମାନ କରୁଁ, କେହି ପ୍ରତ୍ନତତ୍ତ୍ୱବିଦ୍ ଅନୁସନ୍ଧିତ୍ସୁ
ଲୋକ ଏହି ତୀର୍ଥକ୍ଷେତ୍ରର ମୂଳ ତତ୍ତ୍ୱ ଅନୁସନ୍ଧାନ କଲେ ଏହା
ବୌଦ୍ଧ ଶ୍ରମଣମାନଙ୍କ ବିହାର କ୍ଷେତ୍ର ବୋଲି ପ୍ରମାଣ କରାଇବାକୁ
ସମର୍ଥ ହେବେ । ହିନ୍ଦୁମାନେ ଯେପ୍ରକାର ଅନ୍ୟାନ୍ୟ ବିହାର-
କ୍ଷେତ୍ରମାନଙ୍କରେ ବଳପୂର୍ବକ ଆପଣାମାନଙ୍କ ଦେବତା ସ୍ଥାପନ
କରାଇଛନ୍ତି, ଏ ସ୍ଥାନରେ ମଧ୍ୟ ସେହିପରି ହୋଇଥିବ । ଏ ସ୍ଥାନର
ରଥଯାତ୍ରା ଗୋଟିଏ ଅନ୍ୟତମ ପ୍ରମାଣ ଅଟେ । ଶାସ୍ତ୍ରାନୁସାରେ
ମହାଦେବଙ୍କ ବାହନ ବୃଷଭ, ରଥ ସହିତ ତାହାଙ୍କର ସମ୍ପର୍କ
ନାହିଁ । ଏହା ବୌଦ୍ଧମାନଙ୍କର ସମ୍ପତ୍ତି ଅଟେ । କପିଳାସ-
କ୍ଷେତ୍ରରେ ଖଣ୍ଡିଏ କ୍ଷୁଦ୍ର ଦେଉଳାକୃତି ସ୍ମୃତିପଥରରେ
ପ୍ରାଚୀନ ପାଲିଭାଷାରେ କେତେଗୁଡ଼ିଏ ଅକ୍ଷର ଖୋଦିତ ଅଛି,
ଏହା ପାଠ କରିବାକୁ ଆମ୍ଭେମାନେ ଅବକାଶ ପାଇ ନାହୁଁ ।

ବୌଦ୍ଧରୀତି ଅନୁସାରେ ଅନୁଶାସନ ଖୋଦିତ ଥିବାର ଜଣାଯାଏ ।

ଓଲାଶୁଣି ନାମକ କ୍ଷୁଦ୍ରତମ ପାହାଡ଼ଟି ଲଳିତଗିରି ଓ ଉଦୟଗିରିର ଅଂଶବିଶେଷ କେନ୍ଦ୍ରାପଡ଼ା ଅନ୍ତର୍ଗତ ସୁମଡ଼ା ମାର୍କଣ୍ଡନଗର ପ୍ରଗଣାର ଲଳିତଗିରି ନାମକ ଗ୍ରାମରେ ଅବସ୍ଥିତ । ପୂର୍ବକାଳରେ ଏହା ବୌଦ୍ଧଶ୍ରମଣମାନଙ୍କର ଗୋଟିଏ ବାସ ସ୍ଥାନ ଥିଲା । ବର୍ତ୍ତମାନ ସଂସାରବିରାଗୀ ସାଧୁମାନଙ୍କର ଆଶ୍ରମସ୍ଥଳ ହୋଇଅଛି । ଏ ସ୍ଥାନରୁ ଶିଳ୍ପ କଳାବିଦ୍ୟାର ସୂକ୍ଷ୍ମ ନିଦର୍ଶନସ୍ୱରୂପ କେତେଗୁଡ଼ିଏ ବୃହଦାକାର ପାଷାଣମୟୀ ବୌଦ୍ଧମୂର୍ତ୍ତି କେନ୍ଦ୍ରାପଡ଼ା ଜମିଦାରଙ୍କ ପ୍ରାଚୀର ସମୀପରେ ଦଣ୍ଡାୟମାନ ଥିବାର ଆମ୍ଭେମାନେ ଦେଖିଅଛୁଁ । ଅଦ୍ୟାପି ମଧ୍ୟ ବୌଦ୍ଧ ବିହାର ଚିହ୍ନ ଉକ୍ତ ଓଲାଶୁଣି ପର୍ବତରେ ବିଦ୍ୟମାନ ରହିଅଛି । ସାଧୁ ଅରକ୍ଷିତ ଦାସ ଉକ୍ତ ସ୍ଥାନରେ ତପସ୍ୟାରେ ନିମଗ୍ନ ଥିଲେ । ପ୍ରତିବର୍ଷ ବିଶେଷ ଏକ ଦିବସରେ ସର୍ବଜାତୀୟ ଲୋକେ ଶ୍ରଦ୍ଧା ଓ ଭକ୍ତିପୂର୍ବକ ଏକତ୍ର ଅନ୍ନାହାର କରିବାର ବିଧି ଏଠାରେ ଅଦ୍ୟାବଧି ପ୍ରଚଳିତ ଅଛି । ଏହା ବିନଷ୍ଟ ବୌଦ୍ଧ ସାମ୍ୟନୀତିର ଏକତମ ଅଭିନୟ ମାତ୍ର ।

ଅତି ପୂର୍ବକାଳରେ ଉତ୍କଳଭୂମି ବୌଦ୍ଧବିହାରମାନଙ୍କରେ ପୂର୍ଣ୍ଣ ଥିଲା । ଦେଶବାସୀ ସମସ୍ତ ନରନାରୀ କଥିତ ଧର୍ମ ଆଶ୍ରୟରେ ଥାଇ ଶାନ୍ତିଲାଭ କରୁଥିଲେ । ଯେଉଁ ଉପାୟ ଓ ସମୟରେ ଏହି ମହାପବିତ୍ର ଧର୍ମ ଦେଶ ମଧ୍ୟରୁ ବିତାଡ଼ିତ ହେଲା, ଇତିହାସରୁ ଆମ୍ଭେମାନେ ସେଥିର ବୃତ୍ତାନ୍ତ ଅବଗତ ହେଉଅଛୁଁ । ସେଥିର ସଂକ୍ଷିପ୍ତ ବିବରଣ :—

ପ୍ରାୟଶଃ ଦେଖାଯାଏ, ବୌଦ୍ଧ ଭିକ୍ଷୁପ୍ରଧାନ ସ୍ଥାନମାନଙ୍କରେ ଶଙ୍କରାଚାର୍ଯ୍ୟ ଓ ପରବର୍ତ୍ତୀ ତଚ୍ଛିଷ୍ୟମଣ୍ଡଳୀ ସ୍ୱକୀୟ ମତ ପ୍ରଚାର କାରଣ ବିଶେଷ ଯତ୍ନଶୀଳ ହୋଇଥିଲେ । ଏକାମ୍ରକାନନର ମହିମାବିସ୍ତାରର କାରଣ ଗଣ୍ଡଗିରି ଅଟେ । ଉଦ୍ଦେଶ୍ୟ ସାଧନ ସକାଶେ ସ୍ୱୟଂ ଶଙ୍କର ଶ୍ରୀକ୍ଷେତ୍ରଧାମରେ ଗୋଟିଏ ମଠ ସ୍ଥାପନ କରି ଦୀର୍ଘକାଳ ଯାବତ୍ ଅବସ୍ଥାନ କରିଥିଲେ । ସେହି ମଠ ଅଦ୍ୟାବଧି ବିଦ୍ୟମାନ ରହିଅଛି । ବାଗ୍ମିବର ଶଙ୍କରାଚାର୍ଯ୍ୟଙ୍କ ପ୍ରଚାର ପ୍ରଭାବରେ ଯଦିବା ବୌଦ୍ଧଧର୍ମ ଉତ୍କଳରୁ ଶନୈଃ ଶନୈଃ ବିଦାୟ ଗ୍ରହଣ କରି ଆସୁଥିଲା, ମାତ୍ର ପ୍ରକୃତପକ୍ଷରେ ପୁରୀ ମନ୍ଦିରନିର୍ମାଣକାରୀ ଅନଙ୍ଗଭୀମଦେବଙ୍କ ପୂର୍ବ ଉତ୍କଳର ସ୍ୱାଧୀନ-ଚକ୍ରବର୍ତ୍ତୀ ମହାରାଜ ମଦନମୋହନ ଦେବଙ୍କ ଦୃଢ଼ ଯତ୍ନରେ ଉତ୍କଳରୁ ଚିରକାଳ ସକାଶେ ବିଦାୟ ଗ୍ରହଣ କରିଅଛି । ଏହି ବୌଦ୍ଧବିତାଡ଼ନ ଘଟନା ଗୋଟିଏ ବିସ୍ମୟକାମୟୀ ଆଖ୍ୟାୟିକା ଅଟେ । ତତ୍ପୂର୍ବେ ମହାରାଜ ସୁଧନ୍ୱାଙ୍କ ରାଜସଭାରେ ଶଙ୍କରାଚାର୍ଯ୍ୟଙ୍କ ପ୍ରଧାନ ଶିଷ୍ୟ ସୁବ୍ରହ୍ମଣ୍ୟ ଭଟ୍ଟପାଦ ଯେପ୍ରକାର ବୌଦ୍ଧ ଭିକ୍ଷୁମାନଙ୍କୁ ବିଚାରରେ ପରାସ୍ତ କରିବାରୁ ଭାରତଭୂମିରୁ ବୌଦ୍ଧଧର୍ମର ବିତାଡ଼ନର ସୂତ୍ରପାତ ହୋଇଥିଲା, ମହାରାଜ ମଦନମୋହନ ଦେବଙ୍କ ରାଜସଭାରେ ସେହିପରି ଘଟନାର ପୁନରଭିନୟ ହେଲା । ସେ ସମୟରେ ବୌଦ୍ଧଧର୍ମରେ ଯେ ଗ୍ଲାନି ଉପସ୍ଥିତ ହୋଇଥିଲା, ନିଃସନ୍ଦେହରେ ଏ କଥା ବୋଲି ଯାଇ-ପାରେ । ମହାରାଜା ମଦନମୋହନ ଯାଜକମାନଙ୍କର ନିତାନ୍ତ ବଶୀଭୂତ ଥିଲେ । ତେଣୁ ବୌଦ୍ଧମାନଙ୍କର ପ୍ରବଳ ପରିପନ୍ଥୀ ଥିଲେ ମଧ୍ୟ ପାଟମହାଦେବୀଙ୍କ ପ୍ରତିବନ୍ଧକତା ହେତୁରୁ ସ୍ୱାର୍ଥ ସାଧନ ସକାଶେ ସମର୍ଥ ହୋଇ ପାରୁ ନ ଥିଲେ । ପାଟମହାଦେବୀ

ବୌଦ୍ଧଧର୍ମର ନିତାନ୍ତ ପକ୍ଷପାତିନୀ । ତାହାଙ୍କର ଧ୍ରୁବ ଧାରଣା ଥିଲା—ବୌଦ୍ଧ ଭିକ୍ଷୁମାନେ ମହାଯୋଗୀ, ପରମାତ୍ମା ଏବଂ ସର୍ବଜ୍ଞ ଅଟନ୍ତି । ରାଜଦମ୍ପତି ମଧ୍ୟରେ ମତଦ୍ୱୈଧ ଉପସ୍ଥିତ ହେବାରୁ ବୌଦ୍ଧ ଭିକ୍ଷୁ ଏବଂ ଯାଜକମାନଙ୍କ ମହିମା ପରୀକ୍ଷା କରାଯାଇ ବିଷୟ ମୀମାଂସା କରାଯିବାର କଥା ସ୍ଥିର ହେଲା । ରାଜସଭାକୁ ଉଭୟ ପକ୍ଷ ଆହୂତ ହେଲେ । ମୃଣ୍ମୟ କୁମ୍ଭ ମଧ୍ୟରେ ଗୋଟିଏ ଜୀବନ୍ତ ଭୁଜଙ୍ଗ ରଖାଯାଇ ଏଥିରେ କଣ ଅଛି ଉଭୟ ପକ୍ଷକୁ ପ୍ରଶ୍ନ କରାଗଲା । ବୌଦ୍ଧ ଭିକ୍ଷୁଗଣ କୁମ୍ଭଟି ଭୁଜଙ୍ଗଗର୍ଭ ବୋଲି ପ୍ରକାଶ କଲେ । ଏଥକୁ ମହାଦେବୀ ନିତାନ୍ତ ଉତ୍‌ଫୁଲ୍ଲା ହେବାରୁ ଯାଜକମାନଙ୍କଠାରୁ ଉତ୍ତର ସଂଗ୍ରହ କରାଯାଇ ଶେଷ ମୀମାଂସା କରାଯିବାର କଥା ସ୍ଥିର ହେଲା । ଇତ୍ୟବସରେ ଯାଜକମାନେ ଉତ୍ତର ଦେବା ସକାଶେ ଏକ ଦିବସ ଅବସର ପ୍ରାର୍ଥନା କରିବାରୁ ମହାରାଜଙ୍କ ବିଶ୍ୱସ୍ତ ଜଣେ କର୍ମଚାରୀ କମାରେ କୁମ୍ଭଟି ରକ୍ଷିତ ହେଲା । ପର ଦିବସ ପ୍ରାତଃକାଳରେ କୁମ୍ଭଟି ବସ୍ତ୍ରପୂର୍ଣ୍ଣ ବୋଲି ପ୍ରକାଶ କଲେ । କୁମ୍ଭଟି ଉଦ୍ଘାଟିତ ହୁଅନ୍ତେ ବାସ୍ତବରେ ତହିଁ ମଧ୍ୟରୁ କେତେଗୁଡ଼ିଏ ବସ୍ତ୍ରମାତ୍ର ବହିର୍ଗତ ହେଲା । ଏଥକୁ ମହାରାଜଙ୍କ ସୂକ୍ଷ୍ମ ବିଚାରରେ ବୌଦ୍ଧମାନେ ଘୋର ମିଥ୍ୟାବାଦୀ ବୋଲି ପ୍ରମାଣିତ ହେବାରୁ ଏହି ମହାପରାଧର ଦଣ୍ଡବିଧାନ ନିମନ୍ତେ ସେମାନଙ୍କ ମସ୍ତକ ଚୂର୍ଣ୍ଣ କରାଯାଇ ବଧସାଧନ ସକାଶେ ଆଜ୍ଞା ପ୍ରଚାରିତ ହେଲା । ଶାଳମୂଳ ଅମୋଘ ଆଜ୍ଞା ଯେ ଅବିଳମ୍ବେ ସମ୍ପୂର୍ଣ୍ଣରୂପେ କାର୍ଯ୍ୟରେ ପରିଣତ ହୋଇଥିଲା, ଏ କଥା ବୋଲିବା ବାହୁଲ୍ୟ ମାତ୍ର । ସହସ୍ର ସହସ୍ର ପବିତ୍ରାତ୍ମା ଜନହିତୈଷୀ ମହାପ୍ରାଣୀ ପୃଥିବୀରୁ ବିଦାୟ ଗ୍ରହଣ କଲେ । ଥୋକେମାତ୍ର ଭିକ୍ଷୁ ଅରଣ୍ୟମାର୍ଗରେ ପଳାୟନପୂର୍ବକ ଆତ୍ମରକ୍ଷା କରିବାକୁ ସକ୍ଷମ

ହୋଇଥିଲେ । ମାତ୍ର ମହାତ୍ମାଙ୍କ ଏତ ଘୋର ମହାପାତକ ପରେ ଅକ୍ଷତଦେହରେ କାଳଯାପନ କରିବାକୁ କ୍ଷମ ହୋଇ ନ ଥିଲେ । ତାହାଙ୍କ ମସ୍ତକ କ୍ଷତମୟ ରକ୍ତ ପୂଜକାଟରେ ପୂର୍ଣ୍ଣ ହୋଇ ଯାଇ-ଥିଲା । ମହାତ୍ମାଙ୍କ ପକ୍ଷରେ ଯାହା ଘଟନା ହେଉ, ଚିର-କାଳପାଇଁ ବୌଦ୍ଧଧର୍ମ ଉତ୍କଳରୁ ବିଦାୟ ଗ୍ରହଣ କଲା । ଆମ୍ଭେମାନେ ଇତିପୂର୍ବେ ମଧ୍ୟ ଉଲ୍ଲେଖ କରିଅଛୁଁ, ଧର୍ମରାଜ୍ୟର ଇତିହାସ ପାଠ କଲେ କି ୟୁରୋପ, କି ଏସିଆ, କି ଆଫ୍ରିକା, ସର୍ବତ୍ର ଧର୍ମାନ୍ଧ ଅହଙ୍କାରୀ ଲୋକମାନଙ୍କଦ୍ୱାରା ଲକ୍ଷ ଲକ୍ଷ ନିର୍ଦ୍ଦୋଷ ଲୋକ ଅକାରଣ ପ୍ରାଣତ୍ୟାଗ କରିଥିବାର ଜଣାଯାଏ । ୟୁରୋପ-ବାସୀ ହକ୍‌ଲି, ଲଟିମାର, କ୍ରନମାର ପ୍ରଭୃତି ଧର୍ମପ୍ରାଣ ମହର୍ଷି-ମାନେ ସ୍ୱକୀୟ ବିଶ୍ୱାସ ଅନୁଯାୟୀ ସତ୍ୟଧର୍ମ ପାଳନ କରିବାରୁ ସେମାନଙ୍କୁ ଜ୍ୱଳନ୍ତ ଅନଳରେ ଦଗ୍ଧ କରାଯାଇଅଛି । ମହର୍ଷି ସକ୍ରେଟିସଙ୍କୁ ହଳାହଳଦ୍ୱାରା ହତ୍ୟା କରାଗଲା । ପିଲଗ୍ରିମ୍ ଫାଦର୍ସମାନେ ଆମେରିକାକୁ ବିତାଡିତ ହେଲେ । ସାଧୁ ହରି ଦାସଙ୍କୁ ବାବନ ବଜାରରେ ବୁଲାଇ ବୁଲାଇ ପ୍ରହାର କରାଗଲା । ଯିଶୁ କ୍ରୁଶରେ ନିହତ ! ସ୍ୱୟଂ ମହମ୍ମଦ ମଧ୍ୟ ଅଳ୍ପ ଅତ୍ୟାଚାର ଭୋଗି ନାହାନ୍ତି ।

ଆମ୍ଭେମାନେ ପୂର୍ବେ ପ୍ରକାଶ କରିଅଛୁଁ, କି ଧର୍ମଜ୍ଞାନ, କି ଶାସ୍ତ୍ରଜ୍ଞାନ ସମସ୍ତ ବିଷୟରେ ଭାରତବର୍ଷ ୟୁରୋପର ଆଦମ ଶିକ୍ଷା-ଗୁରୁ । ଉପନିଷଦ ପ୍ରକାଶ ପୂର୍ବେ ପୃଥିବୀର ଅନ୍ୟ କୌଣସି ଅଂଶ ଦର୍ଶନର ସ୍ୱପ୍ନଦର୍ଶନ ମଧ୍ୟ କରି ନ ଥିଲା । ବେଦାନ୍ତ ସାଂଖ୍ୟ ଓ ବୌଦ୍ଧଦର୍ଶନ ପୃଥିବୀସ୍ଥ ସମସ୍ତ ଦର୍ଶନର ପିତୃସ୍ଥାନୀୟ । ବୌଦ୍ଧପ୍ରଚାରକମାନେ ସାଂଖ୍ୟଦର୍ଶନ ଜ୍ୟୋତରେ ଉଦ୍‌ଭାସିତ ଆପଣାମାନଙ୍କ ଦର୍ଶନଶାସ୍ତ୍ର ଘେନ ଏସିଆମାଇନର ଓ ରୋମ

ଅଞ୍ଚଳକୁ ପ୍ରଥମେ ଧର୍ମପ୍ରଚାର କରିବାକୁ ଯାଇଥିଲେ। ସେମାନଙ୍କ ଦର୍ଶନଶାସ୍ତ୍ରମାନଙ୍କରୁ ୟୁରୋପୀୟ ଦର୍ଶନମାନଙ୍କର ଉତ୍ପତ୍ତି।

ୟୁରୋପଖଣ୍ଡର ଆଦି ଦାର୍ଶନିକ ଆରିଷ୍ଟଟଲ ଏବଂ ପିଥାଗୋରସ ପ୍ରଭୃତି ପଣ୍ଡିତମାନଙ୍କ ଦାର୍ଶନିକ ମତ ସହିତ ଭାରତୀୟ ଦର୍ଶନଶାସ୍ତ୍ରର ମତର ସମତା ବିଷୟ ଆଲୋଚନା କଲେ ଆମ୍ଭମାନଙ୍କ ବାକ୍ୟର ସତ୍ୟତା ସହଜରେ ପ୍ରମାଣିତ ହେବ। ଆରିଷ୍ଟଟଲଙ୍କ ଦର୍ଶନରେ ପଞ୍ଚମହାଭୂତ, ଇନ୍ଦ୍ରିୟ, ଜୀବ, କାଳ ଏବଂ ଦିକ୍ ପ୍ରଭୃତି ବିଷୟ ଯେଉଁରୂପ ଭାବରେ ବର୍ଣ୍ଣିତ ଅଛି, ସେ ସମସ୍ତ ଭାରତୀୟ ନ୍ୟାୟ ଏବଂ ବୈଶେଷିକର ସମ୍ପୂର୍ଣ୍ଣରୂପେ ନକଲ ବୋଲି ଜଣାଯାଏ। "ନାବସ୍ତୁନା ବସ୍ତୁସିଦ୍ଧିଃ।" (ଅବସ୍ତୁରୁ ବସ୍ତୁର ଉତ୍ପତ୍ତି ହୁଏ ନାହିଁ।) ସାଂଖ୍ୟର ଏହି ସୂତ୍ରଟି ଆରିଷ୍ଟଟଲ ସମ୍ପୂର୍ଣ୍ଣରୂପେ ଗ୍ରହଣ କରିଅଛନ୍ତି। ଇଲିଆଟିକ ସମ୍ପ୍ରଦାୟର "ଈଶ୍ୱରହିଁ ଜଗତ୍ ଏବଂ ଜଗତ୍ ଯେ ସେ ଈଶ୍ୱର" ବେଦାନ୍ତର ଏହି ସୂତ୍ରଟି ପ୍ରତିପାଦ୍ୟ ବିଷୟ। ପିଥାଗୋରସଙ୍କର ଆଲୋଚ୍ୟ—ଜୀବାତ୍ମା ପରମାତ୍ମାର ଅଂଶ ମାତ୍ର। ଜୀବର ଯୋନି-ଭ୍ରମଣ—ସ୍ୱକୃତ କର୍ମର ଫଳ ଭୋଗ ଇତ୍ୟାଦି ବିଷୟମାନ ହିନ୍ଦୁ ଦର୍ଶନର ଅନୁମତ ମାତ୍ର।

ପିଥାଗୋରସ୍ ସ୍ୱଦେଶରୁ ଯାତ୍ରା କରି ପୂର୍ବଦେଶକୁ ଭ୍ରମଣ ସକାଶେ ଆସିଥିବା ବିଷୟର କିମ୍ବଦନ୍ତୀ ବହୁକାଳରୁ ପ୍ରଚଳିତ ଅଛି। ଏ ସମସ୍ତ ବିଷୟ ଆମ୍ଭମାନଙ୍କ ଆତ୍ମଗରିମାଜନିତ ପ୍ରଳାପ ବାକ୍ୟ ନୁହେ। ଜର୍ମାନଦେଶୀୟ ଫ୍ରିଡରିଚ୍ ପଣ୍ଡିତମାନଙ୍କ ପ୍ରକାଶିତ ଅନୁମତ ଅଟେ।

ଯେବେହେଁ ୟୁରୋପୀୟ ଦର୍ଶନଶାସ୍ତ୍ର-ସୌଧ ବୌଦ୍ଧଦର୍ଶନ-

ମୂଳଭୂଅ ଉପରେ ସ୍ଥାପିତ ଏବଂ ବୌଦ୍ଧଦର୍ଶନର ଅନେକ ସୂକ୍ଷ୍ମ ବହୁକାଳ ପୂର୍ବରୁ ଏଦେଶରେ ଅଲୋଚିତ ହୋଇ ଆସୁ ଥିଲା, ମାତ୍ର ମଧ୍ୟବର୍ତ୍ତୀ କାଳରେ ବୌଦ୍ଧ ନାମ ଲୁପ୍ତ ପ୍ରାଇଥିଲେ । ବର୍ତ୍ତମାନ ପ୍ରସିଦ୍ଧ ଅଷ୍ଟାଦଶ ଶତାବ୍ଦୀ ପ୍ରଥମଭାଗରେ ବାହୁଲ୍ୟରୂପେ ପୁନରାଲୋଚିତ ହୁଏ । ଏ ବିଷୟର ପ୍ରକୃତ ପ୍ରବର୍ତ୍ତକ ଏଇଚ. ହଡ଼୍‌ସନ୍ ସାହେବ ଅଟନ୍ତି । ଏହି ମହାତ୍ମା ଜଣେ ସିଭିଲ୍ ସର୍ଭିସ୍ କର୍ମଚାରୀ—ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ ନେପାଳ ରାଜଦରବାରରେ ରେସିଡେଣ୍ଟସ୍ୱରୂପ ନିଯୁକ୍ତ ଥିଲେ । ଖ୍ରୀଃ ୧୮୩୩ ସାଲଠାରୁ ଖ୍ରୀଃ ୮୪୩ ସାଲଯାଏ କର୍ତ୍ତବ୍ୟ କାର୍ଯ୍ୟ ନିର୍ବାହ କରି ପେନସନ୍ ଗ୍ରହଣପୂର୍ବକ ସ୍ୱଦେଶକୁ ବାହୁଡ଼ି ଯାଇଥିଲେ । ଉକ୍ତ ମହାତ୍ମା ନେପାଳ ଅବସ୍ଥାନ ସମୟରେ ସର୍ବଦା ବୌଦ୍ଧଦର୍ଶନ ମୀତ ଆଲୋଚନା ଏବଂ ଗ୍ରନ୍ଥ ସଂଗ୍ରହରେ ମନୋନିବେଶ କରିଥିଲେ । ବିଲାତଯାତ୍ରା ସମୟରେ ୩୮୧ ବଡ଼ା ବୌଦ୍ଧଗ୍ରନ୍ଥ ସଙ୍ଗରେ ନେଇ ଯାଇଥିଲେ । ବିବିଧ ପ୍ରକାର ଗ୍ରନ୍ଥ ବହୁଖଣ୍ଡରେ ଗୋଟିଏ ଗୋଟିଏ ବଡ଼ା ବନ୍ଧା ଥିଲା । ବିଲାତବାସୀ ବିଜ୍ଞବର୍ଗ ସେହି ସମସ୍ତ ଗ୍ରନ୍ଥ ପ୍ରାପ୍ତ ହୋଇ ତଦାଲୋଚନାରେ ପ୍ରବୃତ୍ତ ହୋଇଅଛନ୍ତି । ହଡ଼୍‌ସନ୍ ସାହେବଙ୍କୁ ଛାଡ଼ି କସ୍‌ମା. ଡି. କୋରସ ନାମଧେୟ ଜଣେ ହଙ୍ଗେରୀଦେଶୀୟ ପଣ୍ଡିତ ମଧ୍ୟ ମାଙ୍ଗୋଲିୟା ଏବଂ ତିବତ ପ୍ରଭୃତି ଦେଶରୁ ବୌଦ୍ଧ ଦର୍ଶନଶାସ୍ତ୍ର ସଂଗ୍ରହରେ ନିଯୁକ୍ତ ଥିବା ବିଷୟ ଅମ୍ଭେମାନେ ସମ୍ବାଦ ପ୍ରାପ୍ତ ହୋଇଅଛୁଁ ।

ବୌଦ୍ଧ ପ୍ରଭାବ ସମୟରେ ଭାରତର ସାହିତ୍ୟସଂସାର ଅସାଧାରଣ ଉଲ୍ଲିଖିତ ଲାଭ କରିଥିଲା । ସହସ୍ର ସହସ୍ର ଅମୂଲ୍ୟ ଗ୍ରନ୍ଥ ବିଧର୍ମୀ ତଥା ହିନ୍ଦୁମାନଙ୍କଦ୍ୱାରା ବିନଷ୍ଟ ହୋଇଅଛି । ମାତ୍ର

ଅମରକୋଷ ତୁଲ୍ୟ ଗ୍ରନ୍ଥମାନ ମାନବସମାଜ ସହିତ ବିଦ୍ୟମାନ ଥିବ --ଯେହେତୁ ସେ ସମସ୍ତ ଲୋକ ହୃଦୟପଟ୍ଟରେ ଲିଖିତ ରହିଅଛି । ଲେଖକ ଜଣେ ହିନ୍ଦୁସନ୍ତାନ ହୋଇ ମଧ୍ୟ ନିତାନ୍ତ ଲଜ୍ଜା ଓ ସଙ୍କୋଚ ସହିତ ପ୍ରକାଶ କରିବାକୁ ବାଧ୍ୟ ଯେ, ଭାରତର ସମସ୍ତ ଦୁର୍ଦ୍ଦଶାର କାରଣ ଏକମାତ୍ର ହିନ୍ଦୁଧର୍ମ ଅଟେ । ଜଗତ୍ପାବନ ବେଦ ଓ ଉପନିଷଦପ୍ରଦର୍ଶିତ ସତ୍ୟଧର୍ମ ସମସ୍ତ ଧର୍ମର ଗୁରୁସ୍ଥାନୀୟ—ବୌଦ୍ଧ ମଧ୍ୟ ହିନ୍ଦୁ— ମାତ୍ର ଲେଖକର ଲକ୍ଷ୍ୟ ଯାଜକମଣ୍ଡଳୀପ୍ରବର୍ତ୍ତିତ ଧର୍ମ ପ୍ରତି । ଏହି ଧର୍ମପ୍ରଭାବରୁ ଆମ୍ଭେମାନେ ( ତଥାକଥିତ ହିନ୍ଦୁଜାତି ) ଦିନୁଦିନ ଅବସନ୍ନ ପରସ୍ପର ସହାନୁଭୂତିହୀନ ହୋଇ ଅଜ୍ଞାନାନ୍ଧକାରରେ ବୁଡ଼ି ରହିଥିଲୁଁ । ହିନ୍ଦୁଜାତି ଆର୍ଯ୍ୟ ନାମରେ ଅଭିହିତ । ପୂର୍ବାଚାର୍ଯ୍ୟମାନେ ଅମୂଲ୍ୟ ଗ୍ରନ୍ଥମାନ ଆମ୍ଭମାନଙ୍କ ସକାଶେ ରଖି ଯାଇଅଛନ୍ତି । ଆମ୍ଭମାନଙ୍କର ସ୍ୱତନ୍ତ୍ରରୂପେ ଗୋଟାଏ ଗୋଟାଏ ମାତୃଭାଷା ଅଛି ଏବଂ ସେଥିର ଉନ୍ନତି ସାଧନ କରିବାକୁ ହେବ । ଜଣେ ଜଣେ ସ୍ୱାର୍ଥତ୍ୟାଗୀ ମହାପୁରୁଷଙ୍କର ଆବିର୍ଭାବ ଇତ୍ୟାଦି ବିଷୟ ଆମ୍ଭମାନଙ୍କ ଦୟାଳୁ, ଜନହିତୈଷୀ, ଜନସମାଜର ମଙ୍ଗଳକାମୀ ଇଂରାଜ ରାଜାଙ୍କ ପ୍ରସାଦରୁ ଶିକ୍ଷା ପ୍ରାପ୍ତ ହୋଇଅଛୁଁ । ଅଧିକ ପୂର୍ବକାଳର କଥା ଥାଉ, ଭାରତର ଅନ୍ୟାନ୍ୟ ପ୍ରଦେଶର କଥା ଛାଡ଼ି ଦିଅ । ଗତ ପଞ୍ଚାଶ ବର୍ଷ ପୂର୍ବବର୍ତ୍ତୀ ଓ ବର୍ତ୍ତମାନ ଉତ୍କଳର ଅବସ୍ଥା ତୁଳନା କରି ଦେଖିଲୁ, କେତେଦୂର ରୂପାନ୍ତର ହୋଇ ପଡ଼ିଅଛି । ଏହା କି ଇଂରାଜରାଜଙ୍କର କୃପା ଏବଂ ପାଶ୍ଚାତ୍ୟ ଜ୍ଞାନାର୍ଜ୍ଜନର ଫଳ ନୁହେ ?

ବୌଦ୍ଧ ଶ୍ରମଣମାନେ ସ୍ୱାର୍ଥତ୍ୟାଗୀ, ସଂସାରସୁଖବିମୁଖ, ଜନହିତୈଷୀ,ପୀଡ଼ିତସେବାକାରୀଥିଲେ—ଆଉ ଆମ୍ଭମାନଙ୍କ ବର୍ତ୍ତମାନ

ପୁରୋହିତମାନେ ପ୍ରାୟ ସହସ୍ର ବର୍ଷାଧିକ ଅପରୂ ଆଧିପତ୍ୟ
ପ୍ରାପ୍ତ ହୋଇ ଆମ୍ଭମାନଙ୍କ ପ୍ରତି କ ହିତସାଧନ କରିଅଛନ୍ତି ?
ଶ୍ରମଣଗଣ ସାଧାରଣରେ ଜ୍ଞାନପ୍ରଚାରରେ ବ୍ରତୀ ଥିଲେ ।
ଜ୍ଞାନପ୍ରଚାର ଥାଉ, ପୂର୍ବ ପୂର୍ବ ମହର୍ଷିମାନଙ୍କ ଦତ୍ତ ବେଦ,
ଉପନିଷଦ, ଦର୍ଶନ ପ୍ରଭୃତି ଜ୍ଞାନଭଣ୍ଡାରମାନ ଆମ୍ଭମାନଙ୍କ
ପୁରୋହିତଗଣ ଲୋକନେତ୍ରର ଅନ୍ତରାଳରେ ରଖିବା ସକାଶେ
ସବିଶେଷ ସଚେଷ୍ଟ ଥିଲେ । ବ୍ରାହ୍ମଣେତର ଲୋକମାନଙ୍କର
ପରଂବ୍ରହ୍ମବାଚକ ଓଁକାର ଶବ୍ଦ ଉଚ୍ଚାରଣରେ ଅଧିକାର ନ ଥିଲା ।
ଦେବବାଣୀ ସଂସ୍କୃତ ଭାଷା କେବଳ ବ୍ରାହ୍ମଣମାନଙ୍କର ନିଜସ୍ୱ ।
ଧନ୍ୟ ଧନ୍ୟ ଇଂରେଜରାଜ ! ତୁମ୍ଭ ପ୍ରସାଦରୁ ଆଜ ସର୍ବ—
ସାଧାରଣ ଏହି ଜ୍ଞାନଗର୍ଭ ଅମୂଲ୍ୟ ଭାଷା ଶିକ୍ଷାରେ ଅଧିକାରୀ ।
ଧନ୍ୟ ଇଂରେଜ ! ତୁମ୍ଭ ପ୍ରସାଦରୁ ଆମ୍ଭେମାନେ ନିର୍ଭୟ ଚିତ୍ତରେ
ବେଦପାଠରେ ଅଧିକାରୀ ଓ ପରଂବ୍ରହ୍ମ ଆରାଧନାରେ ସମର୍ଥ
ହୋଇଅଛୁଁ । ଦୟାମୟ ଈଶ୍ୱର ଯେମନ୍ତ ଭାରତର ଦୁର୍ଦ୍ଦଶା
ମୋଚନ ନିମନ୍ତେ ଇଂରେଜରାଜଙ୍କୁ ପଠାଇଅଛନ୍ତି ।

ଉଲ୍ଲିଖିତ ବୃତ୍ତାନ୍ତଗୁଡ଼ିକ ସମାଲୋଚ୍ୟ ବିଷୟର ଦୂର
ସମ୍ପର୍କୀୟ ହେଲେ ମଧ୍ୟ ଏ ସ୍ଥାନରେ ଅବତାରଣା କଲୁଁ ।
ଉଦ୍ଦେଶ୍ୟ ଏହି ଯେ, ପାଶ୍ଚାତ୍ୟ ପଣ୍ଡିତମାନଙ୍କ ଅନୁକରଣରେ
ଇଦାନୀନ୍ତନ ସମୟରେ ଭାରତସ୍ଥ ଧର୍ମତତ୍ତ୍ୱ ଅନୁସନ୍ଧିତ୍ସୁ
ଅନେକ ପଣ୍ଡିତ ସାଂଖ୍ୟ ତଥା ବୌଦ୍ଧ ଦର୍ଶନଶାସ୍ତ୍ର ଆଲୋ-
ଚନାରେ ମନୋନିବେଶ କରିଅଛନ୍ତି । ସମୟ ପ୍ରଭାବରେ
ଉତ୍କଳୀୟ ପଣ୍ଡିତମଣ୍ଡଳୀ ପ୍ରତିବାସୀ ଜ୍ଞାନୀମାନଙ୍କ ମାର୍ଗାନୁସରଣ
କରିବା, ସୁତରାଂ ସେହି ସୁଯୋଗରେ ବୌଦ୍ଧ ମହାର୍ଘ ଧର୍ମନୀତିମାନ
ଆଲୋଚିତ ଏବଂ ମାତୃଭାଷାରେ ପ୍ରକାଶିତ ହେବା ବିଷୟ ଆମ୍ଭେ-
ମାନେ ପ୍ରତ୍ୟାଶା କରୁଁ ।

ଏହି ପୁସ୍ତକଖଣ୍ଡିକ ବୌଦ୍ଧଧର୍ମସମ୍ପର୍କୀୟ ଗ୍ରନ୍ଥ ନୁହେ । କାବ୍ୟାକାରରେ ଲିଖିତ ମହାମୁନି ଗୌତମଦେବଙ୍କ ସଂକ୍ଷିପ୍ତ ଜୀବନଚରିତ ଅଟେ । ସଚରାଚର ଦେଖାଯାଏ, ଥୋକେ ଲୋକ ଧର୍ମନୀତିପୂର୍ଣ୍ଣ ଗ୍ରନ୍ଥ ବା ମହାତ୍ମାମାନଙ୍କ ଜୀବନୀ ପ୍ରଭୃତି ଅବଶ୍ୟ ପାଠ୍ୟଗ୍ରନ୍ଥ ପରିହାରପୂର୍ବକ ଲଳିତ ସାହିତ୍ୟ କାବ୍ୟ ନାଟକ ପାଠକୁ ସୁଖକର ବୋଲି ଜ୍ଞାନ କରନ୍ତି । କଳ୍ପିତ ନାୟକନାୟିକା-ବୃତ୍ତାନ୍ତସହିତ ଶବ୍ଦପୂର୍ଣ୍ଣ କାବ୍ୟଠାରୁ ମହାତ୍ମାମାନଙ୍କ ଜୀବନ-ଚରିତଘଟିତ କାବ୍ୟ ସହୃଦୟ ପାଠକମାନଙ୍କ ପକ୍ଷରେ ବିଶେଷ ଉପଯୋଗୀ ହେବାର ଆମ୍ଭେମାନେ ପ୍ରତ୍ୟାଶା କରୁଁ । ଏଥିରେ କାବ୍ୟ ଏବଂ ଜୀବନଚରିତ ଯୁଗପତ୍ ଉଭୟ ପ୍ରକାର ଗ୍ରନ୍ଥ ପାଠର ଫଳଲାଭ ହୁଏ ।

ବୌଦ୍ଧଗ୍ରନ୍ଥ ଲଳିତବିସ୍ତର ଏବଂ ବଙ୍ଗଭାଷାରେ ପ୍ରକାଶିତ କେତେ ଖଣ୍ଡ ମାସିକ ପତ୍ରିକା ଏବଂ ପୁସ୍ତକ ଅବଲମ୍ବନରେ ଏହି କାବ୍ୟଖଣ୍ଡିକ ଲିଖିତ । ଏଥିରୁ ଆମ୍ଭେମାନେ ସେମାନଙ୍କ-ଠାରେ ସମ୍ପୂର୍ଣ୍ଣରୂପେ ଋଣପାଶରେ ଆବଦ୍ଧ ।

ସାବଧାନପୂର୍ବକ ସଂକ୍ଷିପ୍ତ ହସ୍ତରେ ଲେଖିବାକୁ ସଚେଷ୍ଟ ଥିଲେ ମଧ୍ୟ ଏହି ମୁଖବନ୍ଧଟି ଯେମନ୍ତ କିଞ୍ଚିତ୍ ବିସ୍ତୃତ ହୋଇ ପଡ଼ିଅଛି । ଆମ୍ଭେମାନେ ସ୍ୱେଚ୍ଛାରେ କେତେସ୍ଥଳେ ବିଷୟର ଅବତାରଣା କରିଅଛୁଁ । ଏଥିର କାରଣ ଅପାରକାଳରୁ ବୌଦ୍ଧ-ଧର୍ମ ଉତ୍କଳରୁ ବିଦାୟଗ୍ରହଣ କରିଥିବାରୁ ଲୋକସାଧାରଣ ତାହାକୁ ଏକପ୍ରକାର ବିସ୍ମୃତ ହୋଇଯାଇଅଛନ୍ତି । ପୁଣି ବୌଦ୍ଧ-ମତ ସମ୍ବନ୍ଧରେ ଅହେତୁକ ବିଦ୍ୱେଷ ମତପୋଷଣକାରୀ ଲୋକ ମଧ୍ୟ ଅଳ୍ପ ନାହାନ୍ତି । ଏଥିରୁ ସାଧାରଣଭାବରେ ବୌଦ୍ଧମତକୁ

ପୁନଃ ପେଟେଭ କହିଦେବା ନିମନ୍ତେ ବାଧ୍ୟ ହୋଇ ପେନେଙ୍କ-ଗୁଡ଼ିଏ ପୂର୍ବବର୍ତ୍ତୀ ପ୍ରସଙ୍ଗର ଉଲ୍ଲେଖ କରିଅଛୁଁ । ସେମାନଙ୍କ ପକ୍ଷରେ ପାଠ ଅନାବଶ୍ୟକ ।

ପ୍ରଥମ ସଂସ୍କରଣରେ ଏହି ମୁଖବନ୍ଧଟି ଯେପରି ଥିଲା, ତାହା ଅନେକସ୍ଥଳରେ ରୂପାନ୍ତରିତ ହୋଇଅଛି । ଆମ୍ଭମାନଙ୍କ କେତେଜଣ ବିଜ୍ଞ ହିତୈଷୀ ବନ୍ଧୁଙ୍କ ଅନୁରୋଧରେ କେତେକ ନୂତନ ବିଷୟ ଯୋଗ କରିଅଛୁଁ । ମଧ୍ୟ କୌଣସି କୌଣସି ଅଂଶ ପରିତ୍ୟକ୍ତ ହୋଇଅଛି । ଇତି ।

ଭାଦ୍ର ଶୁକ୍ଳ ଦଶମୀ ।
ମଲ୍ଲିକାଶପୁର, ବାଲେଶ୍ୱର ।
୧୮୨୮ ଶକାବ୍ଦ ।

ଶ୍ରୀ ଫକୀରମୋହନ ସେନାପତି ।

# ବୌଦ୍ଧାବତାର କାବ୍ୟ ।

## ପ୍ରଥମ ସର୍ଗ ।

ଯାପେ କଳୁଷିତ ଧର୍ମବିବର୍ଜିତ
ହେଲେ ସକଳ ମାନବ,
ପ୍ରଭୁ ବିଶ୍ୱପତି ଜଗତେ ହୁଅନ୍ତି
ଯୁଗେ ଯୁଗେ ସମ୍ଭବ ।
ଧାର୍ମିକ ରକ୍ଷଣେ ଦୁରିତ ଦଳନେ
ଗୋଲୋକବିହାରୀ ହରି
ଅବତାରରୂପେ ଜନମନ୍ତି ଆପେ
ମାନବ ଶରୀର ଧରି ।
ଦେଖଁ ପ୍ରତ୍ୟକ୍ଷରେ ଜଗତ ମଧ୍ୟରେ
ଦୟାମୟ ଭଗବାନ
ଘଟନାବିଶେଷେ ଆସି ଅବଶେଷେ
କରନ୍ତି ଦୁଃଖ ନିର୍ବାଣ ।
ହିମାଳୟ ପଦେ ଥିଲା ଜନପଦେ
କପିଳ ମୁନି ଆଶ୍ରମ,
ଧନ ଧାନ୍ୟ ପୁଣ୍ୟ ସୁଖ ଶାନ୍ତି ପୂର୍ଣ୍ଣ
କପିଳବାସ୍ତୁ ତା ନାମ ।
ରାଜା ଶୁଦ୍ଧୋଦନ ଧର୍ମପରାୟଣ
ଥିଲେ ତହିଁ ନରପତି

ତାଙ୍କ ଦୁଇ ଜାୟା ସତୀ ମହାମାୟା
ପୁଣ୍ୟଶୀଳା ପ୍ରଜାବତୀ ।
ପୁଣ୍ୟଅଙ୍କେ ଯଥା ପ୍ରୀତି, ପତିବ୍ରତା,
ତେସନେ ସେ ବେନ ରାଣୀ ;
ଶଙ୍କର ଅଙ୍କରେ ଥାନ୍ତି ଯେ ରୂପରେ
ଦେବୀ ଜାହ୍ନବୀ, ଭବାନୀ ।
ଆର୍ଯ୍ୟବଂଶ ଜାତ ଶାକ୍ୟବଂଶ ଖ୍ୟାତ
ଥିଲେ ଜଗତ ମଧ୍ୟରେ ;
ବଂଶ ଅନୁରୂପ ଗୁଣ ନାନାରୂପ
ଥିଲା ନୃପତି ଦେହରେ ।
ଐଶ୍ୱର୍ଯ୍ୟ ମହିମା ସର୍ବଗୁଣସୀମା
ଥିଲେ ମଧ୍ୟ ଅଧିକାରୀ,
ସଦା ସନ୍ତାପିତ ବ୍ୟାକୁଳ ଦୁଃଖିତ
ଶୁଦ୍ଧୋଦନ ଦଣ୍ଡଧାରୀ ।
ପୁଷ୍ପହୀନା ଲତା, ଶଶିହୀନା ଯଥା
ଦଶେ ମଳିନା ଶର୍ବରୀ ;
ସନ୍ତାନ ଅଭାବେ ଥାନ୍ତି କଷ୍ଟଭାବେ
ବେନ ଦେବୀ ପାଟେଶ୍ୱରୀ ।
କପିଳ ନଗରେ ପ୍ରତି ସମ୍ବତ୍ସରେ
ଥିଲା ରୀତି ଚିରନ୍ତନ,
ମତ୍ତ ମଧୁମାସେ ଉତ୍ସବେ ଉଲ୍ଲାସେ
ଥାନ୍ତି ଦେଶବାସୀ ଜନ ।
ଏ ମହାଉତ୍ସବ ନବମୀ ଆରମ୍ଭ,
ଶେଷ ପୂର୍ଣ୍ଣିମା ଦିବସେ ;

ଏ ଉତ୍ସବକାଳ                ସ୍ଥବର ଆବାଳ
କାଟନ୍ତି ମହାହରଷେ ।
ନରନାରୀ ସର୍ବେ              ଆନନ୍ଦ ଉତ୍ସବେ
ମଗ୍ନ ଥିଲେ ଛଅ ଦିନ ;
କେବଳ ରାଜାର,              ଦେବ ରାଣୀଙ୍କର
ଶ୍ରୀମୁଖ ଦିଶେ ମଳିନ ।
ସପ୍ତମ ଦିବସେ              ରଜନି ଅବଶେଷେ
ପୂର୍ଣ୍ଣିମା ତିଥି ଶେଷରେ
ଦେବୀ ମହାମାୟା             ନୃପତିଙ୍କ ଜାୟା
ଦେଖିଲେ ସ୍ୱପ୍ନଯୋଗରେ—
ଚାରି ଦେବଲୋକ             ଦେବୀଙ୍କ ପର୍ଯ୍ୟଙ୍କ
ଶୂନ୍ୟମାର୍ଗେ ହିମାଳୟେ
ଘେନ ଶାଳବନେ              ପ୍ରସ୍ତର ଆସନେ
ସ୍ୱର୍ଗୀୟ ଆଲୋକମୟେ
ଥୋଇଲେ ଆସନ,             ସ୍ୱର୍ଗୀୟ ଦେବୀଗଣ
ଆସି ସମ୍ଭ୍ରମେ ସେ ସ୍ଥଳେ
ରାଣୀଙ୍କୁ ସମ୍ମାନ             କରାଇଲେ ସ୍ନାନ
ସୁଧାସମ ସରଜଳେ,
ଗନ୍ଧ ଯାଥିବତା,             ଦୈବୀ ଉଜ୍ଜ୍ୱଳତା
ଯୋଗେ ମହର୍ଷୀ ଶରୀର
ମୟୂଖମାଳାରେ              ମଣ୍ଡିତ ପ୍ରକାରେ
ଦିଶିଲା ଅତି ରୁଚିର ।
ରଜତ ଆଗାରେ              କାଞ୍ଚନଶଯ୍ୟାରେ
ବସିଛନ୍ତି ପାଟରାଣୀ,

ସ୍ୱର୍ଗଦେବଗଣେ    ସ୍ୱର୍ଗୀୟ ସ୍ୱନେ
ମଙ୍ଗଳ କଲେକ ଧ୍ୱନି ।
ରାଣୀ ସୁସଜ୍ଜିତା    ରତନମଣ୍ଡିତା,
ବେଢ଼ି ଦେବୀ ସହଚରୀ,
ତୁଷାରଧବଳ    ଏକ ଦନ୍ତାବଳ
ଶ୍ୱେତପଦ୍ମ ଏକ ଧରି
ରାଣୀଙ୍କ ପାଶ୍ୱରେ    ଭକ୍ତି-ବିନମ୍ରରେ
ପ୍ରଦକ୍ଷିଣ ତିନଥର,
ସବ୍ୟେତରଦେଶ    କଲାକ ପ୍ରବେଶ
ଭେଦାଇ ଦେବୀ ଉଦର ।
ଶୁଭ୍ରମେଘାନନେ    ଶଶାଙ୍କ ଯେସନେ
ଧୀରେ କରଇ ସଞ୍ଚାର,
ରାଣୀଙ୍କ ଉଦରେ    କ୍ରମେ ଉଲ୍ଲାସରେ
ମାତଙ୍ଗ ସେହପ୍ରକାର ।
ଦେବୀ ମହାମାୟା    ପୁଲକିତକାୟା
ଚେତି ସ୍ୱପନ ସହସା
ରାଜା ଶୁଦ୍ଧୋଦନେ    ବିନୟବଚନେ
ଜଣାଇଲେ ସବୁ ଦଶା ।
ରାଜା ସେହକ୍ଷଣେ    ଦୈବଜ୍ଞ ବ୍ରାହ୍ମଣେ
ସ୍ୱପନର ଫଳମାନ
ପୁଚ୍ଛନ୍ତେ, ସକଳେ    ରାଣୀ ଭାଗ୍ୟବଳେ
ଲଭିବେ ଦିବ୍ୟ ସନ୍ତାନ—
ବୋଇଲେ ସମ୍ଭ୍ରମେ    ଯେବେ ଗୃହାଶ୍ରମେ
ରହିବେ ରାଜନନ୍ଦନ,

ହେବେ ଚକ୍ରବର୍ତ୍ତୀ,          ଲଭିବେ ସମ୍ପତ୍ତି,
ଏକଛତ୍ର ଏ ଭୁବନ ।
ହେଲେ ସେ ସନ୍ନ୍ୟାସୀ          ଜଗତଜନବାସୀ
ମାନବ ଉଦ୍ଧାର ପାଇଁ
କରିବେ ବିଧାନ          ତେଜି ଧନମାନ,
ବିଶ୍ୱେ ସଦୃଶ୍ୟ ନାହିଁ ।
ପୃଥ୍ୱୀ ପାପଭାର          କରିବେ ସଂହାର,
ରାଜ୍ୟରେ ଶୁଭବାରତା
ହୋଇଲା ପ୍ରଚାର,          ଆନନ୍ଦ ସଞ୍ଚାର
ଶଶାଙ୍କ ଉଦୟେ ଯଥା ।
ପଞ୍ଚତତ୍ତ୍ୱାଂଶ          ପ୍ରାପତ ନୃପ,
ମହାମାୟା ଗର୍ଭଗତ,
ଧରିଲେ ସୁଷମା          ଲାବଣ୍ୟ ପ୍ରତିମା,
ବିକାଶିଲା ମୁଖଜ୍ୟୋତି ।
ପ୍ରୀତି ପବିତ୍ରତା          ସ୍ନେହ ସରଳତା
ଆନନ୍ଦ ଜନମେ ମନେ ;
ଜୀବ ସଞ୍ଚାମିତ          ନୃପତିଙ୍କ ଚିତ୍ତ,
ଦେଖନେ ପ୍ରଫୁଲ୍ଲ ଜନେ ।
ଆନନ୍ଦଉଲ୍ଲାସେ          କ୍ରମେ ଦଶ ମାସେ
ପୂର୍ଣ୍ଣକାଳ ଗର୍ଭାଧାନ,
ପୌଷପୂର୍ଣ୍ଣିମାରେ          ପୁଷ୍ୟାନକ୍ଷତ୍ରରେ
ଶୁଭଯୋଗ ବିଦ୍ୟମାନ ।
ଆନନ୍ଦେ ଲୁମ୍ବିନୀ          ବନକୁ ଜନନୀ
ଗଲେ ସହଚରୀ ମେଳେ,

ବସନ୍ତ ଯୋଗରେ ଶୀତଳ ସମୀରେ
ଉମଙ୍ଗ ହିଲ୍ଲୋଲ ଖେଳେ,
ମଳୟ ଅନିଳେ ବ୍ରତତି ସକଳେ
ହେଉଛନ୍ତି ଆନ୍ଦୋଳିତ,
ନବ କିଶଳୟେ ଛବି ପଦ୍ମରଗେ
ତରୁସ୍ତବକ ଭୂଷିତ ।
ବିମଳ ଆକାଶେ ବିହଗ ଉଲ୍ଲାସେ
ବିବିଧ ଲୀଳା ବିସ୍ତାର
କରନ୍ତି ସଙ୍ଗୀତ କୋମଳ ଲଳିତ
ଡାଳେ ବସି ଶୁକ ସାରୀ ।
କମଳ କଳିକା ମାଧବୀ ମଲ୍ଲିକା
କୁସୁମ ବିବିଧ ଜାତି
ଫୁଟି ସମୁଜ୍ଜ୍ୱଳ ଦିଶେ ବନସ୍ଥଳ,
କି ଅବା କୌମୁଦୀ ଭାତି ।
ଭ୍ରମି ସେ କାନନେ ମାୟାଦେବୀ ମନେ
ଜାତ ଆନନ୍ଦ ଅପାର,
କିବା ବିଶ୍ୱପତି- ଙ୍କର ସ୍ନେହ, ପ୍ରୀତି
ବହେ ପ୍ରସ୍ରବଣ ଧାର ।
ଏକ ଶାଳମୂଳେ ଦେବୀ ଦୈବବଳେ
ପଡ଼ିଗଲେ ଅଚେତନେ,
ସ୍ୱର୍ଗୀୟ ସୁମନ ସମାନେ ନନ୍ଦନ
ପ୍ରସବିଲେ ଶୁଭକ୍ଷଣେ ।
ଶୋଭିଲେ କୁମର ପରମ ସୁନ୍ଦର
ମହାଦେବୀଙ୍କର କୋଳେ;

ଫୁଟିଲା ସୁମନ       ନନ୍ଦନ କାନନ
ଅବା ପାରିଜାତ ଗଛେ ।
ଶୁଭସମାଚାର       ରାଜ୍ୟରେ ପ୍ରଚାର
ହେଲା ଲୋକେ ପରସ୍ପରେ,
କରେଣି ସେ ପୁନୁ       ନୃପତି ନୟନୁ
ପ୍ରେମମୟ ଅଶ୍ରୁ ଝରେ ।
ଶାକ୍ୟରାଜ୍ୟବାସୀ       ପରମ ଉଲ୍ଲାସୀ
କଲେ ଆନନ୍ଦ ଉତ୍ସବ,
ସେହ ପ୍ରତିଧ୍ୱନି       ଅଛନ୍ତି ଯେ ଶୁଣି
ଜଗତ ମାନବ ସର୍ବ ।
ପୃଥିବୀ ଅର୍ଦ୍ଧେକ       ଖଣ୍ଡବାସୀ ଲୋକ
ଯେ ଶିଶୁକୁ କରି ଧ୍ୟାନ
ଯାବତ ଯନ୍ତ୍ରଣା       କରି ବିଜ୍ଞମନା
ଲଭିବେ ମୁକ୍ତି ନିର୍ବାଣ ।
ରାଜା ଶୁଦ୍ଧୋଦନ       ଜ୍ୟୋତିର୍ବିଦଗଣ
ଡକାଇ ବୁଝିଲେ କୋଷ୍ଠୀ,
ବୋଇଲେ ସକଳେ       ଅବନୀମଣ୍ଡଳେ
ସୃଜିବେ ଧାର୍ମିକଗୋଷ୍ଠୀ ।
ଆହା ଦୈବବଶେ       ସପ୍ତମ ଦିବସେ
ମହାମାୟା ମହାରାଣୀ
ପୁଷି କରି ଖାଲି       ଗଲେ ସ୍ୱର୍ଗେ ଚଳି
ଝୁରଇ ଜଗତ ପ୍ରାଣୀ ।
ମାତା ମହାମାୟା       ତେଜିଛନ୍ତି କାୟା,
କ୍ଷଣଭଙ୍ଗୁର ଶରୀର,

ରହଛି ବା କେହ ? ଯାହା ଗଲେ ଦେଇ
ଯୁଗେ ଯୁଗେ ଥିବ ଚର ।

ଇତି ଶ୍ରୀ ବୌଦ୍ଧାବତାର କାବ୍ୟେ ଜନ୍ମ ନାମ
ପ୍ରଥମ ସର୍ଗ ।

# ଦ୍ୱିତୀୟ ସର୍ଗ ।

## ଅସିତାଗମନ ।

ଅଭ୍ରଭେଦୀ ଶୁଭ୍ରଶିର ଗିରି ହିମାଳୟ,
ସିନ୍ଧୁନଦ ରତ୍ନଗର୍ଭ ଦେବତାନିଳୟ ।
ମୁକ୍ତିକାମୀ ଭକ୍ତିଭାବେ ଯାହାର କନ୍ଦରେ
ପରଂବ୍ରହ୍ମ ଧ୍ୟାନେ ମଗ୍ନ ଯୁଗଯୁଗାନ୍ତରେ ।
ମହର୍ଷି ଅସିତ ଶିରେ ସିତ ଜଟାରାଶି,
ସ୍ଥବିର, ମାନସ ସ୍ଥିର, ପୂତ ପବନାଶୀ ।
ମହାପ୍ରାଜ୍ଞ ତ୍ରିକାଳଜ୍ଞ ଜାଣିଲେ ଧ୍ୟାନରେ,
ଜନ୍ମିଲେ ଅଦ୍ଭୁତ ସୁତ କପିଳ ନଗରେ ।
କଳୁଷ କାଳିମାପୂର୍ଣ୍ଣ ଏ ଭବ-ସଂସାର—
ଉଦ୍ଧାର କାରଣେ ପରଂବ୍ରହ୍ମ ଅବତାର ।

ଯୋଗବଳେ ଯୋଗିବର ତେଜିଲେ ଆସନ,
ବାସନା ଶକ୍ତିରେ ନେତ୍ରେ ଦେଖିଲେ ନନ୍ଦନ ।
ବିହାୟସମାର୍ଗେ ବିହଙ୍ଗମ ସମାନରେ
ଆସି ତ୍ୱରି ଉପନୀତ କପିଳ ନଗରେ ।
ସଙ୍ଗତରେ ଛାତ୍ର ଭଗିନେୟ ନରଦତ୍ତ,
ନବୀନ ତପସ୍ୱୀ ସ୍ଥିରମତି ଶୁଦ୍ଧସତ୍ତ୍ୱ ।

ଏଥିଅନ୍ତେ ଯୋଗବଳ କରି ସମ୍ବରଣ
ନୃପତି ସଦନେ ପ୍ରବେଶିଲେ ବେଦଜ୍ଞନ ।
ମାର୍ଗକୁ ମଣାଇ ସେହି ଗଲା ପ୍ରତିହାରୀ,
ଅନ୍ତଃପୁରେ ବିରାଜିତ ଯହିଁ ଦଣ୍ଡଧାରୀ ।
ପାଛୋଟି ନୃପତି ଆସି ଭକ୍ତି-ବିନୟରେ
ବସାଇଲେ ପାଦ୍ୟ ଅର୍ଘ୍ୟ ଦେଇ ଆସନରେ ।
ଉଭୟେ ସ୍ୱାଗତ ପ୍ରଶ୍ନେ ସନ୍ତୁଷ୍ଟ ଉତ୍ତରେ,
ପ୍ରୀତି ଭକ୍ତି ବିନମ୍ର ହେଲା ପରସ୍ପରେ ।

ବିନୟରେ ମହାଋଷି ବୋଇଲେ ରାଜନେ,
ତବ ନବଜାତ ସୁତେ ଦେଖିବ ନୟନେ ।
"ଅପେକ୍ଷା କରନ୍ତୁ କ୍ଷଣେ" ବୋଇଲେ ନୃପତି,
"ଦେଖିଲ ନନ୍ଦନ ଛନ୍ତି ନିଦ୍ରିତ ସମ୍ପ୍ରତି ।"
ମହର୍ଷି ବୋଇଲେ "ଏବେ ସୁତେ ଆଣ ଯାଇ,
ମହାପୁରୁଷଙ୍କ ନିଦ୍ରା ନୁହେ ଦୀର୍ଘସ୍ଥାୟୀ ।"

ଆଣି ସୁତେ ନରପତି ମହର୍ଷି ଚରଣେ
କୁସୁମ ସମାନ କଲେ ଅର୍ପଣ ନନ୍ଦନେ ।
ଫୁଲ୍ଲ ପାରିଜାତ ଯଥା କାଞ୍ଚନପଦରେ,
ବିରାଜିତ ଶିଶୁସୁତ ମହର୍ଷି ପାଦରେ ।

ଅଦ୍ଭୁତ ଅଦ୍ଭୁତ ସୁତ ବୋଇଲେ ମହର୍ଷି,
ଧନ୍ୟ ଶାକ୍ୟବଂଶ ! ତୁମ୍ଭେ ଦଣ୍ଡଗ ରାଜର୍ଷି ।
ପ୍ରଦକ୍ଷିଣ କରି ବନ୍ଦି ଶିଶୁକୁ ଅସିତ
ମହର୍ଷି ମଉନେ କଲେ ନୟନ ମୁଦ୍ରିତ ।
ବସିଛନ୍ତି ସ୍ଥିରଭାବେ ଏକନ ଆସନେ,
ବହେ ପ୍ରେମଅଶ୍ରୁଧାର ଯୁଗଳ ନୟନେ ।
ପୁଛିଲେ ବିକଳେ ରାଜା ଚିତ୍ତେ ମଣି ଭୟ,
ଅହେ ମହାଭାଗ ! ମୋତେ ବୋଲନ୍ତୁ ବିଷୟ ।
ଦେଖିଲେ କି ପୁତ୍ରଠାରେ କିଛି ଅମଙ୍ଗଳ ?
ବୋଲନ୍ତୁ ବୋଲନ୍ତୁ କାହିଁ ବହେ ନେତ୍ରଜଳ ?

ବୋଇଲେ ନୟନୁ ଅଶ୍ରୁ ପୋଛି ମହାଯତି,
ଅମଙ୍ଗଳ ଅସମ୍ଭବ ! ଅହେ ନରପତି !
ପାଇବେ ମଙ୍ଗଳ ଯହୁଁ ନିଖିଳ ମାନବ,
ଅମଙ୍ଗଳ ତାହାଠାରେ କେବେଁ କି ସମ୍ଭବ ?

କରିବେ ଏ ଧର୍ମଚକ୍ର ଜଗତେ ସ୍ଥାପନ,
କରିବେ ମାନବବୃନ୍ଦ ସନ୍ତାପ ବାରଣ ।
କରିବେ ଏ ସତ୍ୟ ଧର୍ମ ଜଗତେ ପ୍ରଚାର,
ପାପ ଯନ୍ତ୍ରଣାରୁ ପ୍ରାଣିମାନଙ୍କୁ ଉଦ୍ଧାର ।
ମଙ୍ଗଳନିଧାନ ଶିଶୁ ଜଗତ କଲ୍ୟାଣେ
ପ୍ରଚାରିବେ ସତ୍ୟଧର୍ମ ନୂତନ ବିଧାନେ ।

ପାପ ତାପ ଜରା ବ୍ୟାଧି ପୂର୍ଣ୍ଣ ଏ ଜଗତ,
କରିବେ ସକଳ ଦୂର ସତ୍ୟ ସତ୍ୟ ସତ୍ୟ !
ସୁଖ ଦୁଃଖ, ଦିବା ନିଶି, ଆଲୋକ ଅନ୍ଧାର,
ଚକ୍ରନେମି ପରି କରେ ଜଗତେ ସଞ୍ଚାର ।

ଜଗତ ଯନ୍ତ୍ରଣାମୟ, ଜାଣ ଜଗତ୍ପିତ
ଆସିଛନ୍ତି ଜଗତକୁ–ଖଣ୍ଡିବେ ଦୁର୍ଗତି,
ସତ୍ୟ ସତ୍ୟ ନରପତି ! ତୁମ୍ଭର ସନ୍ତାନ
ଜଗତରେ ସୁଖ ଶାନ୍ତି କରିବେ ବିଧାନ ।
ପାପ ତାପ ଜରା ବ୍ୟାଧି କଳୁଷ କାଳିମା
ଲଭିଛି ଜଗତେ ଯନ୍ତ୍ରଣାର ଶେଷସୀମା ।
କେତେ କଳ୍ପ କଳ୍ପାନ୍ତରେ ପୁରୁଷ-ଉତ୍ତମ
ତୁମ୍ଭ ପୁତ୍ରରୂପେ ବୁଦ୍ଧ ଲଭିଲେ ଜନମ ।
ଦୁଃଖନିଶି ଅବସାନ ଜାଣ ନରପତି,
ପ୍ରକାଶିଲା ଜଗତରେ ସତ୍ୟଧର୍ମ ଜ୍ୟୋତି ।
କାଳବଶେ ଧର୍ମଗ୍ଲାନି ହେଲେ ଉପସ୍ଥିତ,
ହୁଅନ୍ତି କରୁଣାସିନ୍ଧୁ ବୁଦ୍ଧ ସମୁଦିତ ।
ମୋ ଜୀବନ ଅବସାନେ ଆହେ ଶୁଦ୍ଧୋଦନ !
ସମାଗତ ତଥାଗତ କରୁଛି କ୍ରନ୍ଦନ ।
ନ ଦେଖିବ ନେତ୍ର ମୋର ପ୍ରଭୁଙ୍କ ମୂରତି,
ଅନୁଭବ ନ ପାରିବ ସତ୍ୟଧର୍ମ ଜ୍ୟୋତି ।
ନ ଦେଖିବ ବୁଦ୍ଧଙ୍କର ଧର୍ମଚକ୍ରଗତି,
ନ ଶୁଣି ପାରିବ କର୍ଣ୍ଣ ଶାନ୍ତି-ସାମ୍ୟ-ଗୀତି ।
ଆହା ! ବୁଦ୍ଧ ଆରାଧନା ନାହିଁ ମୋ ଭାଗ୍ୟରେ,
ପୂଜିବେ ଯାହାଙ୍କୁ ଜଗତର ନାରୀ ନରେ ।
ପର୍ବତ ପାଷାଣବକ୍ଷେ, ସ୍ତମ୍ଭେ, ଦେବାଳୟେ,
ଅଙ୍କିବ ତାଙ୍କ ନାମ ମାନବହୃଦୟେ
ହେବ—କୀର୍ତ୍ତିମୟ ଗାଥା ଜଗତେ ସଙ୍ଗୀତ,
ନ ଶୁଣିବ ଶ୍ରବ ମହାନନ୍ଦରେ ନନ୍ଦିତ ।

କ୍ରନ୍ଦନ କରୁଛ ନୃପ ! ପ୍ରଭୁ ଯେ କରୁଣା
ଢାଳିବେ, ଦେଖିବ ନାହିଁ ଭାଗ୍ୟ ମୋର ଊଣା ।
ଧ୍ୟାନବଳେ ବେଦଶାସ୍ତ୍ରେ ହେଇ ଅବଗତ,
ହେବେ ଏ ତୁମ୍ଭର ସୁତ ବୁଦ୍ଧ ତଥାଗତ,
ଏହାଙ୍କର ଧର୍ମନୀତି ବ୍ୟାପିବ ଜଗତେ,
ଲଭିବେ ନିର୍ବାଣ ନଷ୍ଟେ ମାନବ ସମସ୍ତେ ।
ନ ପାଇବ କରି ତୁଚ୍ଛ ଐଶ୍ୱର୍ଯ୍ୟ ବନ୍ଧନ,
କରିବେ ଯୌବନେ ଦେବ ସନ୍ନ୍ୟାସ ଗ୍ରହଣ ।
କରିବେ ସେ ସତ୍ୟ ମନ୍ତ୍ର ଜଗତେ ପ୍ରଚାର,
ପାପ ତାପୁଁ ପ୍ରାଣୀ ତହୁଁ ପାଇବେ ଉଦ୍ଧାର ।
ବତିଶ ଲକ୍ଷଣ ଅନୁବ୍ୟଞ୍ଜନା ଅଶୀତି
ବହନ୍ତି ଦେହରେ, ମହାପୁରୁଷଙ୍କ ରୀତି ।
ଦେଖ ହେ ନୃପତି, ତୁମ୍ଭ ଅପୂର୍ବ ନନ୍ଦନ
ବହଇନ୍ତି ସର୍ବ ମହାପୁରୁଷ ଲକ୍ଷଣ ।

ଏ ସର୍ବ ଲକ୍ଷଣଧାରୀ କଳ୍ପ କଳ୍ପାନ୍ତରେ
ଆସନ୍ତି ଜଗତେ ତାରିବାକୁ ନାରୀ ନରେ ।
ଯେ ଲକ୍ଷଣ ବଦ୍ୟମାନ ନୃପତି ଦେହରେ,
ତହୁଁ ଶ୍ରେଷ୍ଠ ଏ ଲକ୍ଷଣ ସହସ୍ର ଗୁଣରେ ।
କେତେ ରାଜା ମହାରାଜ କାଳସ୍ରୋତେ ଭସି
ଯିବେ, ମାତ୍ର ଥିବ ବୁଦ୍ଧ ମହିମା ପ୍ରକାଶି ।

ଧନ୍ୟ ଧନ୍ୟ ! ପୁଣ୍ୟବନ୍ତ ତୁମ୍ଭେ ଶୁଦ୍ଧୋଦନ !
ଲଭିଛ ସୁକୃତିବଳେ ଅପୂର୍ବ ନନ୍ଦନ ।
ସିଦ୍ଧମନୋରଥ ହେବେ ମାନବେ କୃତାର୍ଥ,
ଥୋଇବ ଏହାଙ୍କ ନାମ ହେ ନୃପ ! ସିଦ୍ଧାର୍ଥ ।

ବର୍ମିତା ଗୌତମୀ ଦେବୀ କରିବେ ପାଳନ,
ବୋଲିବେ ଗୌତମ ମୁନି ତେଣୁ ଲୋକଗଣ ।
ଶାକ୍ୟମୁନି ନାମ ହେବ ଶାକ୍ୟବଂଶ ଜାତ,
ତଥାଗତ ନାମେ ପୁଣି ହେବେ ସେ ବିଖ୍ୟାତ ।
ମାନବର ପାପତାପ ମୋଚନେ ଆଗତ,
ବହିବେ ଏଥିକି ଶିଶୁ ନାମ ତଥାଗତ ।
ମହାଜ୍ଞାନେ ଧ୍ୟାନେ ଅତ୍ୟୁତ୍କଟେ ତପସ୍ୟାରେ
ଲଭିବେ ଚରମସୀମା ଜଗତ ସଂସାରେ ।

ପରଂବ୍ରହ୍ମ ଅବତାର ବୁଦ୍ଧ ମହାମତି,
ହରିବେ ଜଗତ ଲୋକ ସନ୍ତାପ ଦୁର୍ଗତି ।
ନୃପତିଙ୍କୁ ବୋଲି ଏତେ ମହର୍ଷି ଅସିତ
ଘେନିଲେ ମେଲାଣି ପୁଣି ହୋଇ ପ୍ରଣମିତ ॥
ଜନ୍ମକୋଷ୍ଠି ଶୁଭାଶୁଭ ଗଣିବା ସକାଶେ
ଆଠଜଣ ଜ୍ୟୋତିର୍ବିଦ ନରପତି ପାଶେ
ମିଳି ଗ୍ରହଚକ୍ର ସ୍ଥିତି କରି ନିରୀକ୍ଷଣ
ବୋଇଲେ ରାଜାଙ୍କୁ ଜ୍ୟୋତିର୍ବିଦ ସାତଜଣ—
ଥିଲେ ଗୃହାଶ୍ରମେ ପୁତ୍ର ରାଜଚକ୍ରବର୍ତ୍ତୀ,
ଅଥବା ସନ୍ନ୍ୟାସାଶ୍ରମେ ହେବେ ମହାଯତି ।
ବୋଇଲେ ଅଷ୍ଟମ ଜଣ, ଆହେ ଦଣ୍ଡଧାରି !
ଜରାଜୀର୍ଣ୍ଣ ଲୋକ, ରୁଗ୍ଣ, ମୃତ, ଭିକ୍ଷାକାରୀ,
ଯେ କାଳେ ଦେଖିବେ ପୁତ୍ର ଏ ଚାରି ପ୍ରକାର,
ହେବେ ସେ ସନ୍ନ୍ୟାସୀ ତେଜି ଗାର୍ହସ୍ଥ୍ୟ ସଂସାର ॥
କରିବାକୁ ଜଗତରେ ପାପ ବିମୋଚନ
ହେବେକି ବୁଦ୍ଧ ଏହି ଶିଶୁ ନିଶ୍ଚୟ ରାଜନ !!

କାନ୍ଦିଲେ ବିକଳେ ନୃପ ଶୁଣି ସମାଚାର,
ମାତ୍ର କଲେ ପୁରୀମଧ୍ୟେ ଆଦେଶ ପ୍ରଚାର—
ଏପରି ପଦାର୍ଥ ଶିଶୁ ନ ଦେଖେ ଯେପରି,
ଦିବା ନିଶି ରହୁଥିବେ ଜାଗ୍ରତ ପ୍ରହରୀ ।
ନବୋଧ ହେ ଶୁଦ୍ଧୋଦନ ! ନ ଜାଣ ପ୍ରସଙ୍ଗ,
ବାଲିବନ୍ଧ ସମ୍ଭାଳେ କି ସାଗରତରଙ୍ଗ ?
ଜଗତନିୟନ୍ତା ହରି ଆଦେଶ ମେଣ୍ଟଣ
କରିବାକୁ ଜଗତରେ କେ ଜନ ଭାଜନ ?

ଇତି ଶ୍ରୀ ବୌଦ୍ଧାବତାର କାବ୍ୟେ ଅସିତ ମହର୍ଷି ସମାଗମ
ନାମ ଦ୍ୱିତୀୟ ସର୍ଗ

## ତୃତୀୟ ସର୍ଗ ।

### ହଲୋତ୍ସବ ।

ବିମାତା ଗୌତମୀ ଦେବୀ ପରମ ଯତନେ
ପ୍ରାଣରୁ ଅଧିକ ମଣି ପାଳିଲେ ନନ୍ଦନେ ।
ସର୍ବାଙ୍ଗ ସୁନ୍ଦର ସୁତ ଲାବଣ୍ୟ ମାଧୁରୀ,
ଅମାନୁଷ ଦୈବ ଭାବ ଅଛି ଅଙ୍ଗେ ପୂରି ।
ଜନନୀ ପରମ ଯତ୍ନେ ବଢ଼ିଲେ କୁମର,
ବିଗତ ଶୈଶବ ଭାବ, ପୂର୍ଣ୍ଣ କଳେବର ।

ଶୁଭଯୋଗେ ନରପତି ରାଜମନ୍ତ୍ରୀ ସଙ୍ଗ
ମହୋତ୍ସବେ କରାଇଲେ ପୁତ୍ର ବିଦ୍ୟାରମ୍ଭ ।
ଗୁରୁ ବଶିଷ୍ଠ ସର୍ବ ଶାସ୍ତ୍ରରେ ନିପୁଣ,
ସ୍ୱଭାବେ ମେଧାବୀ ଜ୍ଞାନୀ ଧୀର ଶିଶୁ ପୁଣ ।
ସ୍ୱଭାବେ ସରସୀରୁହ ସୌରଭ ବିସ୍ତାରେ,
ହେଲେକ ନିପୁଣ ଶିଶୁ ସକଳ ବିଦ୍ୟାରେ ।
ଶୁଣି ଥରେ ମାତ୍ର ଘାଟୋଇଲା ପାଠ ପଦ
ଅଭ୍ୟସ୍ତ କଲେକ ସର୍ବ ଗୁରୁବାକ୍ୟ ମୂଳ ।
ସ୍ୱଭାବରେ ଜ୍ୟୋତିଃଶାଳୀ ଯେମନ୍ତ ହୀରକ,
ମଣିକାର ହସ୍ତ ଲାଗି କରେ ଝକଝକ ।
ସର୍ବଶାସ୍ତ୍ର ଥିଲା ଯେତେ ହୃଦୟେ ପ୍ରଚ୍ଛନ୍ନ ,
ବ୍ୟକତ ପ୍ରଶସ୍ତ ଶୁଣି ଗୁରୁଙ୍କ ବଚନ ।
ସ୍ୱଭାବେ ଜ୍ୱଳନଶୀଳ ହେଲେହେଁ ପାବକ,
ସମୀରଣ ସହାୟତା ହୁଏ ଆବଶ୍ୟକ ।
କାନନେ କୁସୁମ ଯଥା ବସନ୍ତେ ବିକାଶେ,
ହେଲେ ସୁପଣ୍ଡିତ ସୁତ ଅଳ୍ପ ବିଦ୍ୟାଭ୍ୟାସେ ।
ସହପାଠୀ ଶିଶୁ କାହିଁ ହେବେ ସମକକ୍ଷ ?
ଦୈବ ଭାବ ଯା ସ୍ୱଭାବେ ରହିଛି ପ୍ରତ୍ୟକ୍ଷ ।
ବ୍ୟାୟାମେ କ୍ରୀଡ଼ାରେ ଅଶ୍ୱ ଗଜ ଆରୋହଣେ
ସମକକ୍ଷ ପ୍ରତିଦ୍ୱନ୍ଦୀ ଥିଲା ନାହିଁ ଜଣେ ।
ଥିଲେ ମଧ୍ୟ ସିଦ୍ଧହସ୍ତ ମୃଗୟାକ୍ଷେତ୍ରରେ,
ପଡ଼ନ୍ତି ଚମକି ଭାଳି କ କଥା ମନରେ ।
ସହଜେ ପାରନ୍ତି ବଧି ଲକ୍ଷ ପଶୁ ପ୍ରାଣ,
ମାତ୍ର ଏବେ ହସ୍ତୁ ଖସିପଡ଼େ ଧନୁର୍ବାଣ ।

ଧାବତ ଘୋଟକ ଘର୍ମ ଦେଖିଲେ ନୟନେ,
ଓହ୍ଲାଇ ପଡ଼ନ୍ତି ପଶୁ ଉପରୁ ତକ୍ଷଣେ ।
ଜଗତର ଦୁଃଖବାର୍ତ୍ତା ନ ଜାଣେ କୁମର,
ତଥାପି ହୁଅନ୍ତି ପର ଦୁଃଖରେ କାତର ।
ପୁରୋଦ୍ୟାନେ ଦନକରେ ବିଜନ ସ୍ଥାନରେ,
ବସି ଯୁବା ଭାବୁଥିଲେ କି କଥା ମନରେ ।
ନୀଳାକାଶେ ହଂସାବଳୀ କଳରବ କରି
ଯାଉଛନ୍ତି ଭାସି ଗତିଶୀଳ ତାରା ପରି ।

ପଡ଼ିଲା ଆକାଶୁ ଖସି ଏକ ରାଜହଂସ,
ଭେଦଛି ସାୟକ ତାର ପକ୍ଷ ଏକ ଅଂଶ ।
ଧୀରେ ସାବଧାନେ ଶର କୋମଳ ହସ୍ତରେ
କାଢ଼ିଲେ, ବଢ଼ିଲେ ଦୁଃଖ କଥା ପ୍ରଥମରେ ।
ଯେ କରୁଣା ଅଂଶୀ ହେବେ ସର୍ବ ନାରୀ ନର,
ଉଠିଲା ଉଚ୍ଛୁଳି ତାର ପ୍ରଥମ ନିର୍ଝର ।
ନିତାନ୍ତ ବ୍ୟଥିତ ଯୁବ ମରାଳ ବ୍ୟଥାରେ,
ପ୍ଲାବିତ ଉତ୍ସଙ୍ଗ ଅଙ୍ଗ ନେତ୍ର ଅଶ୍ରୁଧାରେ ।
ନିଲେ କୋଳରେ ଧରି ଜନନୀ ସମାନେ
ଆଉଁଶିଲେ ବସି ଧୀରେ ହସ୍ତେ ସାବଧାନେ ।
ଅବୋଧ ସାମାନ୍ୟ ପ୍ରାଣୀ, ତଥାପି କୁମରେ
ଏକଧ୍ୟାନେ ଥାଏ ଚାହିଁ ବଦନୁ କାତରେ ।
ସ୍ନେହମୟୀ ମାତା କୋଳେ ସନ୍ତାନ ସମାନେ
ଚାହିଁଥାନ୍ତି ପରସ୍ପର କୃପା ଆଶା ପ୍ରାଣେ ।
ଦେବଦତ୍ତ ନାମେ ଯୁବା ବୋଇଲା କୁମରେ,
ମୋର ଏ ହଂସଟି ଦେବ ! ବିନ୍ଧିଛି ମୁଁ ଶରେ ।

ବୋଇଲେ କୁମର, ଭାଇ ! ଯେବେ ଶରାହତ
ପାଏ ପକ୍ଷୀ, ନ ପାଏ କି ଜୀବନଦାୟକ ?
ହତ ନୁହେ ଏହି ହଂସ, ଆହତ କେବଳ,
ଦେଖ ଭାଇ ! ମୋ ଯତ୍ନରେ ହେଲଣି ସବଳ ।
ଅସ୍ତ୍ର ଆଘାତରେ କେତେ କଷ୍ଟ ପାଏ ପ୍ରାଣୀ,
ଦେଖି ଏ ମରାଳେ ତଥ୍ୟ ନ ପାଇଲ ଜାଣି ?
କି କଷ୍ଟ ଲଭିଛି ହଂସ, ବୁଝ ଅନୁମାନେ,
ହୁଅନ୍ତା ଯେ କଷ୍ଟ ଅସ୍ତ୍ରାଘାତେ ତୁମ୍ଭ ପ୍ରାଣେ ।
ନ ଦେବି ମରାଳ, ହେଲେ ହଅ ଶାକ୍ୟରାଜ୍ୟ,
ହିଂସା ବ୍ୟବସାୟୀ ଯହିଁ, ନାହିଁ କିଛି କାର୍ଯ୍ୟ ।
ଚକିତ ବିସ୍ମିତ ଏତେ ଶୁଣି ଦେବଦତ୍ତ,
ବୁଝିଲା କୁମର ଏକ କରୁଣାର ସ୍ରୋତ !
ପ୍ରଥମେ ଜଗତେ ହେଲା କରୁଣା ଘୋଷଣା,
ଶାକ୍ୟସୁତେ, ଦେବଦତ୍ତେ ଗଲା ଏହା ଜଣା ।
ବାହୁଡ଼ିଲେ ଦେବଦତ୍ତ, ମରାଳ ଆକାଶେ
ଗଲା ଉଡ଼ି ରବ କରି ପରମ ଉଲ୍ଲାସେ ।
ଭବନେ ସିଦ୍ଧାର୍ଥ ବସି ଭାଳିଲେ ମନରେ,
ଏତେ ବ୍ୟଥା ଜାତ ଯେବେ କ୍ଷୁଦ୍ର ଏକ ଶରେ,
ପତ୍ରୁସ୍ଥେ ଅଛି କେତେ ଅସ୍ତ୍ର ଭୟଙ୍କର,
ଶୁଣିଛି ଘଟିଛି କେତେ ଭୀଷଣ ସମର ।
ହୁଏ କି ଯେ ଅସ୍ତ୍ରାଘାତ ମାନବ ଦେହରେ ?
କି ଭୀଷଣ କାର୍ଯ୍ୟ ଘଟେ ଜଗତ ମଧ୍ୟରେ !
କେତେ ବା କ୍ରନ୍ଦନ ହାହାକାର ସେ ସମୟେ,
ଅତଙ୍କ ଯନ୍ତ୍ରଣା ଜାତ ମାନବ ହୃଦୟେ !

ସମ ପ୍ରାଣିଗଣେ ଦେଇ ଯନ୍ତ୍ରଣା ଅଧିକ
ରାଜ୍ୟସୁଖ ଲୋଡ଼େ ଲୋକ ? ଧିକ ! ଧିକ ! ଧିକ !
ଏମନ ବିତୃଷ୍ଣା ରାଜ୍ୟେ କୁମାର ମନରେ,
ଲୋଡ଼ନ୍ତି ସେଦିନୁ ରହିବାକୁ ନିର୍ଜନରେ ।
ଆହ୍ଲାଦ ଉତ୍ସବ ସୁଖ ଲୋକକୋଳାହଳ
ମଣନ୍ତି ମନରେ ଯୁବା ଅତି ହଳାହଳ ।
ଯୌବନ ଆଗମେ ଯୁବା ମନେ ଚିନ୍ତାସ୍ରୋତ
ଉତ୍କଟ ପ୍ରାବୃଟକାଳେ ଗିରିନଦୀବତ ।
ବିତୃଷ୍ଣା ବିଳାସେ, ସଦା କି ପିପାସା ପ୍ରାଣେ,
ବିରଳେ ବିଜନେ ବସି ମଗ୍ନ ଥାନ୍ତି ଧ୍ୟାନେ ।
ନ ଜାଣନ୍ତି କି ଆକାଂକ୍ଷା ମନରେ ଉଦୟ,
କି ଲାଭରେ, କି ଆଶାରେ ବ୍ୟାକୁଳ ହୃଦୟ ।
ଶାକ୍ୟରାଜ୍ୟେ ହଲୋତ୍ସବ ପର୍ବ ଉପସ୍ଥିତ,
ସହସ୍ର ସହସ୍ର ହଳ ହେଲା ସୁସଜ୍ଜିତ ।
ସଜ୍ଜିତ କପିଳବସ୍ତୁ ଆନନ୍ଦେ ଉତ୍ସବେ,
ସୁନ୍ଦର ସଜ୍ଜିତ ଦେଶବାସୀ ଲୋକ ସର୍ବେ ।
ସରସ ବସନ୍ତେ କୁସୁମିତ ତରୁରାଜି,
ଆନନ୍ଦେ କପିଳବସ୍ତୁ ଦିଶୁଛି କି ଆଜି ?
କୃଷକେ ନୂତନ ବସ୍ତ୍ର ପିନ୍ଧି ଆନନ୍ଦରେ
ଜୁଡ଼ିହଲେ ଅନୁକୂଳ କର୍ଷଣ କ୍ଷେତ୍ରରେ ।
କଷ୍ଟେ କଷ୍ଟେ ବଲବର୍ଦ୍ଦେ ଓଟାରନ୍ତି ହଳ,
ଦେଖି କଷ୍ଟେ ଗୌତମଙ୍କ ନେତ୍ରୁ ବହେ ଜଳ ।
ଫାଳ ଲାଗି କେତେ ପ୍ରାଣୀ ଯାଉଛନ୍ତି ମରି,
ହୁଡ଼ ଉଡ଼ି ପକ୍ଷୀଗଣେ ଖାଉଛନ୍ତି ଧରି ।

କ୍ଳାନ୍ତ ବଳବର୍ଦ୍ଦ, ମୃତ କ୍ଷୁଦ୍ର ପ୍ରାଣିଗଣ,
ଦେଖି ହେଲା ବ୍ୟାକୁଳିତ ଗୌତମଙ୍କ ମନ ।
ଭାବିଲେ, କି ଜୀବହିଂସା ଘଟେ ନିରନ୍ତରେ !
ପ୍ରାଣରକ୍ଷାପାଇଁ ପ୍ରାଣୀ ପ୍ରାଣହିଂସା କରେ !
ଜୀବନସଂଗ୍ରାମେ ଲୋକ ହିଂସା କରେ ପ୍ରାଣୀ !
ସ୍ୱାର୍ଥ ଅନୁରୋଧେ ତଥ୍ୟ ନ ପାରନ୍ତି ଜାଣି !
ବିଳାପ ସନ୍ତାପେ ପରିପୂର୍ଣ୍ଣ ଏ ସଂସାର,
ନ ଶୁଣେ ମୋହରେ ଆନ କ୍ରନ୍ଦନ ଚିତ୍କାର ।
ଦେଖି ପ୍ରାଣିଗଣ-ଦୁଃଖ ଗୌତମ ବିକଳେ
ଚଳିଲେ ନିର୍ଜନସ୍ଥାନେ ତେଜି ସଙ୍ଗିଦଳେ ।
ତେଜି ରାଜପୁରୀ, ଗ୍ରାମ, କ୍ଷେତ୍ର କ୍ରମଶରେ
ମିଳିଲେ ନିବିଡ଼ ଏକ କାନନ ମଧ୍ୟରେ ।
ଶୁଣିଲେ ଦୂରରୁ ଉତ୍ସବର କୋଳାହଳ,
ମଣିଲେ ଚିତ୍ତରେ ପ୍ରାଣି-କ୍ରନ୍ଦନ କେବଳ ।
ଜଗତ ଯନ୍ତ୍ରଣା କଥା ଭାଳି ସମାକୁଳେ
ବସିଲେ ମଉନେ ଏକ ଜମ୍ବୁବୃକ୍ଷମୂଳେ ।
ନିମୀଳିତ ନେତ୍ରେ ଧ୍ୟାନରେ ମଗନ,
ଅଜ୍ଞାତରେ କରେ ଯଥା ତନ୍ଦ୍ରା ଆକର୍ଷଣ ।
ସେହିକାଳେ ପାଞ୍ଚଜଣ ମହର୍ଷି ଗଗନେ
ଯାଉଥିଲେ, ଆଶ୍ଚର୍ଯ୍ୟ ହେ ଦେଖିଲେ ନୟନେ ।
ସ୍ଥିର ହେଲା ଯୋଗାସନ, ଆଉ ଶକ୍ତି କାହିଁ
ଗୁଡ଼େ ଅତିକ୍ରମି ଅଗ୍ରସର ହେବାପାଇଁ ?
ଦେଖିଲେ ବସିଏ ଯୁବା ଜମ୍ବୁବୃକ୍ଷ ତଳେ,
କାଞ୍ଚନପ୍ରତିମା କିବା ଜ୍ୱଳନ୍ତ ଅନଳେ

ବସ୍ତ୍ରାରେ ଲାବଣ୍ୟ, ଦୀପ୍ତ ସ୍ୱର୍ଗୀୟ ଜ୍ୟୋତିରେ
ମଣ୍ଡିତ କୁମର, ରବି ଉଦେ କି ମର୍ତ୍ତ୍ୟରେ ?
ମୂର୍ତ୍ତିମାନ କରୁଣା କି ମହିମାଆଳୟ ?
ରୂପ ଦେଖି ପଞ୍ଚଋଷି ମଣିଲେ ବିସ୍ମୟ !
ଭାଳିଲେ କିଏ ଏ ଯୋଗୀ ? ଯାହା ଧ୍ୟାନବଳ
ଅମ୍ଭ ସର୍ବ ଯୋଗାସନ ରହିଲା ଅଚଳେ ।
ଜାଣିଲେ ଋଷିଏ ଧ୍ୟାନେ ତଥ୍ୟ ସମାଚାର,
ଦୁରିତ ଦଳନେ ନାରାୟଣ ଅବତାର ।
ଜଗତ ଯନ୍ତ୍ରଣା ପାପ ହରଣେ ଜନମ
ପରବ୍ରହ୍ମ, ପ୍ରଚାରିବେ ଧର୍ମ ଶ୍ରେଷ୍ଠତମ ।
ଭକ୍ତିଭରେ ପ୍ରଦକ୍ଷିଣ କରି ଋଷିଗଣେ
ଗଲେ ଚଳି ରଖି ଚିତ୍ତ ଗୌତମଚରଣେ ।
କାହାନ୍ତି କୁମର ? ଏଣେ ପଡ଼ିଛି ଗହଳ,
ଇତସ୍ତତ ଖୋଜୁଛନ୍ତି ଅନୁଚରଦଳ ।
ରାଜା, ରାଣୀ, ମନ୍ତ୍ରିଗଣ, ରାଜଅନୁଚରେ
ଲୋଡ଼ି ଲୋଡ଼ି ମିଳିଲେ ଯେ କାନନ ମଧ୍ୟରେ ।
ଜମ୍ବୁବୃକ୍ଷମୂଳେ ଯୁବା ଧ୍ୟାନେ ନିମଗନ,
ଜ୍ୟୋତିର୍ମୟ ଉଦେ କିବା ମଧ୍ୟାହ୍ନ ତପନ ।
ବାର୍ତ୍ତା ପାଇ ଶୁଦ୍ଧୋଦନ ଆପେ ଗଲେ ଧାଇଁ
ଧ୍ୟାନେ ମଗ୍ନ ରାଜପୁତ୍ରେ ଦେଖିବାର ପାଇଁ ।
ଧାଇଁଲେ ସକଳ ଲୋକ ଶୁଣି ସମାଚାର,
ମଣିଲେ କୁମରେ ଚାହିଁ ଚିତ୍ତେ ଚମତ୍କାର ।
ବସିଛି କହିଲେ କିବା କାଞ୍ଚନପ୍ରତିମା ।
ଯାଉଛି ଚହଟି ଦେହୁଁ ସ୍ୱର୍ଗୀୟ ମହିମା ।

Or 891.451/Se 4684
Calcutta-27.

ବିଗତ ମଧ୍ୟାହ୍ନ, ଛବ ପର ବୃକ୍ଷଛାୟା
ରହିଛି ଅବୋଧ କୁମାରଙ୍କ ସ୍ୱର୍ଣ୍ଣକାୟା ।
ସ୍ଥାପିତ ସ୍ୱବର୍ଣ୍ଣମୂର୍ତ୍ତି ସ୍ୱର୍ଣ୍ଣ ସିଂହାସନେ,
ଅନୁଭବ କଲେ ଦେଖି ପୁରବାସୀ ଜନେ ।

ଧ୍ୟାନସ୍ଥ ନନ୍ଦନେ ଦେଖି ଭାବିଲେ ସ୍ୱଜନ,
ଏ ନୁହେ ମାନବ, ନରରୂପୀ ନାରାୟଣ ।
ପ୍ରେମ ପରବଶା ଦେହୁଁ ପଡ଼ୁଛି ଉଛୁଳ,
ସମ୍ମୂତ କାନ୍ତି ଶଶି-କୌମୁଦୀରୁ ବଳ ।
ନୀରବେ ଦର୍ଶକେ ବେଢ଼ି ଦେଖନ୍ତି ନନ୍ଦନେ,
ଅବଶ ଇନ୍ଦ୍ରିୟେ ଜ୍ଞାନନେତ୍ରେ ବା ସ୍ୱପନେ ।
ଅବସାନ ଧ୍ୟାନ, ପୁତ୍ର-ନେତ୍ର ଉନ୍ମୀଳିତ,
ସ୍ୱଭାବେ ମାନବେ ଯଥା ନିଦ୍ରାରୁ ଉତ୍ଥିତ ।
ପିତାପଦେ ପ୍ରଣିପାତ କରି ଭକ୍ତିଭରେ
ଚାହିଁଲେ ଚକିତେ ଜନେ କରୁଣାନେତ୍ରରେ ।

ଇତି ଶ୍ରୀ ବୌଦ୍ଧାବତାର କାବ୍ୟେ ହଲୋଧ୍ୱବ
ନାମ ତୃତୀୟ ସର୍ଗ ।

# ଚତୁର୍ଥ ସର୍ଗ ।

## ଅଶୋକୋତ୍ସବ ।

ଶୁଣି ସର୍ବ ସମାଚାର ମାତା ପ୍ରଜାବତୀ
ଭାଳିଲେ, ପୁତ୍ରକୁ ମୋର କେ ଦେଲା ଏ ମତି ?
ଶିଶୁପୁତ୍ର କରେ ଧ୍ୟାନ !
ଦୟାମୟ ଭଗବାନ !
ଆଶୀର୍ବାଦ କର ପୁତ୍ର ରହୁ ମୋର ଘରେ,
ବୋଇଲେ ରାଜାଙ୍କୁ ଯାଇ ବିନମ୍ର କାତରେ ।

୨

ହେ ନାଥ ! ବ୍ୟାକୁଳ ଭୟେ, କାତର ମୋ ପ୍ରାଣ,
ଶିଶୁପୁତ୍ର ନିର୍ଜନରେ ବସି କରେ ଧ୍ୟାନ !
ହେଲେ ତା ବୟସ ବୃଦ୍ଧି,
ହେବ ଅନ୍ୟରୂପ ବୁଦ୍ଧି
ଯିବ ସେ ସନ୍ନ୍ୟାସାଶ୍ରମେ ତେଜି ଏ ସଂସାର,
ପ୍ରାଣନାଥ ! ବେଗି କର ଏଥି ପ୍ରତିକାର ।

୩

ମହାରାଜ ! ମନେ ମୁହିଁ ବୁଝିଛି ବହୁତ,
ଆସିଲେ ବା ପୁତ୍ରବଧୂ ହେବ ସେ ସଂସାରୀ,
ରାଣୀ ବାକ୍ୟେ ଶୁଦ୍ଧୋଦନ
ଡାକି ପାଶେ ମନ୍ତ୍ରିଗଣ
କହିଲେ ସଭାରେ ସର୍ବେ ବ୍ୟାକୁଳମନରେ,
ଘୋଟିଛି ବିଷାଦଛାୟା ସକଳ ମୁଖରେ ।

୪

ବୋଇଲେ ବ୍ୟାକୁଳେ ରାଜା, ହେ ସଚିବଗଣ !
ଦେଖୁଛ ମୋ ସିଦ୍ଧାର୍ଥର ଗୃହେ ନାହିଁ ମନ,
        ଗୃହସୁଖେ ଅଭିଳାଷୀ
        ନୁହେ, କ୍ରମଶଃ ଉଦାସୀ
ହେଉଛି ସେ, ଛେଦିବ କି ସଂସାର ବନ୍ଧନ ?
କରନ୍ତୁ ଏଥିର ପ୍ରତୀକାର ଅନ୍ୱେଷଣ ।

୫

କହନ୍ତି ଅବୋଧ ନୃପ, ମାୟାର କୁହକେ
ଅଶାନ୍ତିକୁ ଦେଖେ ଜ୍ୟୋତି ଅନ୍ଧକାର ଲୋକେ,
        ଧର୍ମେ ଯାର ମତି ଗତି,
        ତୁଚ୍ଛ ଅନିତ୍ୟ ସମ୍ପତ୍ତି
ପାରେ କି ତାହାକୁ କରି ଜଗତେ ବନ୍ଧନ ?
ସାମାନ୍ୟ ବେତସେ ଯଥା ପ୍ରମତ୍ତ ବାରଣ !

୬

ବୋଇଲେ ଅମାତ୍ୟ, ପ୍ରଭୋ! ଯା ବୋଇଲେ ସତ,
ଥାନ୍ତି ଯୁବରାଜ ଅନ୍ୟମନସ୍କ ସତତ,
        ମାବକ ବଧାତା ବଧି
        ବଧାନେ ମାନବ ସିଦ୍ଧି
ଲଭନ୍ତି, ତଥାପି ଯାହା ମାନବ କର୍ତ୍ତବ୍ୟ
କରିବ ଅସାଧ୍ୟ ହେଲେ ମଧ୍ୟ ଭବିତବ୍ୟ ।

୭

ପ୍ରକୃତି ପୁରୁଷ ସୃଷ୍ଟି ଜଗତବନ୍ଧନ,
ଏକକୁ ଅନେକ ତତ୍ତ୍ୱ କରେ ଆକର୍ଷଣ,

ସ୍ନେହ, ପ୍ରୀତି ଚରିତାର୍ଥ—
ଦାମ୍ପତ୍ୟ ବନ୍ଧନ ମାତ୍ର
କରନ୍ତି, ଏକାକୀ ଲୋକ ଥିଲେ ସ୍ୱତନ୍ତର,
ସଂସାରବିରାଗୀ ହୁଏ ମାନବ ଅନ୍ତର ।

୮

ମହାରାଜ ! କୁମାରଙ୍କ ଯୌବନ ଉଦୟ,
ବିଳାସ ବାସନା ସୁଖଭୋଗର ସମୟ,
ରାଜବଧୂ ଥିଲେ ପାଶେ
ଅବଶ୍ୟହିଁ ଅନାୟାସେ
ଫେରିବ ବିରାଗୀ ମନ, ହେବେ ସେ ସଂସାରୀ,
ରାଜବଧୂ ଉପଯୁକ୍ତ ଲୋଡ଼ନ୍ତୁ କୁମାରୀ ।

୯

ରଚିବୁଁ ନନ୍ଦନୋଦ୍ୟାନ ନଅର ମଧ୍ୟରେ
ମଣ୍ଡନ କରାଇ—ଗୃହମାନ ମନୋହରେ,
ସର୍ବସୁଖ ଉପାଦାନ
ବିଳାସ ପଦାର୍ଥମାନ
ଆଣିବୁଁ ଯେତେକ ଯହିଁ ଅଛି ଯତନରେ,
ଜନ୍ମିବ ଉଲ୍ଲାସ ଯେଣୁ କୁମାର ମନରେ ।

୧୦

ବିଳାସୀ ପ୍ରଣୟୀ ବେଶେ ବଧୂ ସହିତରେ
ରହିବେ କୁମାର ସଦା ମନ ଆନନ୍ଦରେ,
ରଖିବୁଁ ବିମୁଗ୍ଧ କରି,
ସଦା ନିପୁଣ ପ୍ରହରୀ

ଥିବେ ଜଗି, ନ କରିବେ କୁମାର ବିଲୋକ
ଉଦାସୀନ, ଜରା, ବ୍ୟାଧିଗ୍ରସ୍ତ, ମୃତ ଲୋକ ।

୧୧

ସଙ୍ଗୀତନିପୁଣା ନାରୀ ନାଚ ଗୀତ ଗାଇ
ବିଳାସ ଉଲ୍ଲାସେ ସୁତେ ରଖିବେ ଭୁଲାଇ,
        ଥିବେ ପାଶେ ନିରନ୍ତର,
        ଦେବେ ନାହିଁ ଅବସର
ଆମୋଦ ପ୍ରମୋଦ ଭେଳ କରିବାକୁ ଧ୍ୟାନ,
ଆପଣ ଏଥିକୁ ମଧ୍ୟ ଥିବେ ସାବଧାନ ।

୧୨

ବୋଇଲେ ଆନନ୍ଦେ ନୃପ, ହେ ସଚିବଗଣ!
ମନକୁ ମାନିଲା କଥା, କର ଆୟୋଜନ,
        ଅନ୍ୱେଷଣ କର କନ୍ୟା,
        ରୂପେ ଗୁଣେ ହେବ ଧନ୍ୟା,
ମାତ୍ର ପୁତ୍ରକୁ ଥରେ ପୁଚ୍ଛିବା ଉଚିତ,
କିରୂପ କୁମାରୀ ତାର ହେବ ମନୋନୀତ ।

୧୩

ରାଜ ଅନୁଚର ଏକ କୁମାରେ ପୁଚ୍ଛନ୍ତେ,
ବୋଇଲେ – ଉତ୍ତର ଦେବୁଁ ସାତଦିନ ଅନ୍ତେ ।
        ଏ ଅନ୍ତେ ଏକାକୀ ବସି
        ଭାଳିଲେ ସେ ଦିବାନିଶି,
ଯେଉଁ ମାତୃପିପାସାରେ ଆକୁଳ ମୋ ପ୍ରାଣ,
ଅଳୀକ ବିଳାସେ ତାହା ହେବ କି ନିର୍ବାଣ ?

୧୪

କାହୁଁ ବା ଅସନ୍ତି ଲୋକ ଯିବେ କେଉଁଠାକୁ,
କେବ ବା କାହାକୁ କବା କାର୍ଯ୍ୟ କରିବାକୁ,
ରୁଦ୍ଧ ଜଗତର ସ୍ଥଳେ
ହିଂସା କ୍ରୋଧ ବଶ ଲୋକେ,
ଜଗତେ ଲାଗିଛି ନିତ୍ୟ ଜୀବନସଂଗ୍ରାମ,
ମାନବ ଜୀବନ ଏ ତ ନୁହେ ପରିଣାମ !

୧୫

ଅନନ୍ତ ସାଗର, ନିତ୍ୟ ମାନବ ପିପାସା,
ପାଇଲେ ଈଶ୍ୱର ବରୁ ନୁହେ ପୂର୍ଣ୍ଣ ଆଶା,
ହୁଏ ଏଥୁ ଅନୁମାନ
ଆନ କିଛି ଲୋଡ଼େ ପ୍ରାଣ,
ନୁହେ ତ ଭଙ୍ଗନଶୀଳ ଜଡ଼ମୟ କିନ୍ତୁ,
ମହାନ, ଅକ୍ଷୟ, ଆତ୍ମା-ଅନୁରୂପ ବସ୍ତୁ ।

୧୬

ସମଧର୍ମୀ, ସମରୂପ, ପଦାର୍ଥ ମିଳନ,
ସ୍ୱର୍ଗୀୟ, ମନୋହର, ନିତ୍ୟ ମାନବଜୀବନ,
ଆତ୍ମା ଅନୁରୂପ ଦ୍ରବ୍ୟ
ଜଗତରେ ଅସମ୍ଭବ,
ନିତ୍ୟ, ସତ୍ୟ, ପରାତ୍ପର, ମନୋହର, ମହାନ
ବସ୍ତୁ ପ୍ରାପ୍ତି ପାଇଁ ଆତ୍ମା ସଦା ଧାବମାନ ।

୧୭

ଅନନ୍ତ ସାଗର ବାରିକଣିକା ସମୀରେ
ଉଡ଼ିଆସି ବୃଷ୍ଟିରୂପେ ପଡ଼େ ପୃଥିବୀରେ,

ନାନାସ୍ଥାନ ଦେଶ ଭ୍ରମି,
ବହୁ ବାଧା ଅତିକ୍ରମି,
ଧାଇଁ ଯେ ଉତ୍ପତ୍ତିସ୍ଥାନେ ଅବଶ୍ରମଗତି,
ଅଟା କି ଲୋକର ସେହୁପର ପରିଣତି ?

୮

ଅବଶ୍ୟ ମହାନ, ନିତ୍ୟ ମାନବର ପ୍ରାଣ,
ଥିବ ତ ଏହାର ଅନୁରୂପ ଉଚ୍ଚସ୍ଥାନ,
କଳ୍ପିତ ବ୍ୟବସାୟେ
ଯେବେ ସଦା ଲିପ୍ତ ଥାଏ,
କଠିନ ଉନ୍ନତ ସ୍ଥାନ ହେବା ଅଧିକାରୀ,
ଦେଖିବା ଉଚିତ ଅଟେ ଏ କଥା ବିଚାରି ।

୯

ଜଳେ, ସ୍ଥଳେ, ଅନ୍ତରୀକ୍ଷେ ପ୍ରାଣୀ ନିରନ୍ତରେ
କରୁଛନ୍ତି ସୁଖ ଲୋଡ଼ି ହିଂସା ପରସ୍ପରେ,
ଦେଶ ଭ୍ରାତୃସ୍ନେହ ପ୍ରୀତି,
ଅକଳଙ୍କ ସାମ୍ୟ ନୀତି,
ସୁଖରେ ଧାବିତ ତାହା ଦୁଃଖ ରୂପାନ୍ତର,
ଆନନ୍ଦ ଉତ୍ସବ ନୃତ୍ୟ ବିଳାପ ଚିତ୍କାର ।

୧୦

ଜଳବିମ୍ବ ପ୍ରାୟେ ପ୍ରାଣ ଅଛି କ୍ଷଣେ ନାହିଁ,
ନିତ୍ୟ ସତ୍ୟମାର୍ଗ ଲୋକ ନ ଲୋଡ଼େ କପାଇଁ ?
ସୁଧାଭ୍ରମେ ବିଷ ପାନ
କରନ୍ତି ହରାଇ ଜ୍ଞାନ,

ଧିକ ! ଧିକ ! ମାନବର ବୁଦ୍ଧି ବିଡ଼ମ୍ବନା,
ନ ବୁଝେ ଭକ୍ତିର ପନ୍ଥେ ଗତାନୁଶୋଚନା ।

୧୦

ଧର୍ମମାର୍ଗେ ଦେଖେ ମଧ୍ୟ ଅଛି ଅତ୍ୟାଧିକ,
ଧର୍ମନାମେ ପ୍ରାଣିହିଂସା, ଧିକ ! ଧିକ ! ଧିକ !
ସ୍ନେହ, ପ୍ରୀତି, ପବିତ୍ରତା,
ଦୟା, ମାୟା, ସରଳତା,
ଭ୍ରାତୃସ୍ନେହ ପରିହରି ହିଂସା ବ୍ୟବସାୟ,
ନ ବୁଝେ ଅଜ୍ଞାନ, ଏ କି ମୁକ୍ତିର ଉପାୟ ?

୧୧

ଯଜ୍ଞେ ପଶୁ ବଳିଦାନ ଜୀବକୁ ଯନ୍ତ୍ରଣା
ଦେଇ ଜୀବ ମୁକ୍ତି ଲୋଡ଼େ, ଏ କି ବିଡ଼ମ୍ବନା !
ହେଲେ ବଧ କରି ପ୍ରାଣୀ
ମୁକ୍ତି ଲୋଡ଼େ ସେ କି ଜ୍ଞାନୀ ?
ସର୍ବ ଧର୍ମ ପ୍ରତିଷ୍ଠିତ କେବଳ ଦୟାରେ,
ନିଷ୍ଠୁରତା ପାପମୂଳ ବୁଝେ ନାହିଁ ବାରେ ।

୧୨

ରହିଛି ଚହଲି ଧର୍ମଜାତି ସନାତନ
ଭ୍ରାନ୍ତି କପଟତା ହିଂସା ଅନ୍ଧତା ଅଛଇ
କରିବ କେ ଅବସ୍ଥାର
ସତ୍ୟ ଧର୍ମ ଜ୍ୟୋତି ସାର,
ମାନବହୃଦୟେ ହେବ ସଦା ଦୀପ୍ତିମାନ,
ହେଉ ଜଗତରେ ପାପ ସନ୍ତାପ ନିର୍ବାଣ ।

୨୪

କ୍ଷମ ଯେହ୍ନୁ ଛେଦିବାକୁ ସଂସାର ବନ୍ଧନ,
କରି ପାରେ ସେହି ଧର୍ମନୀତି ଅନ୍ୱେଷଣ,
ତେଜି ସ୍ୱାର୍ଥ ଆତ୍ମପ୍ରାଣ
କରି ପାରେ ଲୋକେ ତ୍ରାଣ,
ସ୍ୱାର୍ଥତ୍ୟାଗ ବିନା ରକ୍ଷା ପାଏ କି ପରାର୍ଥ ?
ଏହିରୂପ ନାନାକଥା ଭାଳିଲେ ସିଦ୍ଧାର୍ଥ ।

୨୫

ଲୋକେ କରିଥାନ୍ତି ଅନୁକରଣ ଆଦର୍ଶ,
ଲୋଡ଼ନ୍ତି ସ୍ୱଭାବେ ସର୍ବେ ସାଧୁ ପରାମର୍ଶ,
ମହାନ ଆଦର୍ଶ ଏକ
ଜଗତରେ ଆବଶ୍ୟକ,
ଦେଖୁଛି ଏମନ୍ତ ନିଦର୍ଶନ କିଛି ନାହିଁ,
କରିବାକୁ ହେବ ଆତ୍ମତ୍ୟାଗ ପ୍ରାଣୀପାଇଁ ।

୨୬

କରିବି ବିବାହ, ଯେବେ ହେବି ମୁଁ ସଂସାରୀ,
ପାରିବି କି ଲୋକେ ପାପସନ୍ତାପୁଁ ଉଦ୍ଧାରି ?
ନାହିଁ ନାହିଁ ଯିବି ବନେ
ସତ୍ୟ ଧର୍ମ ଅନ୍ୱେଷଣେ,
ଲଭିବି ସ୍ୱର୍ଗୀୟ ନିଧି କରି ମହାଧ୍ୟାନ,
ଯାହା ସାହାବଳେ ଲୋକେ ଲଭିବେ ନିର୍ବାଣ ।

୨୭

ନିଜ ପ୍ରାଣ ଦେଇ ଯେବେ କୋଟି କୋଟି ପ୍ରାଣ
କରି ପାରେଁ ରକ୍ଷା, କିପାଁ ନ କରେଁ ବିଧାନ ?

ଈଶ୍ୱର ଶାସନେ ଯଦି
ଲଭିବ ଅମୂଲ୍ୟ ନିଧି,
ଶତମନ୍ୟୁ ହେବ ଯେବେ କାରରେ କାଞ୍ଚନ,
ନ କରିବ ସ୍ପୃହା ସେଥି ସକାଶେ ଯତନ ।

୨୮

କହିବାକୁ ହେବ ମଧ୍ୟ ଏ କଥା ବିସ୍ତର—
ସର୍ବେ ଯେବେ ଏହିରୂପେ ତେଜିବେ ସଂସାର,
ଧରିଲେ ସନ୍ନ୍ୟାସ ବୃତ୍ତି,
ନ ହେବ ମାନବ ବୃଦ୍ଧି,
କରିବ ବିବାହ ଏବେ ହେବାକୁ ସଂସାରୀ,
ସାଧିବ ଆପଣା ଇଷ୍ଟ ପଛନ୍ତେ ବିସ୍ତରି ।

୨୯

ଅନାସକ୍ତ ଭାବେ କାର୍ଯ୍ୟ କଲେ ଆଚରଣ,
ସହଜେ ପବିତ୍ର ଭାବେ ଥାଇ ପାରେ ମନ,
ପଙ୍କରେ ପଙ୍କଜ ଯଥା,
ଅନଳର ପବିତ୍ରତା
ନୁହେ ନଷ୍ଟ ଅପବିତ୍ର ଦ୍ରବ୍ୟ ପରଶରେ,
ଭୁବି ପାରେଁ ନିର୍ବିକାରେ ସଂସାରସାଗରେ

୩୦

ପୂର୍ବ ପୂର୍ବ ମହାଜନେ ଗୃହାଶ୍ରମେ ଥାଇ
କେତେ କେତେ ମହାକାର୍ଯ୍ୟ କରିଛନ୍ତି ଯାଇ,
ଗାର୍ହସ୍ଥ୍ୟ ଆଶ୍ରମେ ଥାଇ
ସତ୍ୟ ଧର୍ମ ଅନୁଯାୟୀ

ଫଳେ କାର୍ଯ୍ୟ ଶିକ୍ଷା ପ୍ରାପ୍ତ ହେବେ ଲୋକଗଣ,
ଅଯାଚିତଃ ନ ଛେଦିବ ସଂସାର ବନ୍ଧନ ।

୩୮

ସିଦ୍ଧାର୍ଥ ସପ୍ରେମ ଦନ ମନ୍ତ୍ରିଗଣ ପାଶେ
ବୋଇଲେ ଆନନ୍ଦମନେ ବିବାହ ସଙ୍କାଶେ,
ପାଇଲେ ଏରୂପ କନ୍ୟା,
ରୂପେ ଗୁଣେ ହେବ ଧନ୍ୟା,
ସରଳା ବିଦୁଷୀ ଈର୍ଷାହୀନା ରୂପବତୀ
ପରସେବାପରାୟଣା ଦୟାବତୀ ସତୀ ।

୩୯

ସଦ୍ଦ ବଂଶରୁ ଜାତା, ମଧୁରଭାଷିଣୀ,
ହେବ ଛାୟା ପରି ସୁଖ ଦୁଃଖରେ ସଙ୍ଗିନୀ,
ଗୃହକର୍ମରେ ଅନିପୁଣା,
ନ ଥିବ ସାମର୍ଥ୍ୟ ଊଣା,
ଦାନେ, ଧ୍ୟାନେ, ପରସେବା ବ୍ରତରେ ତତ୍ପର,
ହେଲେହେଁ ନିପୁଣା ଶାସ୍ତ୍ରେ ନ ହେବ ମୁଖର ।

୪୦

ସର୍ବ ଜୀବେ ଦୟାବତୀ, କାର୍ଯ୍ୟେ ଅନଳସା,
ସଂସାର ଅସାର ସୁଖେ ନ ଥିବ ଲାଳସା,
ଜନନୀ ଭଗିନୀ ପରି
ସର୍ବ ଜୀବେ କୃପା କରି
ପାଳିବ, ନ ଥିବ ଜ୍ଞାନ କେବା ଅନ୍ୟ ପର,
ସେ ନାରୀ ହେବାକୁ ପାରେ ଗୃହିଣୀ ମୋହର ।

୬୪

କହୁଥିଲେ ମନ୍ତ୍ରିଗଣେ ଯେନ ନରସାଇଁ,
ପୁତ୍ର ଇଚ୍ଛା ଅନୁରୂପ କନ୍ୟା ଅଛି କାହିଁ ?
ମନ୍ତ୍ରିଏକଯୁକ୍ତ କାର୍ଯ୍ୟେ
ଘୋଷଣା ଦେଇଲକ ରାଜ୍ୟେ,
ପୂରବ ଅଶୋକ ଭାଣ୍ଡ ମଣି କାଞ୍ଚନରେ,
ଶାକ୍ୟ କୁମାରୀଙ୍କୁ ଦାନ କରିବେ କୁମରେ ।

୬୫

କପିଳବସ୍ତୁରେ ହେଲା ସମ୍ବାଦ ପ୍ରଚାର,
ଜଗତବାସିଙ୍କ ହୃଦେ ଆନନ୍ଦ ସଞ୍ଚାର,
ଉତ୍ସବ ସପ୍ତମ ଦିନେ
ସଙ୍ଗ ଶାକ୍ୟ କନ୍ୟାଗଣେ
ଗଲେ ରାଜ ନଅରକୁ ଆନନ୍ଦେ ଉଲ୍ଲାସେ,
ସୁନ୍ଦର ସୁମନ ମାଳା କବା ଭସି ଆସେ ।

୬୬

ସହଜେ ଲାବଣ୍ୟମୟୀ ତରୁଣ ବୟସୀ,
କାଞ୍ଚନ ପ୍ରତିମା ସ୍ୱର୍ଗୁ ପଡ଼ିଛନ୍ତି ଖସି,
ବିଚିତ୍ର ବିବିଧ ବର୍ଣ୍ଣେ
ବିଭୂଷିତା ଆଭରଣେ,
ଅମିୟ କୌମୁଦୀ ମିଶା ଗଠିତା ପ୍ରତିମା,
ବିଧାତା ନିର୍ମାଣ ସୌନ୍ଦର୍ଯ୍ୟର ଶେଷସୀମା ।

୬୭

ଉଲ୍ଲାସ ଆନନ୍ଦ ମୁଖୁଁ ପଡୁଛି ଉଛୁଳି,
ଚହଟି ଯାଉଛି କାନ୍ତି ଗଣ୍ଡବାରୁ ଢଳି,

ସଂସାର ସୌନ୍ଦର୍ଯ୍ୟସାରେ
ସମ୍ଭୂତା ଏକାଧାରେ,
ନୃତ୍ୟନ୍ତ ଉଲ୍ଲାସମୟୀ, ଉଲ୍ଲାସ ପ୍ରତିମା,
ଭୂଲଛ ଭୂଲରେ ବଧି ମୂର୍ତ୍ତି ମଧୁରିମା ।

୩୮

ଆଗୁଲ୍ଫଲମ୍ବିତ ଘନ କୁଞ୍ଚିତ କୁନ୍ତଳ,
ମୁଖ ଯଥା ନୀଳ ମେଘେ ସୁଧାଂଶୁ ବିମଳ,
ଗତିକାଳେ ସେ କବରୀ
ଅବା ଯମୁନା ଲହରୀ,
ପ୍ରସ୍ଫୁଟିତ କମଳ କି ଯାଉଅଛି ଭାସି !
କବର କଳ୍ପନାତୀତ ମୁଖ ଶୋଭାରାଶି ।

୩୯

ଶତେକ ବିବିଧବର୍ଣ୍ଣ କୌଷେୟ ବସନ,
ପରିଧାନ ନାନାବିଧ ରତ୍ନ ଆଭରଣ,
ଝଲନ୍ତି ସକଳେ ମେଳେ,
ଇନ୍ଦ୍ରଧନୁ ଶୋଭା ଖେଳେ,
ସୁନ୍ଦର ସୁଠାମ ତହିଁ ବଦନ ବିରାଜ,
ରଞ୍ଜିତ ସାନ୍ଧ୍ୟାଭ୍ର ମେଘେ କିବା ତାରାରାଜ !

୪୦

ଆକର୍ଣ୍ଣବିଶ୍ରାନ୍ତ ନେତ୍ର ତରଳ ଚଞ୍ଚଳ,
ଆକର୍ଣ୍ଣବିସ୍ତୃତ ନୀଳ ଭ୍ରୂଲତା ଯୁଗଳ,
ବୀଣାର ମୂର୍ଚ୍ଛନା ସ୍ୱରେ
ବାକ୍ୟାଳାପ ପରିସରେ,

ଉଚ୍ଛ୍ୱାସେ ଚଳାସେ ଶ୍ୱଳ୍ପଛନ୍ତି ଦେହ ତାଳ,
ଅଳସ-ଗମନା ଯଥା ମନ୍ଥର ମରାଳୀ ।

୪୧

ପ୍ରତ୍ୟୂଷ କମଳକଳ, ପ୍ରଦୋଷ ମଲ୍ଲିକା,
ଅର୍ଦ୍ଧୋଦିତ ପୂର୍ଣ୍ଣଚନ୍ଦ୍ର ବିକାଶ ଚନ୍ଦ୍ରିକା,
ଚାଞ୍ଚଲ୍ୟସ୍ତ ବାଲ୍ୟ କ୍ରୀଡ଼ା
ତରଳ ତାରୁଣ୍ୟ ବ୍ରୀଡ଼ା,
ବାଲ୍ୟ ଯୌବନର ଯତ ଅପୂର୍ବ ମାଧୁରୀ
ଗମନେ ଲଂଘଣେ ଦେହେ ପୂର୍ଣ୍ଣମାତ୍ର ପୂର ।

୪୨

ଅଶୋକ କୁସୁମଦାମେ ପୁଷ୍ପ ସୁସଜ୍ଜିତ,
ରତନବେଦୀରେ ରାଜପୁତ୍ର ବସ୍ଥିତ,
ମଣ୍ଡିତ କୁସୁମଦାମେ,
ଲୋକଲୋଚନ ଅଭିରାମେ,
କୁସୁମ ଆସନେ ଯେବା କୁସୁମର ସାର,
ମୂର୍ତ୍ତିମନ୍ତ ରାଜପୁତ୍ର ସ୍ଥିତ ସେ ପ୍ରକାର ।

୪୩

କାଞ୍ଚନ ଥାଳୀରେ ଯେବା ପାରିଜାତ ହାର,
ଶାକ୍ୟ କନ୍ୟାଗଣ ସମାଗତା ସେ ପ୍ରକାର,
ସୁନ୍ଦର କୁମାର ପାଶେ
କୁମାରୀ ସୌନ୍ଦର୍ଯ୍ୟ ଭାସେ,
ହୀରକର ଚତୁପାଶେ ମୁକୁତାର ପନ୍ତି,
ବେଢ଼ି ରହିଛନ୍ତି ଯଥା ମାଧବୀ ମାଳତୀ ।

୪୪

ସଜ୍ଜିତ ଅଶୋକ ପୂର୍ଣ୍ଣ ଭଣ୍ଡ ସମ୍ମୁଖରେ
ରାଜପୁତ୍ର ପ୍ରୀତିବାକ୍ୟେ, ଆନନ୍ଦମନରେ,
ଛୁଲେ କୁମାରୀ ଯେତେକ
ପ୍ରତି ଜଣେ ଏକ ଏକ
ଦେଲେ ବାଣ୍ଟି ! କୁମାରୀଏ ଥୋଇ ମନ ପ୍ରାଣ
କୁମ୍ଭିରେ, ଧୀରେ କଲେ ଗୃହକୁ ଗମନ ।

୪୫

କାଞ୍ଚନପ୍ରତିମା ପରି ରତ୍ନସିଂହାସନେ
ବସିଛନ୍ତି ରାଜପୁତ୍ର, ସ୍ଥିର ନେତ୍ର ମନେ,
ଚନ୍ଦ୍ର ପାଶେ ଯଥା ପୁଷ୍ୟା
ତଥା ଅପରୂପଦୃଶ୍ୟା,
ଦଣ୍ଡପାଣିକନ୍ୟା ଗୋପା ମିଳିଲେ ଶେଷରେ,
ଉତ୍ସବ-ବାସରେ ରାଜକୁମାର ପାଶରେ ।

୪୬

ପରସ୍ପର ଶୁଭଦୃଷ୍ଟି ହେଲା ବିନିମୟ,
ଆକାଶେ କୁମୁଦକାନ୍ତ ହେଲେ ଚନ୍ଦ୍ରୋଦୟ,
ବାସନ୍ତ ମଳୟାନିଳେ
ପ୍ରଫୁଲ୍ଲ ସୁମନଦଳେ,
ଜନ୍ମାନ୍ତର ସ୍ମୃତି ପରି ପ୍ରେମର ଅଙ୍କୁର,
କୁମାର ହୃଦୟେ ଜାତ ପ୍ରଣୟ ପ୍ରଚୁର ।

୪୭

ଯମୁନା ପୁଳିନେ ନନ୍ଦନନ୍ଦନ ଗୋପିନୀ
ପ୍ରେମମୁଗ୍ଧ, ଏକୁ ଆନ, ପ୍ରେମ ଉନ୍ମାଦିନୀ

ଧର୍ମେ ଭକ୍ତି, ପ୍ରେମେ ପ୍ରୀତି,
ମଧୁର ପ୍ରଣୟ ଗୀତ,
ପ୍ରକୃତି ପ୍ରଭୂତ ପ୍ରେମ ସୂତ୍ରରେ ଗ୍ରଥିତ,
ଯାହାର ପ୍ରଭାବେ ଜଡ଼ ଚେତନ ମୋହିତ ।

୪୮

ଅଜ୍ଞାତ ସୁଖରେ ପୂର୍ଣ୍ଣ ଉଭୟ ହୃଦୟ,
ଯୁଗଳ କଲ୍ଲୋଳ ପ୍ରେମସ୍ରୋତ ବହନମୟ;
ଉଭୟେ ଆପଣା ଭୁଲି
ଚାହିଁଛନ୍ତି ନେତ୍ର ମେଲି,
ନିରେଖି, ଉଦିତ ଚନ୍ଦ୍ରେ, ସ୍ଥିର କୁମୁଦିନୀ,
ପ୍ରେମମୁଗ୍ଧ ଯୁବମୃଗେ ଚକିତା ମୃଗିଣୀ ।

୪୯

ଦଣ୍ଡପାଣିକନ୍ୟା ଗୋପା ମଧୁର ବଚନେ
ବୋଇଲା କୁମରେ ଚାହିଁ ସଜଳ ନୟନେ,
ଯୁବରାଜ ! କୃପାଧାର !
କାହିଁ ମୋତେ ଉପହାର
ଦେଲେ ନାହିଁ ? ଦେଇଛନ୍ତି କୁମାରୀ ସକଳେ,
ନ ଜାଣେ କି ଅପରାଧ କଲି ପାଦତଳେ ?

୫୦

ନିଃଶେଷ ଅଶୋକ ଭାଣ୍ଡ-ବୋଇଲେ କୁମାର,
ହେ ସୁନ୍ଦରି ! ତବ ଯୋଗ୍ୟ ନାହିଁ ଉପହାର;
ନିଅ ମୋର ଅଙ୍ଗୁରୀୟ,
ନୁହେ ସତ୍ୟ ରମଣୀୟ,

ହେଉ ଏ ଅମୂଲ୍ୟ ନିଧି ପତି ତବ କରେ,
ଅସ୍ପୃଶ କାଞ୍ଚନ, ସ୍ପର୍ଶମଣି ପରଶରେ ।

୬୧

ବୋଇଲେ ବିନମ୍ରେ ଗୋପା—ନାହିଁ ପ୍ରୟୋଜନ;
ରତ୍ନ ଧନମଣେ କିଣା ଗୁଣ ଅକିଞ୍ଚନ ?
ଅଧୀନା ଚରଣଦାସୀ,
ନୁହେ ରତନପ୍ରୟାସୀ,
ଥାଉ ପ୍ରଭୋ ! ଅଙ୍ଗୁରୀୟ ତବ ପଦ୍ମକରେ,
ତବ କୃପା ପାଏଁ ଯେପରି ଜନ୍ମ ଜନ୍ମାନ୍ତରେ ।

୬୨

କୁମାର ଚରଣେ ମନ ପ୍ରାଣ ଥୋଇ ଗୋପା
ବାହୁଡିଲେ ଯନ୍ତ୍ରରୂଢ଼ା ପ୍ରତିମାସ୍ୱରୂପା,
ଶୁଣିଲେ ସକଳ ଲୋକେ
ଉଲ୍ଲାସେ ପ୍ରେମେ ପୁଲକେ;
କପିଳବସ୍ତୁରେ ଲୋକେ ପଡ଼ିଲା ଚହଳ,
ସମସ୍ତଙ୍କ ମୁଖେ ଏହି କଥାହିଁ କେବଳ ।

ଇତି ଶ୍ରୀବୌଦ୍ଧାବତାରକାବ୍ୟେ ଅଶୋକୋଦ୍ଭବ
ନାମ ଚତୁର୍ଥ ସର୍ଗ ।

# ପଞ୍ଚମ ସର୍ଗ ।

## ମଙ୍ଗଳକୃତ୍ୟ ।

ବୋଇଲେ ଦଣ୍ଡପାଣି ନୃପତି ପାଶେ,
କରନ୍ତୁ ଆଜ୍ଞା, ଯେବେ ମନକୁ ଆସେ,
ସମସ୍ତ ଯୁବରାଜ ଦେବେ ପରୀକ୍ଷା,
କପରି ଅଛି ଶସ୍ତ୍ର ଶାସ୍ତ୍ରରେ ଶିକ୍ଷା ।

୨

ଜାଣନ୍ତି ସନାତନ ନିୟମ କଥା,
ଶାକ୍ୟ ବଂଶରେ ଅଛି ଏପରି ପ୍ରଥା,
ଭାବୀ ଜାମାତା ବିଦ୍ୟା ସାମର୍ଥ୍ୟ ଜ୍ଞାନ
ନ ଜାଣି କନ୍ୟା କେହୁ ନ କରେ ଦାନ ।

୩

କାଞ୍ଚନ କାନ୍ତି ଦୀପ୍ତି ବଢେ ଅନଳେ,
ବୁଦ୍ଧିଗରିମା ଜଣା ପରୀକ୍ଷା ସ୍ଥଳେ,
ଯୁବରାଜ ମହିମା ହେଉ ପ୍ରଚାର,
ଅଜ୍ଞାତ ରତ୍ନ ମଧ୍ୟ ତୁଲ୍ୟ ଅସାର ।

୪

ସପ୍ତମ ଦିନେ ଯୁବରାଜ ସିଦ୍ଧାର୍ଥ
ମିଳିଲେ ରଙ୍ଗସ୍ଥଳେ ମଲ୍ଲ-ଯୁଦ୍ଧାର୍ଥେ,

ପ୍ରତିଦ୍ୱନ୍ଦୀ ଯୁବାଙ୍କୁ ହସ୍ତିରେ ଜଣି
ସ୍ୱୟଶ ନିପୁଣତା ନେଲେ ଯେ କିଣି ।

୫

ବ୍ୟାୟାମନିପୁଣତା, ବୁଦ୍ଧିକୌଶଳେ,
ଶୌର୍ଯ୍ୟ ବୀର୍ଯ୍ୟ ପ୍ରତିଭା ସାମର୍ଥ୍ୟ ବଳେ
ନ ଥିଲା ପ୍ରତିଯୋଗୀ ଶାକ୍ୟ ରାଜ୍ୟରେ,
ଆଶ୍ଚର୍ଯ୍ୟ ବସ୍ତୁମୂରେ ଦେଖିଲେ ନରେ ।

୬

ଶୈଶବେ ଖେଳାଘରେ ଅଙ୍ଗେ ଯାଇତ,
ବ୍ୟାୟାମ ଶିକ୍ଷା ଚେଷ୍ଟା ନାହିଁ କରୁତ;
କାହୁଁ ଜାଣିଲେ ମଲ୍ଲଯୁଦ୍ଧ କୌଶଳ,
ପାଇଲେ କାହୁଁ ଏହି ସମାନ ବଳ ?

୭

ନ ପାଇ ଶିକ୍ଷା ଅବସର ତଥାପି
ଅଷ୍ଟାଦଶ ପ୍ରକାର ଲେଖିଲେ ଲିପି;
ଅବାଧ କଳା ଚଉଷଠି ପ୍ରକାର
କୁମାରେ ଜଣା ସର୍ବ ବିଦ୍ୟାର ସାର ।

୮

ଲୋକେ ଭାଳିଲେ ବିଦ୍ୟା ଶିଖିଲେ କାହୁଁ,
କପଟି କଥା ସତେ ଜାଣୁ ତ ନାହୁଁ,
ଜନ୍ମାନ୍ତରୁ ତପ କେ କଲ୍ପ ବୋଲି ?
ତେବେ ଦେବ ଶିକ୍ଷା ଏହି ବଳ କୌଶଳ ?

୯

ଧରମସେତୁ ଅଂଶୁ ଜନ୍ମ ଯାହାର,
ଲୋକକଷ୍ଟ ବାରଣେ ଯେ ଅବତାର,
ଲଭିବେ ମୁକ୍ତି ପ୍ରାଣୀ ଯାହା କୃପାରେ,
କି ଅସମ୍ଭବ ବୋଲ ସେ ପ୍ରଭୁଠାରେ ?

୧୦

ଗାଇଲେ ଗୀତ ବନ୍ଦୀ ବିବିଧ ଛନ୍ଦେ,
ନାରୀଏ ହୁଳହୁଳି ଦେଲେ ଆନନ୍ଦେ,
ଉଠିଲା ଜୟ ଜୟ ଶବଦ ରାଜ୍ୟେ,
ପ୍ରଶଂସା କଲେ ସର୍ବେ ଶ୍ରୀ ଯୁବରାଜେ ।

୧୧

ମଙ୍ଗଳ ବାଦ୍ୟ ବାଜେ ରାଜନଅରେ,
ଜ୍ଞାତି କୁଟୁମ୍ବେ ବସ୍ତ୍ରେ ଇତର ନରେ,
ଗୋପା ସହିତ ଯୁବରାଜ ବିବାହ
ହେବ, ଧାବିତ ମାର୍ଗେ ଲୋକପ୍ରବାହ ।

୧୨

ଶୁଭ ମୁହୂର୍ତ୍ତେ ପାଣିଗ୍ରହଣ ବ୍ୟାପାର
ସମ୍ପନ୍ନ ହେଲା, ରାଜ୍ୟ ମଧ୍ୟେ ପ୍ରଚାର;
ଲକ୍ଷ୍ମୀ ସହିତ ନାରାୟଣ ମିଳନ,
ଭାଇବେ ବନ୍ଧୁ, ମୁକ୍ତାମାଳା କାଞ୍ଚନ ।

୧୩

କପିଳବସ୍ତୁ, ରାଜ୍ୟେ ଯେତେକ ଲୋକ
ମାତିଲେ ଉତ୍ସବରେ ହକ ପୁଲକ,

ଯାଚ ଦବଯ ଦବା ନଣି ରାଜ୍ୟରେ
ଶୁଭେ ସଙ୍ଗୀତଧ୍ୱନି ପ୍ରତ୍ୟେକ ଘରେ ।

୧୪

ଭିକ୍ଷୁକେ ଭିକ୍ଷା ମାଗି ଯିବାକୁ ନାହିଁ,
ପାଇଲେ ଯେତେ ଧନ ରଖିବେ କାହିଁ ?
ପ୍ରତ୍ୟେକ ଘରେ ଭୋଜନର ବ୍ୟାପାର,
କହିବ କାହା ଘରେ କେବା ଆହାର ?

୧୫

ନୃପତି ଗନ୍ତାଘର ଅଛି ମୁକୁଳା,
ସେଠି ଯିବାକୁ ଧନ ନାହିଁ ଫକୁଳା,
ମିଷ୍ଟାନ୍ନ କୁଡ କୁଡ ରହିଛି ପଡ଼ି,
ଖାଇବେ ଲୋକ କେତେ ? ଗଲଣି ସଡ଼ି ।

୧୬

ଉନବିଂଶ ବର୍ଷେ ରାଜନନ୍ଦନ,
ବିବାହଶୃଙ୍ଖଳରେ ହେଲେ ବନ୍ଧନ,
ଉଡ଼ିବେ ଯେ ବିହଗ ଅନନ୍ତାକାଶେ,
ଅବଶ ହେଲେ ଆଜ ପ୍ରଣୟପାଶେ ।

୧୭

ତଥାପି ନୃପ ଚିତ୍ତ ସଦା ଅସ୍ଥିର,
ଉଡ଼ି ବା ଯିବ ପକ୍ଷୀ ଭାଙ୍ଗି ପଞ୍ଜିର,
ମାନବ ସାଧ୍ୟେ ଯାହା ହେବାକୁ ପାରେ,
କଲେତ ଆୟୋଜନ ଯତ୍ନ ଚେଷ୍ଟାରେ ।

୧୮

ରୋହିଣୀ ନଦୀକୂଳେ ପ୍ରମୋଦୋଦ୍ୟାନ
ନନ୍ଦନ ପରିମାରେ କଲେ ନିର୍ମାଣ,
ତିନୋଟି ସ୍ଥପନାଗତ ଋତୁକାଳୀୟ
ନିର୍ମିଲେ ରହିବାକୁ ରାଜ-ତନୟ ।

୧୯

ହର୍ମ୍ମାଳୟ ପଦତରେ ନିର୍ମିତ ବନ,
ଦେବତା ପଦେ ପୁଷ୍ପମାଳା ଯେସନ;
ବହେ ରୋହିଣୀ ସ୍ରୋତ ତା ଚୁରିପାଶେ,
ଜାହ୍ନବୀ ସ୍ରୋତେ ପୁଷ୍ପ ଶୃଙ୍ଗ ଭାସେ ।

୨୦

ମଧୁରନାଦୀ ନାନାଜାତି ବିହଙ୍ଗ
ଗାବନ୍ତି ଡାଳେ ମେଲି ସ୍ୱରତରଙ୍ଗ;
ନୃତ୍ୟଗୀତକୁଶଳା ଯୁବତୀଗଣେ
ଭ୍ରମନ୍ତି ଦେବକନ୍ୟା ନନ୍ଦନ ବନେ ।

୨୧

କୁସୁମ ନାନାଜାତି ଫୁଟି ବନାଶେ;
ପ୍ରେମ ମାଧୁର୍ଯ୍ୟରସେ ପୂର୍ଣ୍ଣ କି ବାସେ ?
ଗୋପା ପ୍ରେମଯାଗରେ ଭୁବି ସିଦ୍ଧାର୍ଥ
ବୈରାଗ୍ୟ ଭେକ ଭୁଲି ହେଲେ ଯଥାର୍ଥ ।

୨୨

ଲାବଣ୍ୟମୟୀ ଗୋପା ପ୍ରେମମୂରତି,
ଲଳିତ କଳାବତୀ ପତିବ୍ରତା ସତୀ,

ମନ ପ୍ରାଣ ସମର୍ପି ପତି ପଦରେ
ଜାମ୍ବୃ ଛମ୍ବୃ ସମାନେ ଆନ୍ତି ପାଶରେ ।

୧୩

ବେଦେ ଗାମ୍ଭୃକୀ ଅଛି ସିଦ୍ଧି ସାଧନା,
ଗୋପାଳ ପ୍ରେମେ ମୁଗ୍ଧା ଗୋପଅଙ୍ଗନା,
ଆତ୍ମ ବସ୍ତ୍ର ଗୋପା ପତିଚରଣେ
ମଲଚା, ସିନ୍ଧୁଗର୍ଭେ ନଦୀ ଯେସନେ ।

୧୪

ନାହିଁ ଭୂଷଣ ଶିରେ ଅବଗୁଣ୍ଠନ,
ଧନ ବା ଲଜ୍ଜାହୀନା ନାରୀ ଯେସନ ।
ଏକଦା ସଖୀ ଏକ ଭାଷିଲା ହସି,
କାନ୍ତିହୀନ ପୁଷ୍ପେ କି ଭ୍ରମରେ ବସି ?

୧୫

ଶୁଣାକଣା ବଚନେ ବୋଇଲେ ଗୋପା,
ସୌରଭହୀନା ହେଲେ ରମ୍ଭା ସ୍ୱରୂପା,
ଆଦର କରନ୍ତି କେ ? ସୌନ୍ଦର୍ଯ୍ୟନିଧି
ବର୍ଦ୍ଧନେ ଯତ୍ନ ବୃଥା, ବଧୀନ ବିଧି ।

୧୬

ନାରୀ ଲାବଣ୍ୟ—ଧର୍ମ ସେ ଅଭରଣ,
ଧର୍ମହିଁ ନାରୀଙ୍କର ଅବଗୁଣ୍ଠନ;
ଧର୍ମ ବହିଲେ ଅବଗୁଣ୍ଠନ ତଥା,
ମଳିନ କଣ୍ଠେ ପୁଷ୍ପ ମଣ୍ଡନ ଯଥା ।

୬୭

ମନ ନିର୍ମଳ, ବାକ୍ୟ ସତ୍ୟ, ସରସ,
ନିରୂଢ଼ ଚିତ୍ତବୃତ୍ତି, ଇନ୍ଦ୍ରିୟ ବଶ
ନାହିଁ ଯାହାର ବୃଥା ଅବଗୁଣ୍ଠନ,
ଶୀଳତା ନିଷ୍ଠାପ୍ରାଣ—ଭୂଷାଭରଣ ।

୬୮

ପତି ମୋ ଆଭରଣ, ଧର୍ମ-ଲାବଣ୍ୟ,
ଇନ୍ଦ୍ରିୟ ସଂଯମନ—ଅବଗୁଣ୍ଠନ;
ସମ୍ପୃ ଯାଏ ସ୍ୱାମୀ ସେବାର ପାଇଁ,
ଶରୀର ମଣ୍ଡନକୁ ସମ୍ପୃ କାହିଁ ?

୬୯

ହୃଦୟଦୁର୍ଗେ ମୋର ଧର୍ମ ରକ୍ଷକ,
ବିବେକ ପ୍ରହରୀ ମୋ ଜ୍ଞାନ ଆଲୋକ,
ସାଧୁ ସାହସ ଅସ୍ତ୍ର ଲଜ୍ଜା ବସନ,
ସ୍ୱାମିସେବା ମୋ ବ୍ରତ ଅବଗୁଣ୍ଠନ ।

୭୦

ଗୋପା ସିଦ୍ଧାର୍ଥ ପ୍ରେମ ପ୍ରୀତି ବନ୍ଧନ,
ଜାହ୍ନବୀ ବ୍ରହ୍ମପୁତ୍ର ସ୍ରୋତ ମିଳନ,
ଭିନ୍ନ ଶରୀର ଏକ ମନ ହୃଦୟ,
କ୍ଷୀର ନୀର ସମାନେ ମେଳ ଉଭୟ ।

୭୧

ଜୀବନ-ଉଦ୍ୟାନରେ ରାଜନନ୍ଦନ
ସତୀକାରେ ମାଧବୀ ଲତା ବେଷ୍ଟନ,

ଥିଲେ ଏକାଙ୍ଗ ଏବେ ଦଙ୍ଗେ ସଙ୍ଗିନୀ,
ଏକ ପ୍ରୀତିଶୃଙ୍ଖଳେ କଷି କଢଣୀ ।

୩୨

ଦନେ ସିଦ୍ଧାର୍ଥ ମନେ କଲେ ବିଚାର,
କେବଳ କଷ୍ଟପୂର୍ଣ୍ଣ ନୁହେ ସଂସାର,
ଅଛି ପ୍ରେମ ମାଧୁରୀ ପ୍ରୀତି ବିମଳ,
ନିଦାଘ ମରୁ ମଧ୍ୟେ ଜଳ ସମ୍ବଳ ।

୩୩

ରମଣୀ ପତିପ୍ରାଣା ପ୍ରୀତି ମାଧୁରୀ—
ସ୍ୱର୍ଗୀୟ ସୁଧା ଅଛି ଜଗତେ ପୂରି,
ଅମା ନିଶାରେ ଦୀପଶିଖା ସମାନେ,
ଦୁଃଖସାଗରେ ତରୀ କି ଅନୁମାନେ ।

୩୪

ଗୋପା ପ୍ରେମରେ ମୁଗ୍ଧ ଦେଖି ନନ୍ଦନେ
ଗତ ବୈରାଗ୍ୟଭାବ ବୁଝିଲେ ଜନେ,
ଶୁଦ୍ଧୋଦନ ଆଶ୍ୱସ୍ତ ହେଲେ ମନରେ,
ଭବିତବ୍ୟରେ ଅନ୍ୟ ଏପରି ନରେ ।

୩୫

ପୂର୍ଣ୍ଣ ନିଦାଘ ଶେଷେ ବୃଷ୍ଟି ସଞ୍ଚାର,
ବିଦ୍ୟୁତ ଆଲୋ ଅନ୍ତେ ବଢ଼େ ଅନ୍ଧାର,
ଭାଙ୍ଗିଲା ପରା ଗୋପା ରାଜସୌଭାଗ୍ୟ—
ସିଦ୍ଧାର୍ଥ ମନେ ଏବେ ଜାତ ବୈରାଗ୍ୟ ।

ଇତି ଶ୍ରୀବୌଦ୍ଧାବତାରକାବ୍ୟେ ମଙ୍ଗଳକୃତ୍ୟ
ନାମ ପଞ୍ଚମ ସର୍ଗ ।

## ଷଷ୍ଠ ସର୍ଗ ।

### ବୈରାଗ୍ୟସଞ୍ଚାର ।

ନାହିଁ ଉଦ୍‌ବେଗ ଚିନ୍ତା କାହାର ଚିତ୍ତରେ,
ରାଜା, ରାଣୀ, ଗୋପା ଛନ୍ତି ଆନନ୍ଦମନରେ ।
ସୁଖଦ ଭ୍ରାନ୍ତିର କୋଳେ ସର୍ବେ ଅଚେତନ,
ମଣିଲେ ଫେରିଛି ଏବେ ସିଦ୍ଧାର୍ଥର ମନ ।
ଗୌତମୀ କଦାଚ ମନେ ଭାଳନ୍ତି ବତ୍ସର,
ସିଦ୍ଧ ମନସ୍କାମ ପ୍ରଭୁ ଶୁଣିଲେ ଗୁହାର ।
ଗୋପାର ମଧୁରପ୍ରେମେ ମୋର ଭାଗ୍ୟବଳେ
ଆବଦ୍ଧ ପ୍ରମତ୍ତ କରୀ ପ୍ରଣୟ-ଶୃଙ୍ଖଳେ ।
ସିଦ୍ଧାର୍ଥ ନିର୍ଜନେ ବସି କରେ ନାହିଁ ଧ୍ୟାନ,
କଲନ୍ତି କରୁଣା ମହାପ୍ରଭୁ ଭଗବାନ ।
ମୋହାନ୍ଧ ମାନବ ବର୍ତ୍ତମାନେ ବିମୋହିତ,
ନ ଜାଣେ କି ଭବିଷ୍ୟତ ପଟରେ ଲିଖିତ ।
ମାନବର ଭାଗ୍ୟଲିପି ନ ଥିଲେ ପ୍ରଚ୍ଛନ୍ନ
ଶୋଚନୀୟ କଷ୍ଟବହ ହୁଅନ୍ତା ଜୀବନ ।
ଅପେ କେତେ କାର୍ଯ୍ୟ ଭୟଙ୍କର ରୂପ ଧରି
ସାମାନ୍ୟ ଘଟନାସୂତ୍ର ଅବଲମ୍ବ କରି ।
ବିଶାଳ ମହାନ ତରୁ କଣିକା ବୀଜରେ
ରହିଛି ପ୍ରଚ୍ଛନ୍ନଭାବେ ଦେଖ ପ୍ରତ୍ୟକ୍ଷରେ ।

ଏକଦା ଶୁଣୀଥିବାଲେ ବସି କକ୍ଷାନ୍ତରେ,
ବଜାଏ ରମଣୀ ଏକ ବୀଣା ଧରି କରେ ।
ସ୍ୱର ଗ୍ରାମ ମୂର୍ଚ୍ଛନାରେ ଦଏ ସୁଧା ଢାଳି,
ଉନ୍ମତ୍ତରେ ଅଛି ଅନୁଭବି ତା ସେ ବାଳୀ ।
ଗାଏ ଗୀତ ଭାବାବେଶେ ବିମୋହିତମନେ,
ସନ୍ନିପାତଗ୍ରସ୍ତ ରୋଗୀ ପ୍ରଳାପ ଯେସନେ ।
ସଙ୍ଗୀତଲହରୀ ମଣି ମଳୟାନିଳରେ
ଖେଳି ଯାଉଅଛି ପୁଷ୍ପ ମଧ୍ୟେ ହିଲ୍ଲୋଳରେ ।
ନିସ୍ତବ୍ଧ ଶୁଣିଥାଇଣେ ମୂର୍ଚ୍ଛନାର ତାନ
ହୁଣ୍ଡ୍ରୀକାରେ ଖେଳେ ବାୟୁ କରି କମ୍ପମାନ ।
ଜଗତ ସନ୍ତାପ ଚିନ୍ତା କ ଭାବ ଆବେଶେ
ସନ୍ଧ୍ୟାଭଳି ପ୍ରଚ୍ଛାଦିତ ପରି ହୃଦଦେଶେ ।
ବିଶେଷେ ବୈରାଗ୍ୟଭାବ ହୁଏ ହୃଦଙ୍ଗମ,
ଜାଗିଲା ସଙ୍ଗୀତେ ବିଳଶାୟୀ ଭୁଜଙ୍ଗମ ।
ଅର୍ଦ୍ଧନିଦ୍ରା ଯୁବା, ଗୋପା ଅଚେତା ନିଦ୍ରାରେ,
ଯୁଗଳ କାଞ୍ଚନମୂର୍ତ୍ତି କୁସୁମଶଯ୍ୟାରେ ।
ଅବଶ୍ୟ ସଫଳ ହେବ ବିଧାତା ଲେଖନ,
ମାନବର ସାଧ୍ୟ କାହିଁ କରିବ ମୋଚନ ?
ଶୂନ୍ୟକୁମ୍ଭ ଜଳମଗ୍ନ କଲେ ବନ୍ଧନରେ,
ଶିଥିଳେ ଉଠେ ସେ ଭାସି ଦ୍ୱିଗୁଣବଳରେ ।
ଶୁଣିଲେ ସିଦ୍ଧାର୍ଥ, ଗୀତ ବୋଲୁଛି କଣ୍ଠରେ,
ବୃଥା ବିମୋହିତ ଅଛ—ଶଯ୍ୟାନ ସ୍ୱପନେ
ଜରା, ବ୍ୟାଧି, ଦୁଃଖ, ମୃତ୍ୟୁ ପୂର୍ଣ୍ଣ ଏ ଭୁବନ,
ଦାରୁଣ ଯନ୍ତ୍ରଣା ଭୁଞ୍ଜେ ଜୀବ ଅନୁକ୍ଷଣ ।

ଅନଳେ ପତଙ୍ଗ ସମ ବୃଥା ଲାଳସାରେ
ମରେ ଜୀବ ନିତ୍ୟ, ମନେ ଭାଳେ ନାହିଁ ବାରେ
ନିଜ ମୁକ୍ତିମାର୍ଗ ! ଅହା ! ପୃଥ୍ୱୀ ରଙ୍ଗାଳୟ,
କରେ ନିତ୍ୟ ଜୀବ ଜନ୍ମ ମୃତ୍ୟୁ ଅଭିନୟ ।
ଅବିଶ୍ରାନ୍ତ ନଦୀସ୍ରୋତ ସମାନେ ଜୀବନ
ଧାବିତ ମରଣ ସିନ୍ଧୁ ଗର୍ଭେ ଅନୁକ୍ଷଣ ।
ସୃଷ୍ଟିର କୁଲାଳଚକ୍ର ସମାନେ ମାନବ,
ପର୍ଯ୍ୟାୟରେ ଜନ୍ମ ମୃତ୍ୟୁ କରେ ଅନୁଭବ ।
ଅଜ୍ଞାନ ତିମିରେ ଘୋର ତୃଷ୍ଣାରେ ପୀଡିତ,
ନ ହେଲା ତଥାପି ଧିକ ଚେତନା ଜାଗ୍ରତ ।
ବ୍ୟାଧଜାଲେ ବଦ୍ଧ ମୃଗ ସମାନେ ଜୀବନ
ଜନମ ମରଣେ ବଦ୍ଧ ମୋହେ ଅଚେତନ ।
ସୁଖ ଲୋଭେ ଦୁଃଖ ଭୁଞ୍ଜେ ଆପାତ ମଧୁର,
କାର୍ଯ୍ୟେ ଲିପ୍ତ ମୃଗତୃଷ୍ଣା ଦେଖି ତୃଷ୍ଣାତୁର ।
ଯୌବନ ଲାବଣ୍ୟ ଜରା କରିବ ହରଣ,
ପର୍ଯ୍ୟୁଷିତ ତରୁଚ୍ୟୁତ ସୁନ୍ଦର ସୁମନ,—
ସୌନ୍ଦର୍ଯ୍ୟ–ସାମର୍ଥ୍ୟ–ହାସି ଜରା ଆକ୍ରମଣରେ
ଦାବାଗ୍ନି କୁସୁମ ବନେ ଦେହରେ ଘଟରେ ।
ପ୍ରାଣ ବଳି ପ୍ରିୟତର ଜ୍ଞାତି ବନ୍ଧୁଗଣ
ବିଚ୍ଛିନ୍ନ ବିନଷ୍ଟ ହେଉଛନ୍ତି ଅନୁକ୍ଷଣ ।
ଢାଳେ ଯେ ହୃଦୟେ ସୁଧା ପ୍ରେମର ଆଲୋକ,
ବିଶେଷେ ସେ ଶୋକ ହୁଏ ଯନ୍ତ୍ରଣାଦାୟକ ।
ନଦୀସ୍ରୋତେ ଶୁଷ୍କ ତୃଣ ସମାନେ ମିଳନ,
ଜଗତରେ ତଥା ଜ୍ଞାତି ବନ୍ଧୁ ପରିଜନ ।

ପ୍ରେମ ବୋଲ ପ୍ରୀତି ବୋଲ ଭୁଲ ଏନପାଇଁ,
ମୃତ୍ୟୁ ଅନ୍ତେ ଛାଡ଼ିଯିବ, ଆଉ କେହି କାହିଁ ।
ଜନ୍ମ, ଜରା, ମୃତ୍ୟୁ ତିନ ବେଢ଼ିଛନ୍ତି ପ୍ରାଣ,
ନାହିଁ କି ଉପାୟ କିଛି ଏଥୁଁ ପରିତ୍ରାଣ ?
ମାନବର ଭାଗ୍ୟଲିପି—ଅନନ୍ତ ଯନ୍ତ୍ରଣା
ଲେଖିବେ କିପରି ଏହା କରିବ କଳ୍ପନା ?
କରୁଣାନିଧାନ ହରି ସ୍ୱକୀୟ ସନ୍ତାନେ
ଦେବେ କଷ୍ଟ ? ବୁଝାଯାଉ ନାହିଁ ଅନୁମାନେ ।
ସ୍ୱଭାବସଂସ୍କାରାଧୀନ ଭୁଞ୍ଜ ପ୍ରାଣିଗଣେ,
ମତ୍ତହୋଇ ମାନବ ଚଳେ ବିବେକ ଶାସନେ ।
ଭ୍ରାନ୍ତ ଜୀବ ମୋହପାଶେ ହରାଇ ବିବେକ
ଆତ୍ମକାର୍ଯ୍ୟ ଫଳ ଭୁଞ୍ଜେ ଯନ୍ତ୍ରଣା ଅନେକ ।
ଜରା, ମୃତ୍ୟୁ ହସ୍ତୁଁ ପ୍ରାଣୀ ପାଇବେ ଉଦ୍ଧାର,
କେ କରିବ ଏପ୍ରକାର ମାର୍ଗ ଆବିଷ୍କାର ।
ନିଶି ଅବସାନ ପ୍ରାୟ, ସଙ୍ଗୀତକାରିଣୀ
ଅନୁଭବେ ସୁଖନିଦ୍ରା ସନ୍ତାପହାରିଣୀ ।
ସିଦ୍ଧାର୍ଥ ଶଯ୍ୟାନ ଅବା ଛନ୍ତି ସଚେତନ,
ନିସ୍ତବ୍ଧ ନିଶ୍ଚଳ ଦେହ ମୁଦ୍ରିତ ନୟନ ।
ସ୍ୱପନ ବା ସତ୍ୟ କଥା ନ ପାରନ୍ତି ଜାଣି,
ଏହା କି ସଙ୍ଗୀତ ଗାଥା ଅବା ଦୈବବାଣୀ ?
ମାନବର ଭାଗ୍ୟେ ଘଟେ ଏରୂପ ଘଟନା
ଅଲକ୍ଷ୍ୟଭାବରେ, ତତ୍ତ୍ୱ ଯାଏ ନାହିଁ ଜଣା ।
ସିଦ୍ଧାର୍ଥ ସିଦ୍ଧାନ୍ତ କଲେ, ଜଗତ ସଂସାର
କରିବ ଉଦ୍ଧାର—ସତ୍ୟ ମାର୍ଗ ଆବିଷ୍କାର ।

ମାୟାବଶେ, ଉପୋଷ୍ଠାପେ କାଟିଛି ସମସ୍ତ,
ଯାଇଛୁ ଯା ଯାଉ ! ତାହା ବାହୁଡ଼ି ନିଶ୍ଚୟ
ନ ଆସିବ ! ଏ ଦେହରେ ଲୋଡ଼ିବ ବିଧାନ,
ପାଇବେ ଜଗତବାସୀ ଲୋକେ ପରିତ୍ରାଣ ।
ସୁକୁମାର ଦେହ ଶୁଷ୍କ ହେବ ତ ଅବଶ୍ୟ,
ନ ଥିବ ସାମର୍ଥ୍ୟ, ହେବ ଆପଣେ ଅବଶ ।
ଜୀବନର ଆଦି ଅନ୍ତ ଯାଏ ନାହିଁ ଜଣା,
ଅପେ ଯାଏ ଚନ୍ଦ୍ରବତ ଭୁଞ୍ଜଇ ଯନ୍ତ୍ରଣା ।
ନିଜ କର୍ମଦୋଷେ କଷ୍ଟ ଭୋଗ କରେ ପ୍ରାଣ,
ଅଥବା ବିଧିର ଏହା ଅଲଙ୍ଘ୍ୟ ବିଧାନ ?
ଶଯ୍ୟା ତେଜି ଶାକ୍ୟସିଂହ ଉଠିଲେ ସତ୍ୱରେ,
ପଡ଼ିଲା ସକଳ କଥା ମନେ ପର୍ଯ୍ୟାୟରେ ।
ଜୀବନର ଉଚ୍ଚ ଲକ୍ଷ୍ୟ ଆପଣା କର୍ତ୍ତବ୍ୟ
ନୂତନ ରୂପରେ ସର୍ବ କଲେ ଅନୁଭବ ।
ବିଳାସର ବିଷ-ବୃକ୍ଷ କରିବ ଛେଦନ,
ପୂର୍ବାପର କଥା ଭାଳି ଦୃଢ଼ କଲେ ମନ ।
ଅବସାନ ନିଶି—ଦୀପ ମଳିନ, ନିର୍ବାଣ,
ମଣିଲେ ଏ ଦୀପଶିଖା ସମାନରେ ପ୍ରାଣ ।
ଜଳି ନିଭିଗଲା ଦୀପ—ନିଭିବ ଜୀବନ,
ଜଗତ ସମ୍ବନ୍ଧ ମାତ୍ର ମାୟାର ବନ୍ଧନ ।
ବୃଥା ଗତାୟାତ ମାତ୍ର କରେ କି ଜୀବନ ?
ଅବଶ୍ୟ ଏହାର ଅଛି ଶାନ୍ତିନିକେତନ ।
ନ ପାରିବ କରି ଯେବେ ଲୋକେ ପରିତ୍ରାଣ,
ଅଲୀକ ଐଶ୍ୱର୍ଯ୍ୟଭୋଗ, ବୃଥା ଏହି ପ୍ରାଣ !

ସମ୍ପୂର୍ଣ୍ଣ ରଜନୀ ଶେଷ—ଅରୁଣ ଉଦତ
ହୋଇ ନାହିଁ, ଯୁବରାଜ ଶଯ୍ୟାରୁ ଉଠି ତ ।
ଜଗତ ନିସ୍ତବ୍ଧ, କଦାଚିତ ପକ୍ଷିପକ୍ଷ
ସ୍ଖଳତ, ଶବ୍ଦିତ—ଯଥା ଶାନ୍ତ୍ୟର୍ଥି ହୃ ବକ୍ଷ ।
ଅନନ୍ତରେ ବରଇଣ କରନ୍ତି ସଧୀରେ,
ବାଷ୍ପେ ଲିପ୍ତ ମନ ଉଦାସବୁଦ୍ଧିରେ ।
ନନ୍ଦନ ବଳାସେ ମୁଗ୍ଧ ଭ୍ରାନ୍ତ ଶୁଦ୍ଧୋଦନ,
ଆନ ସର୍ବେ କରୁଛନ୍ତି ସୁଖରେ ଶୟନ ।

ଇତି ଶ୍ରୀବୌଦ୍ଧାବତାର କାବ୍ୟେ ବୈରାଗ୍ୟସଞ୍ଚାର
ନାମ ଷଷ୍ଠ ସର୍ଗ ।

# ସପ୍ତମ ସର୍ଗ ।

## ବୈରାଗ୍ୟ ।

ମଙ୍ଗଳ ସଙ୍ଗୀତ ରାଜଭବନେ
ଶୁଭିଲା, ହେଲେକ ଜାଗ୍ରତ ଜନେ ।
ବନ୍ଧୁ ରାଗିଣୀ ସ୍ୱରଲହରୀ
ଶୁଣି ଜାଗରିତ ଗୋପା ସୁନ୍ଦରୀ ।
ନ ଦେଖି ସ୍ୱାମିଙ୍କୁ ଆପଣା ପାଶେ,
ଅଇଲେ ବାହାରେ ବେଗେ ତରାସେ;

ଉଦାସେ ଦେଖିଲେ ରାଜନନ୍ଦନ
ଉଭା ଛନ୍ତି, ଯଥା ଧ୍ୟାନମଗନ ।
କମ୍ପିଲା ହୃଦୟ, ଭୟେ ଅତଙ୍କେ
ହମର୍ଷେ ଜାଗ୍ରତେ ରହିଲେ ସଙ୍ଗେ
ମାବକ ଯେମନ୍ତ ନର୍ମଲାକାଶେ
ମୃଦୁ, ଖଣ୍ଡ ଖଣ୍ଡ ବାଦଲ ଭାସେ,
ପଡ଼ବ ସହସା ଅବା କୁଳଣ,
ଆଶଙ୍କା ଉଦ୍‌ବେଗ ଦବସଜନଣ ।
ଲକ୍ଷ୍ୟ ରଖିଥାନ୍ତି ସ୍ୱାମିଙ୍କ ପ୍ରତି,
ଦେଖିଲେ ବରାଗ ସୁଖରେ ମତି,
ବଲ୍ଲେଲ ବଲାସ ରମଣୀରୂପେ
ଦେଖନ୍ତି କୁମାର ଯେହ୍ନେ ବରୂପେ ।
ସଦା ଉଦାସୀନ ଧ୍ୟାନ ଭାବରେ,
ନାହିଁ ମନ ଲକ୍ଷ ନୃତ୍ୟ ଗୀତରେ ।
ଶୁଣିଲେ ଜନନୀ, ଶୁଣିଲେ ପିତା,
ବଢ଼ିଲା ସକଳ ହୃଦୟେ ଚିନ୍ତା ।
ଏକଦା ସିଦ୍ଧାର୍ଥ ସନ୍ଧ୍ୟାକାଳରେ
ପ୍ରମୋଦକାନନେ ଯାନ୍ତେ ମାର୍ଗରେ,
ନତାନ୍ତ ସ୍ଥବର ଜରାକାତର,
କଷ୍ଟେ ଚଲେ ଏକ ଦେଖିଲେ ନର ।
ପୁଛିଲେ, ସାରଥେ ! ବୋଲ ବୃତ୍ତାନ୍ତ,
କିଏ ଏ ଲୋକଟି ? ଜୀର୍ଣ୍ଣ ନତାନ୍ତ,
ରକ୍ତ ମାଂସ ଶୁଷ୍କ, ଦେହ ଦୁର୍ବଳ,
କଷ୍ଟେ କଷ୍ଟେ ଚଲେ ନାହିଁଟି ବଳ ।

ଦନ୍ତହୀନ ମୁଣ୍ଡ, କୋନ ନୟନ
ଦୃଷ୍ଟିହୀନ, ଶୁଷ୍କ ହସ୍ତ ଚରଣ ।
ଆହା ! ଆହା ! ବଳ ନାହିଁ ଦେହରେ,
ଠୁକୁ ଠୁକୁ ଗଲେ ଯଷ୍ଟି ହସ୍ତରେ ।
ବୋଇଲେ ସାରଥି—ବୃଦ୍ଧ ଏ ଲୋକ,
ନାହିଁ ଦେହେ ବଳ, କ୍ଷୁଣ୍ଣ ଦୁଃଖ ।
ହେଲଣି ସେ ବୃଦ୍ଧ, ଅଶକ୍ତ ଦେହ,
କେ କରିବ କିପାଁ ତାହାକୁ ସ୍ନେହ ?
ଅର୍ଥ ଉପାର୍ଜନେ ନାହିଁ ତା ଶକ୍ତି,
କରିବେ ଛାଡ଼ିଏ କପାଇଁ ଭକ୍ତି ?
ଭାର୍ଯ୍ୟା ପୁତ୍ର ଥିଲେ ଥିବେ ତାହାର,
ତେଜିଲେଣି ଦେଖି ଏହା ବେଭାର ।
ଅନାଥ ସମାନ ଭ୍ରମେ ଦାଣ୍ଡରେ
ଅସହାୟ ହୋଇ କଷ୍ଟେ କାଳରେ ।
ପୁଚ୍ଛିଲେ ସିଦ୍ଧାର୍ଥ ପୁଣ—ସାରଥେ !
ସେଡ଼ ଏହା ତତ୍ତ୍ୱ ବୋଲନ୍ତୁ ମୋତେ ।
ଏହା କୁଳ ଧର୍ମ ଏହୁ ପ୍ରକାର
ଅଛି କି ଦୁର୍ବଳ ବୃଦ୍ଧ ହେବାର ?
ଆହା ! ଆହା ! ମୋର କାନ୍ଦୁଛି ପ୍ରାଣେ,
କି କଷ୍ଟେ ଥିବ ସେ ତା ମନ ଜାଣେ !
ସତ୍ୟ ବୋଲ ମୋତେ, ଇହ ଜଗତେ
ଏସବୁ ବୃଦ୍ଧ କି ହେବେ ସମସ୍ତେ ?
କୁମାର ପୁଚ୍ଛନ୍ତେ ବୋଲେ ସାରଥି,
ନୁହେ କୁଳଧର୍ମ, ସଂସାର ଗତି ।

ପୁଚ୍ଛିଲେ ସିଦ୍ଧାର୍ଥ ବଳସ୍ତ କର,
ମୋ ଗୋପା କି ହେବ ବୃଦ୍ଧା ଏପରି ?
ଆହା ଯୁବରାଜ ! ସାରଥି ବୋଲେ,
ହବେ ଜରାଧୀନ ଲୋକ ସକଳେ ।
ରାଜବଧୂ ବୋଲି ନ ଯିବ ଛାଡ଼,
କାଳବଶେ ନଷ୍ଟେ ଆସିବ ମାଡ଼ି ।
ରାଜା ରାଣୀ ଜ୍ଞାନୀ ଅଜ୍ଞାନୀ ଦୀନ
ଅଟନ୍ତି ସକଳେ ଜରା ଅଧୀନ ।
ନିଶ୍ୱାସ ପକାଇ ରାଜନନ୍ଦନ
ବୋଇଲେ ବିକଳେ କରି କ୍ରନ୍ଦନ,
ଅବୋଧ ବାଳଣ ଲୋକ ସକଳେ,
ଦେହ ପରିଣାମ ନ ଭାଳେ ବେଳେ,
ସଦା ଉନମତ୍ତ ମଦ ଯୌବନେ !
ବାହୁଡ଼ ସାରଥି—ନ ଯିବୁଁ ବନେ ;
ଯେବେ ଜରାଗ୍ରସ୍ତ ହେବୁଁ ଦୁର୍ବଳ,
ଆମୋଦ ପ୍ରମୋଦେ କି କାର୍ଯ୍ୟ ବୋଲ ?
ଆନ ଦିନକରେ ପ୍ରମୋଦ ବନେ
ଯାଉଛନ୍ତି, ଏକ ଲୋକ ନୟନେ
ଦେଖିଲେ, ସେ ପୀଡ଼ାଗ୍ରସ୍ତ ଦୁର୍ବଳ ।
ପୁଛିଲେ କୁମାର, ସାରଥେ ! ବୋଲ,
ଏ ତ ନୁହେ ଜରାଗ୍ରସ୍ତ ସ୍ଥବିର ?
କପାଁ ବହେ ଏହା ନୟନୁଁ ନୀର ?
ଶୀର୍ଣ୍ଣ କଳେବର, ପାଏ ଯାତନା ।
ବୋଇଲେ ସାରଥି—ହେ ମହାମନା !

ନୁହେ ଜ୍ୱରଗ୍ରସ୍ତ—ପୀଡ଼ିତ ଲୋକ,
ବୃଦ୍ଧତହୁଁ ବଳ ଭୁଞ୍ଜୁଛି ଦୁଃଖ ।
ଲିଭି ଯିବ ଏହା ଜୀବନଦୀପ,
ହେଲାଣି ତା ମୃତ୍ୟୁକାଳ ସମୀପ ।
ବୋଇଲେ କୁମାର ଶୁଣି ଖେଦରେ,
ସ୍ୱାସ୍ଥ୍ୟ ତେବେ କ୍ଷଣସ୍ଥାୟୀ ଦେହରେ ?
ସ୍ୱାସ୍ଥ୍ୟ ତେବେ ବୋଲ ସ୍ୱପନକ୍ରୀଡ଼ା ?
ତା ପଛେ ଜଗିଛି ବାର୍ଦ୍ଧକ୍ୟ, ପୀଡ଼ା ।
ବାହୁଡ଼ ବାହୁଡ଼ ସାରଥିବର !
ନାହିଁ ପ୍ରୟୋଜନ ପ୍ରମୋଦେ ମୋର !
ଆନ ଦିନେ ରାଜନନ୍ଦନ ଯାନେ
ରଚିଯାନ୍ତେ ମୋଦୋଦ୍ୟାନେ ସାୟାହ୍ନେ,

ଚତ୍ୱରଦ୍ୱାରକ ଦେଖିଲେ ଦୃଶ୍ୟ,
ନ ଥିଲେ ସେ ଦେଖି ଏହା ସଦୃଶ ।
ଖଟିଆ ଉପରେ ଶୋଇଛି ଲୋକ,
ବସନାବୃତ ତା ପାଦ ମସ୍ତକ ।
ଚାରି ଜଣ ତାକୁ ନିଅନ୍ତି ବହି,
'ହରି ! ହରି !' ବୋଲି ଉଚ୍ଚରେ କହି ।
ବିକଳେ କଣ୍ଠରେ କରି କ୍ରନ୍ଦନ
ବେଢ଼ିଛନ୍ତି ଯାଇ କୁଟୁମ୍ବ ଜନ ।
ଗଡ଼ିଯାଏ କେହି ଭୂମିରେ ପଡ଼ି,
କେ ବାଡ଼ାଏ ମୁଣ୍ଡ, କେ କରେ ରଡ଼ି ।
ବୋଲନ୍ତି ସାରଥେ—ରାଜକୁମାର
ପୁଛିଲେ—ବିଶେଷ ତତ୍ତ୍ୱ ଏହାର ।

ଦେଖି ନାହଁ ଏହିପର ଘଟନା,
ହେବ କଷ୍ଟକଥା ଯାଉଛି ଜଣା ।
ବୋଇଲେ ସାରଥି— ଡେକ ନିଶ୍ୱାସ,
ଶୋଇଛି କୋକରେ ମୃତ ମନୁଷ୍ୟ ।
ଜୀବନଲୀଳା ଶେଷ ହେଲା ତାହାର,
ଏହି ସର୍ବ ଲୋକ ତା ପରିବାର ।
ପତ୍ନୀ ପୁତ୍ର ଜ୍ଞାତି ବନ୍ଧୁ ସକଳେ
ବେଢି ତାକୁ କାନ୍ଦୁଛନ୍ତି ବିକଳେ ।
ସରିଲା ଜୀବନଲୀଳା ତାହାର,
ତା ପକ୍ଷେ ଜଗତ ଏବେ ଅନ୍ଧାର ।
ତାଠାରୁ ଛିଡ଼ିଲା ବାନ୍ଧବ, ଲୋକ,
ଛାଡ଼ିଲା ଜଗତ ସର୍ବ ସମ୍ପର୍କ ।
ବୋଇଲେ କୁମାର ଗମ୍ଭୀର ମୁଖେ,
ଧିକ ! ଧିକ ! ଧିକ ! ଅଳୀକ ସୁଖେ ।
ଜରାଜର୍ଜରିତ ଏହି ଯୌବନ,
ପଦ୍ମପତ୍ରଗତ ଜଳ ଜୀବନ ।
ଯେତେକାଳ ପୁଣି ରହିବ ବଳ,
ବ୍ୟାଧି ଦେହେ ପୁଣି ରଖିଛି ସ୍ଥଳ ।
ଧିକ ଏ ଯୌବନ ଧିକ ଜୀବନେ !
ଧିକ ଭୋଗରତ ଅଜ୍ଞାନାପଣେ !
ନ ଥାଉ ପଛକେ ଜରା, ମରଣ,
ତଥାପି ଯନ୍ତ୍ରଣାପୂର୍ଣ୍ଣ ଜୀବନ ।
ଏ ଉନ୍ମାଦ ମାର୍ଗେ ଯିବ କିପାଇଁ ?
ଦେଖେ ମୁକ୍ତିମାର୍ଗ ଅଛି କି ନାହିଁ ?

ସିଦ୍ଧାର୍ଥ ଅନେକ ଦିନ ମାର୍ଗରେ
ଦେଖିଲେ ଜଣକୁ, ଧୀରେ ଭାବରେ
ଗଲେ ଶିର ନଇଁ, ନେତ୍ର ପ୍ରଶାନ୍ତ,
ଜୀବନ୍ତ ମୂରତି ସୁଶୀଳ ଶାନ୍ତ ।
ଭିକ୍ଷାପାତ୍ର ହସ୍ତେ କରୁଣା ମୂର୍ତ୍ତି,
ବିକାଶେ ବଦନୁ ପବିତ୍ର ଜ୍ୟୋତି ।
କଷାୟ ବସନ ଶୋଭେ ଶରୀରେ ।
ପୁଛନ୍ତେ—ସାରଥି ବୋଇଲେ ଧୀରେ—
ସନ୍ନ୍ୟାସୀ ଏ ଲୋକ ତେଜି ସଂସାର,
ରାଗ ଦ୍ୱେଷ କ୍ରୋଧ ନାହିଁ ଏହାର,
ସଂସାରକାମନା କିଛିହିଁ ନାହିଁ,
ନାହିଁ ଚିନ୍ତା କିଛି ଉଦରପାଇଁ,
ଭିକ୍ଷାରେ ଜୀବନ କାଟନ୍ତି ସୁଖେ,
ନାହିଁ ଦୃଷ୍ଟି ନିନ୍ଦା ପ୍ରଶଂସା ଲୋକେ ।
ସର୍ବ ଜୀବେ ତାଙ୍କ ଦୃଷ୍ଟି ସମାନ,
ସମ୍ବଳ ମାତ୍ରକ ପ୍ରଭୁଙ୍କ ଧ୍ୟାନ ।
ବୋଇଲେ କୁମାର ପ୍ରଫୁଲ୍ଲ ମନେ,
ହେ ସାରଥି ! ଧନ୍ୟ ଏହି ଜୀବନେ !
ମୋ ଜୀବନମାର୍ଗ ପାଇଲି ଖୋଜି,
ଯିବି ଗୃହ ଏବେ ନୂତନ ରୂଜି ।
ଆତ୍ମହିତ ପୁଣି ଜଗତହିତ
ସାଧିବାର ମାର୍ଗ ଏହା ନିଶ୍ଚିତ ।
ଏହା ସୁଧାମୟ ମାର୍ଗ ନିଶ୍ଚୟ,
ଜୀବନ ପବିତ୍ର ମାର୍ଗ ଅକ୍ଷୟ ।

ଅସ୍ଥିର ଚଞ୍ଚଳ ସିଦ୍ଧାର୍ଥ ମନ,
ବହେ ହୃଦେ ଘୋର ଝଞ୍ଜା ପବନ ।
ପ୍ରବଳ ଝଟିକା ବେଗ କ୍ରମରେ
ବଢେ ଦନ ଦନ ତାଙ୍କ ହୃଦରେ ।
ଦିନେ ପ୍ରମୋଦୋଦ୍ୟାନେ ତରୁମୂଳରେ
ନିର୍ଜନେ ସିଦ୍ଧାର୍ଥ ଛନ୍ତି ଧ୍ୟାନରେ,
ପ୍ରତ୍ୟକ୍ଷେ ତାହାଙ୍କ ଆରମ୍ଭ ଧ୍ୟାନ,
ଗତ ସାନ୍ତ୍ୱନ, ଗତ ସାମ୍ୟାନ୍ତ ।
ପଡିଲେଣି ତଳ ରବି ପଶ୍ଚିମେ,
କୁମାର ନିମଗ୍ନ ଚିନ୍ତା ଅସୀମେ ।
ସାଗର ତରଙ୍ଗ ସମ ଭାବନା
ଖେଳେ ହୃଦୟରେ ନାହିଁ କଳନା ।
ଜୀବନ ପିପାସା କାହିଁ ତୃପତ
ହେବ, ଜଗତରେ ନାହିଁ ଏମନ୍ତ
ପଦାର୍ଥ ! ତେବେ ତ ତେଜ ସଂସାର
ଯିବ ଲୋଡିବାକୁ ମୁକତି ସାର ?
ସ୍ନେହମୟ ପିତା, ମା ସ୍ନେହମୟୀ,
ପ୍ରାଣରୂପା ଗୋପା ଜୀବନମୟୀ,
କେମନ୍ତେ ତାହାଙ୍କ ମନେ ଯାତନା
ଦେଇଯିବ ଛାଡ଼ି ? ଏହି ଭାବନା ।
ଆହା ଗୋପା ମୋର କୋମଳ ପ୍ରାଣେ
ମୋହ ସେବା ବିନା ଆନ ନ ଜାଣେ,
ମୋତେ କରିଛନ୍ତି ଜୀବନ ସାର,
କହିବ କେମନ୍ତେ ବଜ୍ର ପ୍ରହାର ?

ମଞ୍ଜି କା କଳିକା ପଡ଼ିବ ଝଡ଼,
ପିତା ମାତା କଷ୍ଟ ତହୁଁରୁ ବଳି ।
ପତିଗତପ୍ରାଣା ଗୋପା ସୁନ୍ଦରୀ
ବହିବେ ମୋ ବିନା ଅନେ କପର ?
ଏହୁ କି ଲଲାଟ-ଲିପି ଗୋପାର ?
ପତିସେବା ଯାର ଜୀବନେ ସାର ?
ଗୋପାର ତପସ୍ୟା ପତି ଦେବତା,
ପତି ଆଜ୍ଞା କରେ ନାହିଁ ଅନ୍ୟଥା ।
ମନ ପ୍ରାଣ ଗୋପା ପତି ଚରଣେ
ସଁପେ ସେବା କରେ ମନ ବଚନେ ।
କେବେ ବୋଲି ନାହିଁ କର୍କଶ ବାଣୀ,
ସେବିଥାଏ ସଦା ମୋ ମନ ଜାଣି ।
ଜୀବନର ପ୍ରେମଧାରା ବିମଳ
ଢାଳେ ନିର୍ଝରିଣୀ ସାଗରେ ଜଳ ।
ଜନକ, ଜନନୀ, ଗୋପା ମନରେ
ଜାଳିବ ଅନଳ ମୁଁ କି ରୂପରେ !
ଜୀବନ-ବିଳସି କରି ଦହନ
ଯିବ ନିର୍ମମରେ ନ ବଳେ ମନ ।
ନାହିଁ ନାହିଁ, ମୋର ସନ୍ନ୍ୟାସ ପଥେ
ମାତା, ପିତା, ଗୋପା କଣ୍ଟକ ସତେ ।
କିବା କରୁଣାର ତିନୋଟି ମୂର୍ତ୍ତି,
ଯିବ ଦେଇ ପେଲି ନ ରହେ ଧୃତି ।
କରନ୍ତି ସିଦ୍ଧାର୍ଥ ଏତେ ବିଚାର,
ବହିଲା ନୟନୁ ଯୁଗଳ ଧାର ।

ମାତ୍ର ଜ୍ଞାନନେତ୍ରେ ଦେଖିଲେ ବୁଦ୍ଧ,
ତାଙ୍କ ବିନା ଆନ ଉପାୟ ନାହିଁ ।
ଅନନ୍ତ ଅପାରସଂଖ୍ୟ ଜଗତେ
ନର ନାରୀ କଷ୍ଟେ ଛନ୍ତି ନିରତେ ।
ତିନ ଜଣପାଇଁ ଅନନ୍ତ ପ୍ରାଣ
ଭୁଞ୍ଜିବେ ଯନ୍ତ୍ରଣା, ନୁହେ ବିଧାନ ।
ଜରା, ବ୍ୟାଧି, ମୃତ୍ୟୁ କରେ ସଂହାର,
କେପରି ପାଇବେ ଲୋକେ ଉଦ୍ଧାର ?
ବିଷମ ସମସ୍ୟା ଉଦୟ ମନେ,
ଘାତ ପ୍ରତିଘାତ ବ୍ୟଥା ଯେସନେ ।
ଜଗତରେ ସତ୍ୟ ଧର୍ମ ପ୍ରକାଶ
ନୋହିଲେ, ଯିବେଟି ପ୍ରାଣିଏ ନାଶ ।
ଯାଗ ଯଜ୍ଞେ ପଶୁ ହିଂସା ପ୍ରବଳ,
କାହିଁ ପ୍ରାଣିମୁକ୍ତି ? କଷ୍ଟ କେବଳ ।
ପ୍ରାଣୀ ନାଶ କରି ପ୍ରାଣୀ-ଉଦ୍ଧାର—
କାମନା ତ ସ୍ୱାର୍ଥପର ବେଭାର !
ନିର୍ଦ୍ଦୟତା ନୁହେ ଧର୍ମର ଗତି,
ଧର୍ମମୂଳ—ପ୍ରେମ, ପ୍ରଣୟ, ପ୍ରୀତି ।
ତେଜି ଆତ୍ମପ୍ରାଣ ତେଜି ସର୍ବସ୍ୱ
ଖୋଜିବି ସେ ପୁଣ୍ୟମାର୍ଗ ଅବଶ୍ୟ ।
ଦିବା ପ୍ରାୟ ଶେଷ—ବସି ସିଦ୍ଧାର୍ଥ
ମନେ କଲେ ଏହିପରି ସିଦ୍ଧାନ୍ତ ।
ଏମନ୍ତ ସମୟେ ରାଜପୁରୀରେ
ବାଜିଲା ମଙ୍ଗଳ ବାଦ୍ୟ ଗମ୍ଭୀରେ ।

ଶଙ୍ଖ ହୁଳହୁଳୀ ପଡ଼େ ଚହଳ,
ଆନନ୍ଦେ ଉନ୍ମତ୍ତ ଲୋକ ସକଳ ।
ସିଦ୍ଧାର୍ଥ ପାଶକୁ ଦୂତେକ ଯାଇ
ବୋଇଲା, ହେ ପ୍ରଭୁ ! ଦିଅ ବଧାଇ;
ହେଲା ତୁମ୍ଭ ନବ କୁମାର ଜାତ,
ଶାକ୍ୟ ବଂଶ ଅଙ୍କ ହେଲେ କୃତାର୍ଥ ।
ଚକିତ ନୟନେ ଚାହିଁଲେ ଦାସେ—
ଚନ୍ଦ୍ର ପ୍ରତିମା କି ତହିଁ ବଖାଣେ ।
ଯୁବରାଜ ଭାବ ଦେଖି ସେ ଦୂତ
ମଣିଲା ଚିତ୍ତରେ କଥା ଅଦ୍ଭୁତ ।
ଅଶ୍ରୁ ବେନ ନେତ୍ରୁ ଯାଉଛି ବହୁ,
ଚାଲିଗଲା ଦୂତ କିଛି ନ କହୁ ।
ମୋ ମାର୍ଗେ କଣ୍ଟକ—ଚିନ୍ତା ସିଦ୍ଧାର୍ଥ—
ଥିଲେ ତିନ ଜଣ, ହେଲା ଚତୁର୍ଥ ।
ବନ୍ଧନ ଉପରେ ହେଲା ବନ୍ଧନ,
ଛିଡ଼ି କଢ଼ିଯିବ ବୋଲ କେସନ ?
ଯାଉ—ତ୍ୟାଗ କଲି ସର୍ବ ବିଷୟ,
ସାଧିବି ସଙ୍କଳ୍ପ—ସ୍ଥିର—ନିଶ୍ଚୟ !

ଇତି ଶ୍ରୀବୌଦ୍ଧାବତାର କାବ୍ୟେ ବୈରାଗ୍ୟ
ନାମ ସପ୍ତମ ସର୍ଗ ।

# ଅଷ୍ଟମ ସର୍ଗ ।

ମହାନଶା ।

ଅସ୍ତାଚଳଶାୟୀ ରବି, ଅପେ ବଲ୍ଲବଣ୍ଟ,
ଶାକ୍ୟ ବଂଶ ସୁଖରବି ଗମନ ସୂଚନା ।
କପିଳ ବସ୍ତୁରେ ଦେବାଳୟେ ଶଙ୍ଖଧ୍ୱନି,
ମଙ୍ଗଳ ଆଳତି ଶବ୍ଦଲହରୀ ବିସ୍ତାରେ ।
ପ୍ରବେଶିଲା ଯୁବରାଜ କର୍ଣ୍ଣରେ—ବପିଲେ ।
ଚେତ ଧ୍ୟାନ ଉଠି ଧୀରେ ପ୍ରବେଶି ନଗରେ
ଦେଖିଲେ ଆଲୋକମାଳା, ବାଦ୍ୟ ନିନାଦିତ,
ବଚିତ୍ର ପତାକାବଳୀ ତରଙ୍ଗ ବତାସେ ।
ସୁନ୍ଦର ତୋରଣ କାରୁକାର୍ଯ୍ୟ ସ୍ଥାନେ ସ୍ଥାନେ,
ପୂର୍ଣ୍ଣକୁମ୍ଭ ଦ୍ୱାରେ ଦ୍ୱାରେ, ରମ୍ଭାତରୁ ପାଶେ ।
ଚୂତ, ଦେବଦାରୁ ଶାଖା, କୁସୁମଖଚିତ
ଲମ୍ବିତ ପ୍ରାଙ୍ଗଣେ—ସର୍ବେ ଉନ୍ମତ୍ତ ଉତ୍ସବେ ।
ରାଜମାର୍ଗ ବେନପାର୍ଶ୍ୱେ ଅଲୋକର ମାଳା,
ପୃଥ୍ୱୀ-ରାଣୀ କଣ୍ଠେ ଶୋଭେ ରତନର ହାର ।
ଲୀଳାମୟୀ ହାସ୍ୟମୁଖୀ ଆନନ୍ଦପ୍ରତିମା,
କମ୍ବୁହସ୍ତା କୁଳବଧୂ ଅଙ୍ଗନା ସକଳେ;
କେ କଣ୍ଠରେ ସଙ୍ଗୀତ କେବା କରେ ହୁଳୁଧ୍ୱନି;
ଲୀଳାମୟୀ ଦେବକନ୍ୟା ଦିବ୍ୟ ନଗରେ ।

ଏହିକାଳେ ଯୁବରାଜ ବାଜୀ ଆରୋହଣେ
ଯାନ୍ତେ ରାଜମାର୍ଗେ ସର୍ବେ ଆନନ୍ଦେ ଉଚ୍ଛ୍ୱାସେ
ଦେଲେ ପୁଷ୍ପାଞ୍ଜଳି ଭକ୍ତିବିନମ୍ରଭାବରେ ।
ପଡ଼ୁଛି କୁସୁମରାଶି ଯୁବରାଜ ଶିରେ,
ଦେହେ ଅଶ୍ୱମୁଣ୍ଡେ ପଦେ ଅଜସ୍ରଧାରରେ ।
ନୃତ୍ୟଶୀଳ ତୁରଙ୍ଗମ କରି ଗ୍ରୀବାଭଙ୍ଗି
ଯାଏ ତାଳେ ତାଳେ ଚଳି, ଦେଲେ କରତାଳ
ସୁନ୍ଦରୀ ନାଗରୀବୃନ୍ଦେ ଆନନ୍ଦମନରେ ।
ସମ୍ମୁଖେ ପଶ୍ଚାତେ ଅଗ୍ରେ ଉଭୟ ପାର୍ଶ୍ୱରେ,
ଉଠେ ଜୟଜୟକାର ଧ୍ୱନି ଅନୁକ୍ଷଣେ ।
ଭାସୁଛି ଆନନ୍ଦେ ପୁରୀ, ମାତ୍ର ଯୁବରାଜ
କ ଅଜ୍ଞାତ ଚିନ୍ତାବଶେ ଆକୁଳ ଅନ୍ତର ।
ଏତେ ଯେ ଉତ୍ସବ କିଛି ନୁହେ ଅନୁଭବ ।
ପ୍ରବେଶିଲେ ପୁରେ—ବେତ୍ରହସ୍ତ ପ୍ରତିହାରୀ
ଚଳେ ଅଗ୍ରେ ଅଗ୍ରେ ଡାକି ଉଚ୍ଚେ ସାବଧାନେ !
ଶ୍ରୀମାନ ମଣିମା ଯୁବରାଜ ଶୁଭ ବଜେ ।
ସମ୍ମୁଖେ ନାଚିଏ ଉଚ୍ଚ ଛନ୍ଦ ବେଳ ପାଣେ ।
ଧରି କୋଳେ ଆନନ୍ଦରେ ମାତା ପ୍ରଜାବତୀ
ଦେଖାଇଲେ ନବଜାତ ଶିଶୁ ଯୁବରାଜେ ।
ପଡ଼ିଲା କରୁଣା ଦୃଷ୍ଟି କୁମୁଦ କୋରକେ,
ଶଶାଙ୍କ କୌମୁଦୀ ! ଦେଲେ ହୁଳହୁଳୀ ନାରୀ,
ଆନନ୍ଦେ ଉଲ୍ଲସି ମାତା, ଗୋପା, ଶୁଦ୍ଧୋଦନ,
ସହଚର, ସହଚରୀ, ପୁରବାସୀ ଜନେ ।
ଉତ୍ସବ ଆନନ୍ଦ ସ୍ରୋତ ବହେ ଅବିରତ,

ସକଳ ମୁଖରେ ହାସ୍ୟ, ହୃଦୟେ ଆନନ୍ଦ,
ସର୍ବେ ଯେତେ ଆନନ୍ଦରେ ପଡ଼ୁଛନ୍ତି ଢଳ ।
ହାସ୍ୟର ତରଙ୍ଗେ, ଶିଶୁ କାନ୍ଦଇ ଉଚ୍ଚରେ—
ସେ କ୍ରନ୍ଦନ ମଧୁଧାର ଢାଳେ ସର୍ବ କର୍ଣ୍ଣେ ।
ଶୋଷିଲ, ଅସିଲ, ହିଣ୍ଡୁ ଭସି ଉଲ୍ଲାସରେ ।
କେବଳ ସିଦ୍ଧାର୍ଥ ଶୁଣି ସେ କ୍ରନ୍ଦନ ଧ୍ୱନି—
ଜଳେଇ ସିଦ୍ଧାନ୍ତ ତଥା ଆପଣା ମନରେ—
ଆଜନ୍ମମରଣ କାନ୍ଦେ ମାନବ ସନ୍ତାନ ।
(ସୁଖ ଅନୁଭବେ ଯାହା ଦୁଃଖର ଅଭାବ)
ଲୋକଦେଖା ହସ କ୍ରନ୍ଦନର ରୂପାନ୍ତର,
ଅଥବା ନିର୍ବୋଧଗଣେ ହସନ୍ତି ନ ବୁଝି ।
ଯୂପସ୍ତମ୍ଭ ପାଶେ ପଶୁ ଭକ୍ଷେ ବିଲ୍ୱଦଳ ।
ଯାହାର ଯେ ସ୍ଥାନେ ବ୍ୟଥା ମନ ସେହି ସ୍ଥାନେ—
ନିରେଖି ସିଦ୍ଧାର୍ଥ ଭାବ ଗୋପା ଚିନ୍ତାମଗ୍ନା ।
ଆନନ୍ଦ, ଆତଙ୍କ, ଭୟ, ଭରସା ଉଦୟ
ଯୁଗପତ ହୃଦୟରେ ସେକାଳେ ଉଦୟ
ସ୍ୱାମୀ—ଶିଶୁ—ଦୁଇ ମୁଖ କରି ନିରୀକ୍ଷଣ,
ଜୀବନପ୍ରତିମା ଶିଶୁ—ଜୀବନବଲ୍ଲଭେ ।
ଶିଶୁ ଜାତ ଶୁଭବାର୍ତ୍ତା ପ୍ରଚୁର ରାଜ୍ୟରେ,
ଉଚ୍ଛୁଳେ ସାଗର ଯାହି ଚନ୍ଦ୍ର ଉଦୟରେ,
ନର୍ତ୍ତିଲେ, ଗାଇଲେ, ପ୍ରେମ ପ୍ରୀତି ଆଳାପଲେ,
ପରସ୍ପରେ ଜ୍ଞାତି ବନ୍ଧୁ ଆହ୍ୱାନେ, ଭୋଜନେ,
ବିତରଣେ ଅର୍ଥ, ନାହିଁ ଦବା ନିଶି ଜ୍ଞାନ ।
ଏ ଘୋର ଆନନ୍ଦୋତ୍ସବେ ମତ୍ତ ନର ନାରୀ,

ନିରସନ୍ତୁଦସ୍ଥା ଗୋପା ଙ୍କ ଅଶ୍ରୁର ଭାବ ।
ଚନ୍ଦ୍ରମା ଚନ୍ଦ୍ରିକା ବ୍ୟାପ୍ତ ଗଗନ ପ୍ରାଙ୍ଗଣେ,
ଅଲକ୍ଷେ ପ୍ରଳମ୍ବକାରୀ ମେଘଖଣ୍ଡ ଭାସେ ।
ବସିଲେ ସିଦ୍ଧାର୍ଥ ଯାଇ ରତ୍ନସିଂହାସନେ,
ସ୍ୱର୍ଣ୍ଣ ଥାଳୀରେ ଜବା କୁସୁମ ସ୍ତବକ ।
ନର୍ତ୍ତନକୁଶଳା ନାରୀ ସଙ୍ଗୀତପ୍ରବୀଣା,
ମହାର୍ଘ ଭୂଷଣ ବସ୍ତ୍ର କୁସୁମେ ମଣ୍ଡିତା,
ବେଢ଼ି ଉଭା ହେଲେ ଯୁବରାଜ ଚଉପାଶେ,
ପୂର୍ଣ୍ଣଚନ୍ଦ୍ର ଚଉପାଶେ ଯଥା ତାରାବଳୀ ।
ବୀଣାବେଣୁନାଦିତ କଣ୍ଠସ୍ୱରେ ନାରୀଗଣେ
ଆରମ୍ଭିଲେ ନୃତ୍ୟ ଗୀତ । ପବନହିଲ୍ଲୋଳେ
ଚାଲେ ପୁରବାସିକର୍ଣ୍ଣେ । ନୀଳାକାଶ ଭେଦ
ଯେ ସ୍ୱର ମୂର୍ଚ୍ଛନା ତେଜ୍ ପବନେ ବନ୍ଧନ ।
ସନ୍ଧ୍ୟାପଦପାତେ ଯାହା ସେହି ସଙ୍ଗୀତଲହରୀ
ସୁପ୍ରଭାବ ମନେ କରି ଦିଏ ଜାଗରିତ,
ଜାଙ୍ଗଳୀ ସଙ୍ଗୀତେ ବଳଶାଳ୍ମୀ ଭୁଜଙ୍ଗମ;
ଅବା ଯଥା ପ୍ରସ୍ଫୁଟଇ ସୁମନ ବସନ୍ତେ ।
ମାତ୍ର ଯୁବରାଜ ସେହି ତାନ ଲୟ ଗୀତ
ନ ଶୁଣିଲ ପରି ବସିଛନ୍ତି କି ଉଦାସେ !
ଶୁଣିଲେ ସିଦ୍ଧାର୍ଥ ଏହି ସଙ୍ଗୀତ ରାଗିଣୀ—
ଜଗତର ଜରା ମୃତ୍ୟୁ ହାହାକାର ବାଣୀ ।
ଦେଖିଲେ ଲାବଣ୍ୟମୟୀ ନର୍ତ୍ତକୀ ବଦନେ
ଜରା, ବ୍ୟାଧି, ଶୋକ, ମୃତ୍ୟୁ ରହିଛି ପ୍ରଚ୍ଛନ୍ନେ ।
ମୃଦଙ୍ଗର ତାଳେ ତାଳେ ଶୁଣିଲେ ଯେମନ୍ତ

ବୋଲେ ସେହି—ଉଠ ଲୋକ ସତ୍ୟ ତତ୍ତ୍ୱପଥ,
ନିଶୀଥେ ନର୍ତ୍ତକୀଗଣ କ୍ଳାନ୍ତ ନର୍ତ୍ତନରେ,
ନିଭିଛି ଉତ୍ସବ, କ୍ରମେ ନିଭେ ଦୀପାବଳୀ,
ଆନନ୍ଦର ଅବସାନେ ଅବସନ୍ନ ପୁରୀ,
ନିଦ୍ରାଗତା କ୍ରମେ ସର୍ବ ନର୍ତ୍ତକୀ ସୁନ୍ଦରୀ ।
ଉନ୍ନିଦ୍ର ଭାବରେ ଛନ୍ତି କେବଳ ଗୌତମ,
ସୂତିକାଗୃହରେ ଶିଶୁ ପାଶେ ନିଦ୍ରାଗତା
ସତୀ ଗୋପା, ଯଥା କୁସୁମିତା ସ୍ୱର୍ଣ୍ଣଲତା ।

ସଦ୍ୟ ଜାତ ଚନ୍ଦ୍ରାନନ ଦେଖିଲେ ଅନାଇ,
ଦିବରୁ ଦେବତା ଶିଶୁ ଆସିଛି ଓହ୍ଲାଇ ।
ଅତୃପ୍ତ ନୟନେ ଗୋପା ଚନ୍ଦ୍ରାନନେ ଚାହିଁ,
ବସି ଭାବୁଛନ୍ତି କେତେ କଥା ଯୁବରାଜ ।
ଶୋଣିତବାହିନୀ ଶିରା ଛିଣ୍ଡିବ କେମନେ ?
ସହଜରେ ଶୁଷ୍କ ହୋଇ ଯିବ ଉପଶିରା ।
ନାହିଁ ନାହିଁ, ନୁହେ ଏହା ନୃଶଂସ ବେଭାର,
ଅଙ୍ଗରକ୍ଷାପାଇଁ ଉପ ଅଙ୍ଗୁଳି ଛେଦନ ।

ନିଦ୍ରାବଶ ଗୋପା ଦେବୀ ଦେଖିଲେ ସ୍ୱପନେ,
ସହସା ନିର୍ମଳାକାଶେ ପ୍ରଚଣ୍ଡ ଝଟିକା
ବହେ ପ୍ରବଳରେ, ବିନା ମେଘେ ବଜ୍ରାଘାତ,
ଚନ୍ଦ୍ର ସୂର୍ଯ୍ୟ ଗ୍ରହଗଣେ ପ୍ରଚଣ୍ଡ ଭାବରେ
ଧାବନ୍ତ, ଆହତ ମହାବେଗେ ପ୍ରବଳରେ,
ଏକ ଏକ ତାରା ସଙ୍ଗେ ପଡୁଛନ୍ତି ଖସି,
ନିଷ୍ପ୍ରଭ ଚନ୍ଦ୍ରମା ଜ୍ୟୋତି, ନିଷ୍ପ୍ରଭ ତପନ,
କମ୍ପିତା ମେଦିନୀ, ଗିରିରାଜ ଟଳମଳ !

ଦାବାନଳେ ଦଗ୍ଧ ବନ ! ସର୍ବ ବିଶୃଙ୍ଖଳ ।
ଗୋପାକଣ୍ଠ ମୁକ୍ତାହାର ଛିଣ୍ଡିପଡ଼େ ତୁଟି,
ବିଶୃଙ୍ଖଳ କେଶପାଶ, ସର୍ବ ଅଳଙ୍କାର ।
ଢଙ୍ଗାଳିଆ ପତ୍ର ପଡ଼ କାନନ୍ତ ଭୂମିରେ,
ରାଜଶଯ୍ୟା ଛତ୍ର ଦଣ୍ଡ କେତନ, ଚାମର,
ଛିନ୍ନ ଭିନ୍ନ ସିଦ୍ଧାର୍ଥଙ୍କ ଦେହ ଅଳଙ୍କାର !
ଆଚ୍ଛାଦିତ ରାଜପୁରୀ ନିବିଡ଼ ତିମିରେ,
ଶାକ୍ୟବଂଶ ରାଜଲକ୍ଷ୍ମୀ ମଳିନବଦନା !

ପଡ଼ିଲେ ଚମକି ଗୋପା, ବସି ପାଶେ ଯାଇ,
ସ୍ୱାମିଙ୍କୁ ସ୍ୱପନ କଥା ବୋଇଲେ ବିସ୍ତାରି—
ପୁଛିଲେ, ହେ ନାଥ ! ବୋଲ ଏ କି ଅମଙ୍ଗଳ ?
ଦେଖିଲି କୁକ୍ଷଣେ ସ୍ୱପ୍ନ ! କି ଦଶା ମୋହର
ହେବ ? ନୁହେ ସ୍ଥିର ବୁଦ୍ଧି–ମନ ଅନାୟତ୍ତ ।
କାନ୍ଦୁଛି ପରାଣ ନାଥେ ଦେଖି କୁସ୍ୱପନ ।
ବୋଇଲେ ସିଦ୍ଧାର୍ଥ, ପ୍ରିୟେ ! ତୁମ୍ଭେ ପୁଣ୍ୟବତୀ !
କରେ ଯେବା ଧର୍ମରକ୍ଷା, ଧର୍ମ ତା ରକ୍ଷକ ।
ଧର୍ମବଳେ ବଳୀୟାନ ଲୋକ କଦାଚିତ
ନ ହୁଅନ୍ତି ଜାଣ ପ୍ରିୟେ ! ବିପଦେ ପତିତ ।
ସ୍ୱାମିପ୍ରତ୍ୟୟିନୀ ଗୋପା ନ ବୁଝିଲେ ତତ୍ତ୍ୱ,
ନିଗୂଢ଼ ରହସ୍ୟମୟ ବାକ୍ୟ ଅର୍ଥ କିଛି,
ହେବ ଛିନ୍ନ ଭିନ୍ନ ପାପରାଜ୍ୟ ଏହିରୂପେ ।
ନିଦ୍ରାଗତା ଗୋପାଦେବୀ—ନିଃଶଙ୍କ ମନରେ
ଶଯ୍ୟା ତେଜି ଶାକ୍ୟସିଂହ ଚିତ୍ତର ଆବେଗେ
ଭ୍ରମିଲେ ଅଳିନ୍ଦ ମଧ୍ୟେ ଉଦାସ ମନରେ ।

କ୍ଷୀଣଜ୍ୟୋତି ଦୀପଶିଖା, ସର୍ବେ ଅଚେତନ,
ଶୁଭୁଛି କେବଳ ସୁପ୍ତ ନିଶ୍ୱାସ ପବନ,
ଗମ୍ଭୀର ରଜନୀ, ଜଳେ ସ୍ଥଳେ ପ୍ରାଣିଗଣେ
ସନ୍ତାପହାରିଣୀ ନିଦ୍ରା ଧରିଛନ୍ତି କୋଳେ ।
ନିପତିତା ନିଦ୍ରାବଶେ ନର୍ତ୍ତକୀ ସକଳେ—
ସ୍ତିମିତ ଆଲୋକ ଜ୍ୟୋତି ପତିତ ମୁଖରେ,
ସ୍ଖଳିତବସନା କେହି, ବିଚ୍ଛିନ୍ନକବରୀ,
ସ୍ୱପ୍ନାବେଶେ କରେ କେହି ଦନ୍ତ କଡ଼ମଡ଼,
କେ କରେ ପ୍ରଳାପ, କାହା ନାସିକାଗର୍ଜନ
ଶ୍ରବଣେ ବିକାର ଜାତ ସହଜେ ମନରେ,
ମୁଖରୁ ଗରଳ ବହି ଯାଉଛି କାହାର,
ଶୋଇଁଛି ଚିତ୍ତିଁ କେହି ପିଶାଚୀ ସମାନେ !
ଦେଖି ଏ ବୀଭତ୍ସ ଦୃଶ୍ୟ ମହାଘୃଣା ଜାତ
କୁମାର ମନରେ—ଧିକ ! ବୋଇଲେ ସିଦ୍ଧାର୍ଥ ।

ପ୍ରହରକ ପୂର୍ବେ ଯେତେ ଅବଳା-ଅପ୍‌ସରୀ,
କାମକଳାବତୀ, କେତେ ନୟନରଞ୍ଜନା
ନୃତ୍ୟେ ଥିଲେ ଉନମତ୍ତ—ଏବେ ମୃତପ୍ରାୟ
ନିପତିତା, ଧିକ ! ଜୀବନର ପରିଣାମ !
ଉତ୍ସବର ଲୀଳାଭୂମି ଥିଲା ଏହି ସ୍ଥାନେ,
ମୁହୂର୍ତ୍ତକେ ପରିଣତ ଶ୍ମଶାନ ସମାନ !
ଏହି କି ସଂସାରସୁଖ ? ଅଜ୍ଞ ଲୋକଗଣେ
ନ ବୁଝି ଉନ୍ମତ୍ତ ସଦା ଅଳୀକ ଆମୋଦେ ।
ବରାହ ସମାନ ପଡ଼ି ଗଡ଼ନ୍ତି ପଙ୍କରେ,
ପତଙ୍ଗ ସମାନେ ମରେ ବିଳାସ-ଅନଳେ !

ଭାଳିଲେ ସିଦ୍ଧାର୍ଥ ପୁଣି ଗୃହିଁ ନାରୀଗଣେ,
ନିତାନ୍ତ କରୁଣାପାତ୍ର ଅଙ୍ଗନା ସକଳେ,
ବ୍ୟାଧ ଜାଲେ ମୃଗୀସମା—ଇନ୍ଦ୍ରିୟଲାଳସା-
ପାଶେ ବଦ୍ଧା—ପଙ୍କ ମଧ୍ୟେ କରିଣୀସମ'ନା !
ଯୌବନର ସ୍ରୋତ ବହିଯାଏ ଅନୁକ୍ଷଣ,
ନ ଭାଳନ୍ତି କିବା ଦଶା ହେବ ପରିଣାମେ ।
ଭୋଗ-ହଳାହଳ ପାନେ ଆପଣେ ଉନ୍‍ମତ୍ତ,
କ୍ଷଣସ୍ଥାୟୀ ରୂପାନଳେ ପୋଡ଼ନ୍ତି ଜଗତ ।
ଅସାର ସଂସାରସୁଖେ ନିମଜ୍ଜିତା ପାପେ,
କି ଭୀଷଣ ପରିଣାମେ ହେବେ ଉପନୀତ !
ଯିବ ସତ୍ୟ ମୁକ୍ତିମାର୍ଗ ଅନ୍ୱେଷଣପାଇଁ,
ବିନା ସ୍ୱାର୍ଥବଳିଦାନେ ମିଳେ କି ପରାର୍ଥ ?
ଆହା ! ମୋର ବୃଦ୍ଧ ପିତା ନୟନପ୍ରତିମା,
ହୃଦୟଶୋଣିତବନ୍ଧୁ, ଜୀବନସର୍ବସ୍ୱ
ସମାନ ପାଳନ୍ତି ମୋତେ । କହିବ କପର
ବଜ୍ରାଘାତ ଆହା ! ଧିକ ! ତାଙ୍କ ହୃଦୟରେ ?
ଯିବ କି ଗୁପତେ ତ୍ୟାଗ କରି ରାଜପୁରୀ ?
ନାହିଁ ନାହିଁ, ପାଦେ ପଡ଼ ନେବି ମୁଁ ମେଲାଣି ।

ଇତି ଶ୍ରୀ ବୌଦ୍ଧାବତାର କାବ୍ୟେ ମହାନିଶା
ନାମ ଅଷ୍ଟମ ସର୍ଗ ।

# ନବମ ସର୍ଗ ।

ମେଲ୍ଲଣି ।

—o—

ରାଜ୍ୟବାସୀ ଜନଗଣ ଶୁଭାଶୁଭ ଭାର
ନ୍ୟସ୍ତିରେ—ନ୍ୟାୟ୍ୟାନ୍ୟାୟ୍ୟ ଯେ କରେ ବିଚାର,
କପର ସେ ଲୋକ ହେବ ସୁଖରେ ନିଦ୍ରିତ ?
ନ୍ୟାୟ୍ୟବାନ ନରପତି ନିୟତ ଚିନ୍ତିତ ।
ପୁଣି ରାଜା ଶୁଣିଲେଣି ପୁତ୍ର ଉଦାସୀନ—
ବିରକ୍ତ ବିଷୟେ ଧ୍ୟାନେ ଭଜନେ ଆସୀନ ।
ମହାରାଜ ଶୁଦ୍ଧୋଦନ ମହାର୍ଘ ଶଯ୍ୟାରେ
ଶୟାନ—ଉନ୍ନିଦ୍ର ନାନାବିଷୟ ଚିନ୍ତାରେ ।
ସୁଷୁପ୍ତିର ସୁଖ ଲୋକ କରେ ଅନୁଭବ—
ସହଜେ ଘଟିବା ନୃପପକ୍ଷେ ଅସମ୍ଭବ ।
ନିଶୀଥେ ନିଦ୍ରିତ ପୁରବାସୀ ଜନଗଣ,
କେବଳ ଜାଗ୍ରତ ରାଜପୁତ୍ର, ଶୁଦ୍ଧୋଦନ ।
ଅଲକ୍ଷେ ସୁଧୀରପଦେ ନୃପତିକୁମର
ତନୟେ ବନ୍ଦିଲେ ଯାଇ ଜନକପଦ୍ମର ।
ବିକାଶେ ଉଜ୍ଜ୍ୱଳ କାନ୍ତି ଦେବପଲ୍ଲବରେ,
ମହାର୍ଘ ମାଣିକ୍ୟ ଜ୍ୟୋତି ଅଳଙ୍କାରସରେ ।
ଜନକ ଚରଣ ବନ୍ଦି ବୋଇଲେ ନନ୍ଦନ—
ଶୁଣିବାକୁ ଆଜ୍ଞା ହେଉ, କରେଁ ନିବେଦନ ।

ବାସନା ସାଧିବ ଇଷ୍ଟ, ଦଅ ଅନୁମତି,
ମୋ ଭାଗ୍ୟରେ ଘଟୁ ସୁଖ ଦୁଃଖ ବା ଦୁର୍ଗତି ।
ଅନାସ୍ଥତ୍ୱ ଯିବାପାଇଁ ଗନ୍ତବ୍ୟ ମାର୍ଗରେ,
ଆଜ୍ଞା କର ଏହି ମାତ୍ର ପ୍ରାର୍ଥନା ପଦ୍ମରେ ।
ଅଲକ୍ଷରେ ଘଟେ ସବେ ବିଧାତାବିଧାନ,
ଉପଲକ୍ଷ ମାତ୍ର ଲୋକ ଜାଣନ୍ତି ପ୍ରମାଣ ।
ସ୍ୱକାର୍ଯ୍ୟ ସାଧନେ ଯାଏଁ, କର ଅନୁମତି,
ନାହିଁ ମୁହିଁ ଅସ୍ୱବଶେ, ନିୟନ୍ତା ନିୟତି ।
ପୂର୍ଣ୍ଣ ହେବ ମୋର ଇଶ ଅଦେଶେ ତପସ୍ୟା,
ହେ ଦେବ ! ପୋଷିଛି ମନେ ବିଶ୍ୱାସ ଭରସା ।

ଚମକି ପଡିଲେ ନୃପ ପୁତ୍ରମୁଖ ଚାହିଁ,
ରହିଛନ୍ତି ଏକଦୃଷ୍ଟେ ସଂଜ୍ଞା ମାତ୍ର ନାହିଁ ।
ଜାଣି ପୁଣ୍ୟା ପୁତ୍ରବାଣୀ ମାତ୍ରକ ସମ୍ମତି
ଭୁଲଶୁଁ କଠୋର ମନେ ମଣିଲେ ନୃପତି ।
ସାଷ୍ଟମ ଲଭିଲେ ପୁଣି କ୍ଷଣକ ଉତ୍ତାରେ,
ଚାହିଁଛନ୍ତି ବେଜନେତ୍ର ପୂର୍ଣ୍ଣ ଅଶ୍ରୁଧାରେ ।
ନିଶ୍ୱାସ ପକାଇ କଷ୍ଟେ ବୋଇଲେ ରାଜନ—
ରେ ପୁତ୍ର ! ତୋହର ଅଛି କିବା ପ୍ରୟୋଜନ ?
କି ଅଭାବ ଅଛି ତୋର, କପାଇଁ ସଂସାର
ତେଜିବୁ ? ବୃଥାରେ ମୋତେ କର ନା ସଂହାର ।
ଲଳନା ଲାବଣ୍ୟମୟୀ ଗୋପା ସାଧ୍ୱୀ ସତୀ,
ଶାକ୍ୟକୁଲଲକ୍ଷ୍ମୀ ବଧୂ ସରଳା ଯୁବତୀ ।
ଦେବପୁଷ୍ପ ପାରିଜାତକୋରକ କୁମାର,
ବିତ୍ତଶାଳୀ ଶାକ୍ୟରାଜ୍ୟ ବିଖ୍ୟାତ ସଂସାର ।

କମଳାର ଲୀଳାସ୍ଥଳୀ ସୁବର୍ଣ୍ଣପ୍ରସବା,
ଉତ୍କଳର ଗନ୍ତାଘର ମେଲିଅଛୁ ଅବା ।
ଦୁର୍ଦ୍ଦଶା ଦାରିଦ୍ର୍ୟ ଚିହ୍ନ ଏ ଦେଶରେ ନାହିଁ,
ସିରପ୍ରଜାବତୀ ଏହା ସମାନରେ କାହିଁ ।
ସୁଠାଣ କୋମଳ କାନ୍ତ ପ୍ରଫୁଲ୍ଲ ସୁମନ
ସମାନ ସ୍ୱରୂପ ତବ ନବ ଯଉବନ ।
ବିଜନ ବିପଦପୂର୍ଣ୍ଣ ନିବିଡ଼ କାନନ,
କ୍ଳେଶ ସହି କରିବୁ ରେ ତପସ୍ୟା କେସନ ?
ଆରେ ମୋର ବାପଧନ ପ୍ରିୟ ପ୍ରାଣାଧିକ,
ଅନ୍ଧର ଲଉଡ଼ି ଶାକ୍ୟକୁଳର ମାଣିକ !
ତୋହର ଜନନୀ ଶୋକ ଯାଇଛି ପାସୋରି,
ତୋର ମୁଖଚନ୍ଦ୍ର ଦେଖି ଅଛି ପ୍ରାଣ ଧରି ।
ତିମିରଆଚ୍ଛନ୍ନ ଥିଲା ମୋର ଶାକ୍ୟରାଜ୍ୟ,
ଉଦୟ ହୋଇଛୁ ବାପ ! ତୁହି ଦ୍ୱିଜରାଜ ।
ହୃଦୟର ଗ୍ରନ୍ଥି ମୋର ଜୀବନସମ୍ବଳ,
ଏକା ତୋହ ବିନା ବାପ ! ସକଳ ବିଫଳ ।
ପ୍ରଜାବତୀ ଗୋପା ବଧୂ, ଗୌତମୀ ତୋ ବିନା
ହାହାକାର କରି ପ୍ରାଣ ହାରିଇବେ ସିନା ?
ବୃଦ୍ଧ ପିତା ମାତାକୁ ତୁ ନ ଯାଅ ଭସାଇ,
ନ ଯାଅ ରେ ପ୍ରଜାଗଣେ କନ୍ଦାଇ କନ୍ଦାଇ ।
ନୟନପିତୁଳୀ ଆରେ ମୋର ଗଳାହାର,
ଆଶା-ଆକାଶରେ ଏକମାତ୍ର ଧ୍ରୁବତାର ।
କେତେ ଆଶା ଭରସା ରେ ବାନ୍ଧିଛି ଜୀବନେ,
ଭସାଇ ସକଳେ ବାପ ! ଯିବୁ ତୁ କେସନେ ?

ନବଜାତ ଶିଶୁଟିକୁ ଅନା ବାପ ଥରେ,
କି କହିବ ବଧୂଟି ମୋ ଶଶୁର ମନରେ ।
ଦୂଷାଇ ଦେବୁ କି ତୁ ରେ ସ୍ୱବଂଶ ମାତାକୁ ?
ରହିବେ ଆଶାଯୁକ୍ତ ଜନେ ଅନାଇ କାହାକୁ ?
ହେଲଣି ରେ ଜରାଜୀର୍ଣ୍ଣ, ନାହିଁ ଦେହେ ବଳ,
କେବଳ ଜଗିଛୁ ତୋତେ ଜୀବନସମ୍ବଳ ।
ଛାଡ଼ ଦେରେ କଥା ମୋର, ଶାକ୍ୟରାଜ୍ୟ ଲୋକ—
କେ ପାଳିବ ସେମାନଙ୍କୁ କେ ହେବ ରକ୍ଷକ ?
ଜରା ଲୋଡ଼ା ବୋଲି ତୋର ଦେବ ତାହା ଆଣ,
ବୋଲି ଫେଇ ମନକଥା ପାରେଁ ଯେବେ ଜାଣି ।
ପୁଣ ପୁଣ ବୋଲୁଛି ରେ ଭାଳ ଦେଖ ମନେ,
ପ୍ରଜାବର୍ଗ ଶୋପା ବଧୂ ବଞ୍ଚିବେ କେସନେ ?

ଏହି ଶାକ୍ୟ ବଂଶ କଳ୍ପପାଦପ ସମାନ,
ପୂର୍ବପୁରୁଷଙ୍କ ଯଶ-ପୁଷ୍ପ ବିଦ୍ୟମାନ ।
ଥିଲୁ ତୁହି ମୂର୍ତ୍ତିମନ୍ତ ସୌରଭ ସେଥିରେ,
ତୋହ ବିନା ବୃଥା ହେବ ଭାଳ ତୁ ବୁଦ୍ଧିରେ ।
ଶୁଣିଲା ରାଜାଙ୍କ କଣ୍ଠ ନ ଛୁରିଲା ବାଣୀ,
ଅବିରଳ ବହେ ବେନି ନୟନରୁ ପାଣି ।
ନିତାନ୍ତ ସନ୍ତପ୍ତ ଯୁବରାଜ ଏହା ଦେଖି,
ଆକୁଳରେ ପିତା ମୁଖ ଅଛନ୍ତି ନିରେଖି ।
ବୋଇଲେ ଏ ଅନ୍ତେ ଧୀରେ କୋମଳବଚନେ,
ଅହେ ପିତଃ ! ମୋତେ କଲେ ଆଦେଶ ଏକ୍ଷଣେ—
ଦେଉନ୍ତୁ ମୋହର ଲୋଡ଼ା ଗୁଟିଏ ପଦାର୍ଥ,
ଈପ୍ସିତ ପାଇଲେ ଗୃହେ ରହିବ ଯଥାର୍ଥ ।

ନୃପତି ଭରସା ପାଇ ବୋଇଲେ ନନ୍ଦନେ,
ବୋଲ ବୋଲ ଲୋଡ଼ା ତୋର କି ଦ୍ରବ୍ୟ ଏକ୍ଷଣେ ।
ବୋଇଲେ ଗୌତମ, ପିତଃ ! କରନ୍ତୁ ଆଦେଶ,
ମୋ ଶରୀରେ ନ ବାଧିବ ଯେସନ୍ତେ ବ୍ୟାଧିକ୍ଲେଶ ।
ନ ମରିବ, ନ ତୁଟିବ ସମ୍ପଦ ଯୌବନ,
ଦେବା ହେଉ ମୋତେ ଏହୁ ଗୁଟିଗୋଟି ଧନ ।
ବୋଇଲେ ନୃପତି କଷ୍ଟେ ପକାଇ ନିଶ୍ବାସ,
ପାଇବୁ ଅପ୍ରାପ୍ୟ ବର କିପାଁ ଏ ବିଶ୍ବାସ ?
ଜଗତ ମଧ୍ୟରେ ଯାହା ଦୁର୍ଲ୍ଲଭ ପଦାର୍ଥ,
ସେ ସମସ୍ତ ଦ୍ରବ୍ୟ ଲୋଡ଼ୁ କିପାଁ ରେ ସିଦ୍ଧାର୍ଥ ?
ଯୋଗିଗଣ କରି କଳ୍ପ କଳ୍ପାନ୍ତ ତପସ୍ୟା,
ଯାହା ଲଭିବାକୁ ପାଇ ନାହାନ୍ତି ଭରସା;
ଅପ୍ରାପ୍ୟ ପଦାର୍ଥ ଲଭେ କିପାଁ ଅଭିଳାଷ ?
ପ୍ରାପ୍ୟ ଏହା କିପାଁ କରୁ ମନରେ ବିଶ୍ବାସ ?
ବୋଇଲେ ଗୌତମ ଶୁଣି ଅହେ ମହାମନା !
ଆନ ଏକ ବର ଏବେ କରୁଛି ପ୍ରାର୍ଥନା ।
ଗୃହ ତେଜି ଯିବି ବନେ ତପସ୍ୟାକାରଣେ,
ନ କରିବେ ଯେସନ୍ତେ କଷ୍ଟ ଅନୁଭବ ମନେ ।
ଆଶୀର୍ବାଦ କର ପିତଃ, ବନ୍ଦୁଛି ଚରଣ,
କର୍ତ୍ତବ୍ୟ ସାଧନେ ନୋହୁ ବିଚଳିତ ମନ ।
ଅନାଇ ଦେଖିଲେ ପୁତ୍ର ବଦନ ରାଜନ,
ଏ ନୁହେ ମୋ ପୁତ୍ର, ନରରୂପୀ ନାରାୟଣ ।
କି ସାଧ୍ୟ ମୋହର ତାଙ୍କୁ ରଖିବି ଅନ୍ତରେ,
କରନ୍ତୁ କର୍ତ୍ତବ୍ୟ କାର୍ଯ୍ୟ ସାଧନ ଜଗତେ ।

କରନ୍ତୁ ସିଦ୍ଧାର୍ଥ ଯୋଗେ ମୁକ୍ତିଲାଭ ନରେ,
କମ୍ପାଇ କଣ୍ଟକ ହେବ ପବିତ୍ର ମାର୍ଗରେ ।
ଅବଗତ ହୋଇ ସମାଗ୍ର ଜ୍ଞାନବଳେ—
ତଥାପି କାନ୍ଦିଲେ ସ୍ନେହମୋହରେ ବିକଳେ ।
ବାଷ୍ପରୁଦ୍ଧ କଣ୍ଠେ କଷ୍ଟେ ବୋଇଲେ ରାଜନ—
ଯାଅ ବାପା, କର ତୋର କର୍ତ୍ତବ୍ୟ ସାଧନ ।
ସିଦ୍ଧାର୍ଥ ଭକ୍ତିରେ ପିତୃଦେବ ଚରଣରେ
ଓଳଗି ହେଲେକ କାୟମନୋବଚନରେଁ ।
ପିତୃଦେବଙ୍କର ପଦ ସର୍ବତୀର୍ଥ ସାର—
ଗୌତମ କଲେକ ମନ ମଧ୍ୟରେ ବିଚାର ।
ପୁତ୍ରଙ୍କର କରପଦ୍ମ ଜନକ ପଦରେ,
ପିତାଙ୍କର କରପଦ୍ମ ପୁତ୍ର ମସ୍ତକରେ,
ପିତା ପଦଯୁଗ୍ମ ସିକ୍ତ ପୁତ୍ରନେତ୍ରନୀରେ,
ପିତାଙ୍କ ନୟନଅଶ୍ରୁ ପଡ଼େ ପୁତ୍ର ଶିରେ,
ଏ ମହାମହିମାମୟ ଦୃଶ୍ୟ ଜଗତରେ
ଦେଖନ୍ତି ମୁକ୍ତିକାମୀ ହେବେ ସର୍ବ ନାରୀ ନରେ ।
ଅତୁଳ ଜନକ ସ୍ନେହ, ମମତା ମହାନ
ଜଗତ ହିତାର୍ଥ କରିବାରୁ ବଳି ଦାନ—
ମେଲାଣି ଦେଲେକ ଦେବା ସମସ୍ତ ଘଟନା—
ପିତା ପୁତ୍ର ଚିତ୍ତବୃତ୍ତି କରନ୍ତୁ କଳ୍ପନା ।
ବଦନ ଫେରାଇ ପୁତ୍ର ଚଳିଛନ୍ତି ଧ୍ୟାନେ,
ନପଡ଼ନ୍ତ ପିତା ବକ୍ଷ ଆହତ ସମାନେ ।

ଇତି ଶ୍ରୀବୌଦ୍ଧାବତାରକାବ୍ୟେ ମେଲାଣି
ନାମ ନବମ ସର୍ଗ ।

# ଦଶମ ସର୍ଗ ।

## ନିଷ୍କ୍ରାମଣ ।

ଅର୍ଦ୍ଧେକ ଅତୀତା ଯାମିନୀ,
ତିମିରେ ଆଚ୍ଛନ୍ନ ମେଦିନୀ,
ଉତ୍ସବ ଶେଷେ କ୍ଲାନ୍ତଦେହେ
ନିଦ୍ରିତ ସର୍ବ ଜନ ଗେହେ ।
ନିଭୁଛି କ୍ରମେ ଦୀପାବଳୀ,
ବହେ ପବନ ସୁଧା ବଳି ।
ନୀଳ ଆକାଶେ ତାର୍‌ଗଣେ,
ଶୋଭାଳି ବସ୍ତୃତ ପ୍ରାଙ୍ଗଣେ ।
ଗମ୍ଭୀର ଶାନ୍ତିମୟ ମୂର୍ତ୍ତି,
ତିମିର ମଣ୍ଡିତା ପ୍ରକୃତି ।
ଦୂରେ ଶୁଭଇ ଝିଲ୍ଲୀଧ୍ୱନି,
କ୍ରନ୍ଦନ କରୁଛି ରଜନୀ ।
କଦାଚ ଉଡଇ ଉଲ୍ଲୁକ,
ଛପିରେ ତସ୍କର, କାମୁକ ;
ଭ୍ରମନ୍ତି କାହିଁ ସତର୍କରେ,
ପ୍ରହରୀ ଜଗିଛି ତସ୍କରେ ।

ଦେବତା ପିଶାଚ ସ୍ୱଭାବ
ଲୋକଙ୍କ କାଳ ପ୍ରାଦୁର୍ଭାବ
ସବୁଜ-ମାନବ ସକଳେ
ଅଚେତ ଛନ୍ତି ନିଦ୍ରାକୋଳେ
ପିତାଙ୍କ ଚରଣୁ ମେଲାଣି
ଯେବେ ସିଦ୍ଧାର୍ଥ ଭାଗ୍ୟ ଜାଣି
ବାହୁଡ଼ ଯାନ୍ତେ ନିଜ ବାସେ,
ଦେଖିଲେ ଅନନ୍ତ ଆକାଶେ
ଅସଂଖ୍ୟ ତାରକା ଅନାଇ
ଅଛନ୍ତି ଦେଖିବାର ପାଇଁ
ମହା ନିଷ୍କ୍ରାମଣ ସମୟ,
ଅଥବା ନିଭୃତ ବିଷୟ ।
ଅକ୍ଷରରୂପେ ତାରାଗଣେ
ନହତ ଗଗନ ପ୍ରାଙ୍ଗଣେ
କମ୍ପା ପ୍ରକାଶ ଅନୁମାନେ,
ସେ ନୀଳ ଆକାଶ ସମାନେ
ଅନନ୍ତ ସିଦ୍ଧାର୍ଥ ହୃଦୟ,
ଆଶା ସୁଜ୍ଞାନ ଚନ୍ଦ୍ରୋଦୟ ।
ପୁଷ୍ୟା ନକ୍ଷତ୍ର ନିଶାକରେ
ଷଷ୍ଠରେ ମହେନ୍ଦ୍ର ଯୋଗରେ ।
ଚାଲିଲେ ରାଜାଙ୍କ ତନୟ,
ଏହିତ ପବିତ୍ର ସମୟ ।
ଛନ୍ଦକ ନାମେ ଭୃତ୍ୟ ଜଣେ
ଶୟାନ ଅଶ୍ୱକ ପ୍ରାଙ୍ଗଣେ ।

ବୋଇଲେ ତାହାଙ୍କୁ ଉଠାଇ,
ବେଗେ ମୋ ଅଶ୍ୱ ଆଣ ଯାଇ ।
କଣ୍ଟକ ନାମେ ଅଶ୍ୱବରେ
ମଣ୍ଡାଇ ଆଣ ତୁ ବେଗରେ ।
ଏବେ ପ୍ରଶସ୍ତ ଗମ୍ୟ ପଥ,
ସିଦ୍ଧ ହୋଇଛି ମନୋରଥ ।
ଛନ୍ଦକ ପଡ଼ିଲା ଚମକି,
କୁଳିଶ ଶିରେ ପଡ଼ିବ କି !
ସେ ଭୃତ୍ୟ ପୁଛିଲା ବିସ୍ମୟେ—
ହେ ପ୍ରଭୁ ! ନିଶୀଥ ସମୟେ
ଯିବେ ଏକାକୀ କେତେ କାର୍ଯ୍ୟେ ?
ଲୋକ କି ନାହାନ୍ତି ଏ ରାଜ୍ୟେ ?
ଅହେ ଛନ୍ଦକ ! ଯୁବରାଜ
ବୋଇଲେ, ଅନ୍ୟେ ନାହିଁ କାର୍ଯ୍ୟ ।
ଆଜନ୍ମ ପ୍ରାଣର ପିପାସା
ମେଣ୍ଟିବ, କରିଛି ପ୍ରତ୍ୟାଶା ।
ଜନ୍ମ-ମରଣ-ଦୁଃଖ-ସ୍ରୋତେ
ଭାସନ୍ତି ମାନବ ସମସ୍ତେ ।
ଜଗତ ମଙ୍ଗଳ କାରଣ
ଛନ୍ଦକ ! ତେଜିବି ଭବନ ।
ଲଭିବେ ମଙ୍ଗଳ ସଂସାର,
ଅତାକୁ କରିବି ଉଦ୍ଧାର ।
ଅକୂଳ ମାନବ ସମସ୍ତେ,
କରୂପେ ରହିବ ଜଳନ୍ତେ ?

ଛନ୍ଦକ ସ୍ୱପନ ସମାନ
ଶ୍ରବଣ କଲେ କଥାମାନ;
ଏବେ ଯେ ମନରେ ବିଶ୍ୱାସ
କଲେ, ଘଟିଲା ସର୍ବନାଶ ।
ବୋଇଲେ କରଯୋଡ଼ି ଦୁଃଖେ,
ହେ ପ୍ରଭୁ ! ଏହି କଥା ମୁଖେ
ନ ଘେନ, ଚିନ୍ତା କର ଆର୍ଯ୍ୟ !
ସବୁ ଯେ ଗଲା ଶାକ୍ୟ ରାଜ୍ୟ ।
ତପସ୍ୟା କଠୋର ସାଧନା,
କୋମଳ ଅଙ୍ଗେ ସହିବ ନା ?
ନ ବୁଝି କଥା ଭବିଷ୍ୟତ
ବାସନା କରିଛ ଏମନ୍ତ ।
ତେଜନ୍ତୁ ମନୁ ଦୁରାକାଙ୍କ୍ଷା ।
ଆଶ୍ରିତଜନେ କର ରକ୍ଷା ।
ମୁହିଁ ଆଶ୍ରିତ ବାଲ୍ୟକାଳୁଁ,
ତୁମ୍ଭେ ତ ପରମ ଦୟାଳୁ;
ଯନ୍ତ୍ରଣା ଦେଇ ଦାସଜନେ
ତପସ୍ୟା ସାଧିବ କେସନେ ?
ଛନ୍ଦକେ ବୋଇଲେ ସିଦ୍ଧାର୍ଥ,
ଯେ କଥା ବୋଇଲୁ ଯଥାର୍ଥ ।
ସ୍ନେହପ୍ରବଣ ମୋ ଜନକ,
ଧାର୍ମିକ ଦେବତା ପ୍ରତ୍ୟକ୍ଷ,
ଜୀବନୁ ଅଧିକ ସନ୍ତାନ,
ପୁତ୍ର ସମାନ ପ୍ରଜାମାନ,

ସାଧ୍ୱୀ ସୁଶୀଳା ଗୋପା ସତୀ,
ମାତା ଗୌତମୀ ପ୍ରଜାବତୀ,
ଦୁହଙ୍କ ବାତ୍ସଲ୍ୟ କରୁଣା,
ମିଳିତା ଜାହ୍ନବୀ ଯମୁନା ।
ଏହାଙ୍କୁ ପାରନ୍ତି କ ତେଜ ?
ମାତ୍ର ଛନ୍ଦକ ବୁଝ ହେଜ,
ଏମାନେ ପ୍ରତି ଜଣେ ଜଣେ,
ପୁଣି ଜଗତବାସିଗଣେ,
ଜନ୍ମ ମରଣ ଦୁଃଖ ଘୋରେ
ଲୁଣ୍ଠନ୍ତି କଳ୍ପକଳ୍ପାନ୍ତରେ,
କିପରି ପାଇବେ ଉଦ୍ଧାର,
କରିବ ସେଥି ପ୍ରତିକାର ।
ଅପାତ ତିକ୍ତ ଯେ ଔଷଧ,
କରେ ସେ ସିନା ବ୍ୟାଧିରୋଧ;
ଜ୍ଞାତି କୁଟୁମ୍ବ ପରିବାର
ତେଜିବା ନିର୍ଦ୍ଦୟ ବେଭାର
ନୁହେ ତ—ତାହାଙ୍କ ସକାଶେ
ଯାଉଛୁ ସିନା ବନବାସେ ।
ବରଂ ରହିଲେ ମୁଁ ଘରେ;
ଲିପିବେ ସକଳେ ଦୁଃଖରେ !
ପ୍ରାଣିଙ୍କ ଉଦ୍ଧାର କାରଣ
କରିବ ମାର୍ଗ ଅନ୍ୱେଷଣ ।
କଷ୍ଟରେ ଅଛନ୍ତି ଲୋକମାନେ,
ସହିବ ବୋଲ କେଉଁ ପ୍ରାଣେ ?

କଲେ ମୁଁ ମାୟାକୁ ଛେଦନ,
ଲଭିବ ଅନନ୍ତ ଜୀବନ ।
ଗୋଟିଏ ଭଙ୍ଗୁର ଜୀବନ
ଛେଦିଲେ ଜଗତର ଜନ
ଯଦ୍ୟପି ଲଭିବେ ମୁକତି,
କହିବା ନୁହେ କି ଯୁକତି ?
ଶୁଣି ଲୋକଙ୍କ ହାହାକାର
ହେବ ଚିତ୍ତ କି ପ୍ରକାର ?
କଣ୍ଟକେ ଆଣ ହେ ଛନ୍ଦକ !
ନ କାଟ କାଳ ଅନର୍ଥକ ।
ଛନ୍ଦକ ବୋଲେ ପ୍ରଭୋ ! ଶୁଣ,
ଅନେକ କଥା ବୋଲେ ପୁଣ,
ଲୋକେ ତପସ୍ୟା ଯେ ସକାଶେ
କରନ୍ତି ତାହା ଅନାୟାସେ
ପାଇଛ—ସାମ୍ରାଜ୍ୟ ସୁନ୍ଦର,
ରାଜଭବନ ମନୋହର ।
ଯେତେକ ରାଜ୍ୟ ଜଗତରେ
ଅଛି କି ଏହା ସମାନରେ ?
ଅତୁଳ ଐଶ୍ୱର୍ଯ୍ୟ ଭଣ୍ଡାରେ—
ନ ଥିବ ଏତେ ପାରିବାରେ
ଧନ ରତ୍ନରେ ପୂର୍ଣ୍ଣ ରାଜ୍ୟ,
ଶ୍ରୀମନ୍ତ ମାନବସମାଜ ।
ଅପ୍ସରୀ ସମ ନାରୀଗଣେ
ନିପୁଣା ନର୍ତ୍ତନ ଗାୟନେ ।

ନବୀନ ଯୌବନ ତୁମ୍ଭର,
ଭୋଗ କାମନା ପୂର୍ଣ୍ଣ କର ।
ଦେଖ ଏ ରାଜ୍ୟର ମାନବେ
ପ୍ରମତ୍ତ ଆନନ୍ଦ ଉତ୍ସବେ ।
ଉତ୍ସବ ହାଟ ଅସମୟେ
ନ ଭାଙ୍ଗ, ବୋଲୁଛି ବିନୟେ ।
କେବଳ ଏକ ସୂର୍ଯ୍ୟକରେ
ଆଲୋକ ବ୍ୟାପ୍ତ ଜଗତରେ ।
ଏ ଶାକ୍ୟରାଜ୍ୟ ତୁମ୍ଭ ଯୋଗେ
ଅଛନ୍ତି ସର୍ବେ ସୁଖଭୋଗେ ;
ଶ୍ମଶାନ ହେବ ରାଜଧାନୀ,
ଏହା କି ପାରୁ ନାହିଁ ଜାଣି ?
ବାର୍ଦ୍ଧକ୍ୟେ ସୁଖ ଭୋଗ ଅନ୍ତେ
ସ୍ୱଚ୍ଛନ୍ଦେ ଯିବ ବାନପ୍ରସ୍ଥେ ।
ବୋଇଲେ ସିଦ୍ଧାର୍ଥ—ଛନ୍ଦକ !
ବୋଲୁଛ କଥା ଅମୂଳକ,
ଅନିତ୍ୟ ଅଧ୍ରୁବ ଜୀବନ,
ଆବୋରି ବସିଛି ମରଣ ।
ବାର୍ଦ୍ଧକ୍ୟେ କରିବ ତପସ୍ୟା,
ଏଥିରେ କି ଅଛି ଭରସା ?
କ୍ଷଣିକ ଜଳବିମ୍ବ ପ୍ରାୟେ,
ଜୀବନଦୀପ ନିଭିଯାଏ ।
ଭାବିଲେ ସାଧୁଚାର୍ଯ୍ୟ ମନେ,
କରି ବସିବ ତତକ୍ଷଣେ ।

ଦୁର୍ଭାଗ୍ୟ ମୃତ୍ୟୁ ସଙ୍ଗେ ସଙ୍ଗେ
ପ୍ରଚ୍ଛନ୍ନ ଥାଏ ଅନ୍ତରଙ୍ଗେ ।
ବୋଲୁଛ ସୁଖଭୋଗପାଇଁ ?
ଜଗତ୍‌ର ଦେଖ ସୁଖ କାହିଁ ?
ଦୁର୍ଭାଗ୍ୟ ମରଣ ଯନ୍ତ୍ରଣା,
ଅପର କେବେ ନାହିଁ ଜଣା ।
ଦୁଃଖଭୂମିରେ ଯେଉଁ ସୁଖ,
କ୍ଷଣିକ ଚଞ୍ଚଳା-ଆଲୋକ ।
ଯା କହ ସୁଖ ଜଗତରେ,
ତହିଁ କି ତୃପ୍ତ ଚିତ୍ତ ନରେ ?
ଜୀବନ-ମୃଗ ମାୟାବଳେ
ପୋଡେ ଲାଳସା-ଦାବାନଳେ ।
ଜଗତ କାମିନୀ କାଞ୍ଚନ—
ଭୋଗେ କି ତୃପ୍ତ ହୁଏ ମନ ?
ସୁଖ ଆଶାରେ ନିତ୍ୟ ଲୋକ
ଧାବନ୍ତ, ମାତ୍ର ଭୁଞ୍ଜେ ଦୁଃଖ ।
ମୃଗତୃଷ୍ଣିକା ସୁଖ ଲୋଭ,
ତହୁଁ ପିପାସା ଯାଏ ବଢ଼ି ।
ସୌନ୍ଦର୍ଯ୍ୟ, ଐଶ୍ୱର୍ଯ୍ୟ, ଜୀବନ,
କେବଳ ମାୟାର ସ୍ୱପନ ।
ବ୍ୟାଧର ସଙ୍ଗୀତ ଆଲୋକ
ମୃଗ ଜୀବନ ସଂହାରକ ।
ଭୋଗ ଲାଳସା ଲୋକଗଣେ
ବିନାଶ କରେ ଅନୁକ୍ଷଣେ ।

ଅତୃପ୍ତ କାମନା ଅନଳେ
ଦଗ୍ଧ ମାନବ ସକଳେ ।
ଜଗତେ ନାହିଁ ସୁଖ ଶାନ୍ତି,
ଭୋଗ ଯା ବୋଲ ଚିତ୍ତଭ୍ରାନ୍ତି ।
ଯାହାକୁ ସୁଖ ବୋଲେ ଲୋକ,
କଷ୍ଟର ଲାଘବ ମାତ୍ରକ ।
ଅଳୀକ ସୁଖ ଅଭିଳାଷୀ
ହୋଇ ମାନବେ ଯିବେ ଭାସି,
ମାନବ ଜୀବନ ଉଦ୍ଦେଶ୍ୟ
ନୁହେ ତ ଇନ୍ଦ୍ରିୟ ବିଶେଷ;
ଅଛି ଜୀବନ ଉଚ୍ଚ ସ୍ଥାନ,
ତାହାକୁ କରିବ ସନ୍ଧାନ ।
ହେବାକୁ ନିର୍ବାଣ ଦୁର୍ଭାଗ୍ୟ,
ଅବଶ୍ୟ ଅଛି ମୁକ୍ତି ମାର୍ଗ ।
ଯିବ ସେ ମାର୍ଗ ଅନ୍ୱେଷଣେ,
ବାଧା ନ ଦିଅ ଅକାରଣେ ।
ଜଗତ ମଙ୍ଗଳେ ଛନ୍ଦକ !
ନ ହୁଅ ମୋ ମାର୍ଗେ କଣ୍ଟକ ।
ବେଗେ ତୁରଙ୍ଗ ଆଣ ସାଜ,
ଯିବ ଏକ୍ଷଣେ—ନୁହେ ଆଜ ।
ବିହଙ୍ଗ ଅନନ୍ତ ଆକାଶେ
ଉଡ଼ିବ, ବୃଥା କି ସକାଶେ
ଦେଖାଅ ସୁବର୍ଣ୍ଣ ପଞ୍ଜରୀ ?
ହେଲେ କି ପାରି ତାକୁ ଧରି ?

ଛନ୍ଦକ ବୋଲେ କୃତାପାତ,
ଯତେ କି ପ୍ରଭୋ ! ଯିବ ଛାଡ଼ି ?
ଜଣ୍ଟମୁ, ମୋ କଥା ଯଥାର୍ଥ,
ଛନ୍ଦକେ ବୋଇଲେ ସିଦ୍ଧାର୍ଥ ।
ସୁମେରୁ ପର୍ବତ ସମାନ
ସ୍ଥିର ମୋ ବଚନ ପ୍ରମାଣ ।
ସମସ୍ତ ଜଗତର ଲୋକ
ହେଲେ ମୋ ମାର୍ଗରେ କଣ୍ଟକ—
ଥାଉ ଯନ୍ତ୍ରଣା କଷ୍ଟ ଦୁଃଖ,
ଛନ୍ଦକ, ଯିବ ମୁଁ ଜଣ୍ଟମୁ ।
ଶାଉବେ ଛନ୍ଦକ ବରଷେ
ଗଲା ସେ ଆଣିବାକୁ ଅଶ୍ୱେ ।
ସିଦ୍ଧାର୍ଥ ସୁଧୀର ଚରଣେ
ମିଳଲେ ଶୁଦ୍ଧାପ୍ରାଙ୍ଗଣେ ।
ଚିର ମେଲାଣି ନେବାପାଇଁ
ରହିଲେ ଗୋପା ମୁଖ ଚାହିଁ ।
ଅବଶଦେହା, ମୁକ୍ତକେଶା,
ଶୟାନା, ବିଶୃଙ୍ଖଳବେଶା ।
କ୍ଷୀଣ ଆଲୋକେ ଦଶେ ମୁଖ—
ଯାଇଛେ ଚନ୍ଦ୍ରମା ମୟୂଖ ।
ସଦ୍ୟ ଶିଶୁଟି ଅଛି କକ୍ଷେ,
ସ୍ୱର୍ଗୀୟ ସ୍ୱପନ ପ୍ରତ୍ୟକ୍ଷେ,
କାଞ୍ଚନଲତାରେ କାଞ୍ଚନ,
ସଦ୍ୟ କା ଫୁଟିଛି ସ୍ୱପନ ।

ଦର୍ପଣେ ଅଲୀକ ସମାନ
ଗୋପା ଲାବଣ୍ୟ ପରିମାନ ।
ପ୍ରଦୀପ ସ୍ତିମିତ ଆଲୋକେ
ତେସନେ ଦେଖିଲେ ବାଳକେ ।
ସିଦ୍ଧାର୍ଥ ନ ପାରିଲେ ସହି,
ନେତ୍ରୁଁ ଲୋତକ ପଡ଼େ ବହି ।
ସେକାଳେ କଲେ ହୃଦଙ୍ଗମ,
ଅସୀମ ମାୟା ପରାକ୍ରମ ।
ବାଡ଼ରେ ଲଗାଇ ମସ୍ତକ
ଉଭା ସେ ହେଲେ ମୁହୂର୍ତ୍ତେକ ।
ସ୍ଥିର ନୟନେ ଚୁମ୍ବଣାସେ
ଉଭା ସେ ଛନ୍ତି ଗୋପାପାଶେ ।
ଯଦ୍ୟ ଶରୀର ବାଡ଼େ ଲଗ୍ନ,
ଭାଳିଲେ ହୋଇ ଧ୍ୟାନେ ମଗ୍ନ—
ଜଗତବାସୀ ଲୋକଗଣେ
ଥିବାରୁ ମାୟାର ବନ୍ଧନେ,
ଭୁଞ୍ଜନ୍ତି କଷ୍ଟ ଏ ପ୍ରକାର,
ଯନ୍ତ୍ରଣା ମୃତ୍ୟୁ ହାହାକାର ।
ଏ ଗୋପା, ଶିଶୁ, ସଙ୍ଗନରେ
ଭୁଞ୍ଜନ୍ତି କଷ୍ଟ ନିରନ୍ତରେ ।
ଅନ୍ତତଃ ଗୋପାର କାରଣେ
ଯିବି ମୁଁ ମାର୍ଗ-ଅନ୍ୱେଷଣେ ।
ମୋକ୍ଷଣେ ରକ୍ତ କଳୁଷିତ
ଅସ୍ତ୍ର ପ୍ରୟୋଗ ଉଚିତ ।

ଗୋପାକୁ କର ପରିହାର,
ଗୋପାକୁ କରିବ ଉଦ୍ଧାର ।
ଅପାର କଷ୍ଟ–ଦଶ୍ୟର
ଲଭିବ ନିର୍ବାଣ ଅନନ୍ତ ।
ଚଳିଲେ ଏତେକ ବହିର,
ଗୁଞ୍ଜିଲା ନୂପୁର ନାଦ ।
ଛନ୍ଦକ କଣ୍ଠକ ସହିତ
ବିଷାଦ–ପ୍ରତିମା ଚର୍ଚ୍ଚିତ
ସମାନେ ଉଭା ସିଂହଦ୍ୱାରେ ।
ପଛକୁ ନ ଅନାଇ ବାରେ,
ବୁଲାଇ ହସ୍ତ କୋମଳରେ,
ସିଦ୍ଧାର୍ଥ ଚଢ଼ିଲେ ଅଶ୍ୱରେ ।
ଏକାଳେ ଦେବାକୁ ଉପମା,
ଶ୍ୱେତ ମେଘରେ ବା ଚନ୍ଦ୍ରମା ।
ଛନ୍ଦଙ୍କ ଇଙ୍ଗିତ ମାନିକ
ବଙ୍କିମ ଗ୍ରୀବାରେ କଣ୍ଠକ
ଧୀର ପଦରେ ନୃତ୍ୟ କର
ଚଳିଲା ଗମ୍ୟ ମାର୍ଗ ଧର ।

ଇତି ଶ୍ରୀ ବୌଦ୍ଧାବତାର କାବ୍ୟେ ନିଷ୍କ୍ରମଣ
ନାମ ଦଶମ ସର୍ଗ ।

# ଏକାଦଶ ସର୍ଗ ।

## ସନ୍ନ୍ୟାସ ।

ଗଭୀର ନିଶୀଥ, ଘନ କୃଷ୍ଣ ଆବରଣେ
ଘୋଡ଼ାଇ ରଖିଛି ପୁରବାସୀ ଲୋକଗଣେ ।
ଉତ୍ସବ ଶେଷରେ ଅବସାଦେ ନିଦ୍ରାଗତ
ରାଜପୁରୀ, ଦୌବାରିକ, ପ୍ରହରୀ ସମସ୍ତ ।
ଥିଲା ଅବା କାହା ମନେ, ନିର୍ମମ ହୃଦୟେ
ରାଜପୁତ୍ର ପୁର ତେଜି ଯିବେ ଅସମୟେ ।
ଶିଶୁକୋଳେ ଗୋପାବଧୂ, ମାତା ପ୍ରଜାବତୀ,
ପୁରବାସୀ ନର ନାରୀ ସୁଖେ ଶୋଇଛନ୍ତି ।
ରାଜ ଅନ୍ତଃପୁରେ ବୃଦ୍ଧ ନୃପତି କେବଳ
ପଡ଼ିଛନ୍ତି ଝାମ ଯାଇ, ନେତ୍ରୁ ବହେ ଜଳ ।
ଏଣେ ରାଜପୁତ୍ର ଅଶ୍ୱ ଯାଏ ଧୀରେ ଧୀରେ,
ନୀରବେ ଛନ୍ଦକ ପଛେ ଭାସେ ଅଶ୍ରୁ ନୀରେ ।
ଅଶ୍ୱପୃଷ୍ଠେ ରାଜପୁତ୍ର—ନାହିଁ ଖେଦ, ଭୟ,
ନାହିଁ ଦୈନ୍ୟ, ମାୟା, ମୋହ, ନିଃଶଙ୍କ ହୃଦୟ ।
ପ୍ରଫୁଲ୍ଲ, ପ୍ରସନ୍ନ ମୁଖ, ସ୍ଥିର ଶାନ୍ତ ମୂର୍ତ୍ତି,
ନୈଶାକାଶେ ବିରାଜିତ ସ୍ଥିର ଚନ୍ଦ୍ରଜ୍ୟୋତି ।
ଦେଖିଲେ ଛନ୍ଦକ—ଯେତେ ଦେବ ଅଛେ ସୃଷ୍ଟି
ବଜାଇ ମଙ୍ଗଳ ବାଦ୍ୟ କରେ ପୁଷ୍ପବୃଷ୍ଟି

ଗାଉଛନ୍ତି ଆନନ୍ଦରେ ଦେବଦେବୀଗଣ,
ଅଶ୍ୱାରୋହୀ ସମ୍ମୁଖରେ ମଣାଇ ମାର୍ଗଣ ।
ଶାକ୍ୟବଂଶ ରାଜଲକ୍ଷ୍ମୀ ପଶ୍ଚାତେ ଯେସନେ
ଗାଉଛନ୍ତି ଧୀରେ ଅଶ୍ରୁପୂରିତ ନୟନେ ।
ତାଳୁଛି ସୁଧାଂଶୁ ସୁଧା, ପ୍ଲାବିତ ନଗରୀ,
ଗଳିତ ରଜତସ୍ରୋତ ପଡୁଛି କି ଝରି ।
ଛନ୍ଦକ ପାରିଲେ ନାହିଁ ସହି—ଆଉ ଥରେ
ବୋଇଲେ ସିଦ୍ଧାର୍ଥେ କାତର ବିକଳ ମନରେ ।
ଯୁବରାଜ ! କାଲି ବେଳେ, ଶୈଶବେ ଜନନୀ
ଅଙ୍କେ, ବକ୍ଷେ ଧରିଥିଲେ କରି ନେତ୍ରମଣି ।
କୈଶୋର, ଯୌବନେ ଗୃରୁ କ୍ରୀଡ଼ାର ପ୍ରାଙ୍ଗଣେ
ଅନୁଗତ କ୍ରୀଡ଼ାରତ ଶାକ୍ୟ ଶିଶୁଗଣେ ।
ବୃଦ୍ଧ ପିତା, ବୃଦ୍ଧା ମାତା, ପ୍ରେମର ପ୍ରତିମା
ସୁଶୀଳା ସ୍ୱରୂପା ଗୋପା—ପ୍ରୀତିମଧୁରିମା ।
କାଲି ବେଳେ ସଦ୍ୟ ଜାତ ଶିଶୁ ଭବିଷ୍ୟତ,
କି କହିବେ ପୁରବାସୀ ଅଶ୍ରିତ ସମସ୍ତ ।
ନ ଯାଅ ସକଳେ ଶୋକସାଗରେ ବୁଡ଼ାଇ,
ନ ଯାଅ ଆଶ୍ରିତ ଜନେ କନ୍ଦାଇ କନ୍ଦାଇ ।
ବୋଇଲେ ସିଦ୍ଧାର୍ଥ ହାସ୍ୟ ବଦନେ—ଛନ୍ଦକ !
ନ ବୁଝି ବିଶେଷ କଥା ବୋଲ ଅନର୍ଥକ ।
ଦେଖ ଚାହିଁ, ସ୍ୱର୍ଗେ ବସି ଦେବ ଦେବୀ ସର୍ବେ
ଜଗତ ମଙ୍ଗଳେ ଛନ୍ତି ଅନନ୍ଦ ଉତ୍ସବେ ।
ନିର୍ମଳ ଗଗନେ ବହେ ଶୀତଳ ପବନ,
କରୁଛନ୍ତି ପୁଷ୍ପବୃଷ୍ଟି ଦେବଦେବୀଗଣ ।

ଦୟାସିନ୍ଧୁ ଦୀନବନ୍ଧୁ ପ୍ରଭୁ ଭଗବାନ
ନ ହେବ ମେସ୍ଥାନ ଯାହା କରିବେ ବିଧାନ ।
ଶୁଭ କାର୍ଯ୍ୟେ, ଶୁଭଦିନେ, ଶୁଭ ମୁହୂର୍ତ୍ତରେ
ଘଟୁଛି ଯେ କାର୍ଯ୍ୟ, ତୁମ୍ଭେ ଦେଖ ଆନନ୍ଦରେ ।
ଶିକ୍ଷିତ ନର୍ତ୍ତନଶୀଳ ଘୋଟକ କଣ୍ଟକ
ଯାଏ ଧୀରେ, ପଦଶବ୍ଦ ଶୁଭେ ଠକ ଠକ ।
ଅକ୍ଲାନ୍ତ, ଅଭ୍ରାନ୍ତରୂପେ ଅବିଶ୍ରାମଗତି
ଗଲା ରାଜ୍ୟସୀମା ଛେଦି ନ ପାହୁଣୁ ରାତି—
କୋଳ୍ୟଦେଶ, ମଲ୍ଲଦେଶ, ରଜନୀ ଶେଷରେ
ପ୍ରବେଶିଲା ବେଣୁବନେ ଅନୋମା କୂଳରେ ।
ଅବତରି ଅଶ୍ୱୁଁ, ଯୁବରାଜ ମହାମତି
ବୋଇଲେ ଛନ୍ଦରେ ଧୀରେ—ଦେଲୁଁ ଅନୁମତି,
ଏହି ଅଶ୍ୱ, ମମ ବସ୍ତ୍ର, ଅଙ୍ଗ ଆଭରଣ
ଘେନ ଶାକ୍ୟଦେଶେ କର ବାହୁଡ଼ି ଗମନ ।
ଛନ୍ଦକ ନିସ୍ତବ୍ଧ ଚାହିଁଅଛି ଏକଧ୍ୟାନେ,
ଦୁର୍ବଳ ଶରୀର, କଥା ଶୁଭୁ ନାହିଁ କାନେ ।
କ୍ଷଣକ ଉତ୍ତାରେ କାନ୍ଦି କଲା ହାହାକାର !
ବୋଇଲା ବନସ୍ତେ ପଦ ଧରି ପୁନର୍ବାର—
କି ବୋଇଲ ପ୍ରଭୋ ! ଯେବେ ବୃଦ୍ଧ ନରପତି
ପଚାରିବେ-ଗୋପାଦେବୀ, ମାତା ପ୍ରଜାବତୀ,
ଅନ୍ଧକାରେ ଯୁବରାଜେ ଘେନି ଗଲୁ କାହିଁ ?
କି ଦେବି ଉତ୍ତର ବୋଲି ତାଙ୍କ ମୁଖ ଚାହିଁ ?
ବିଷାଦସାଗର ଯେବେ ପଡ଼ିବ ଉଛୁଳି—
କି ଦଶା ଘଟିବ ପୁରେ ପାରୁ ନାହିଁ କଳି

ବାହୁଡ଼ି ନ ଯିବ ପୁଣି ସେ ମହାଶ୍ମଶାନେ,
ଆଜ୍ଞା କର ଅନୁଗତ ଥାଉ ସନ୍ନିଧାନେ ।
ଥାଉ ଏକ କଥା—କୃପାମୟ ତୁମ୍ଭ ପର
ପାଇବ ମୁଁ କାହିଁ ପ୍ରଭୁ ? ଥିବ ଅନୁସର ।
ବୋଇଲେ କୁମାର—ଛନ୍ଦ ! ମୋହ ସାନ୍ଦ୍ରମାର୍ଗେ
ହେବ ବନ୍ଧୁ ? କେବେଁ ଜାଣିଥିଲ ନାହିଁ ଆଗେ ।
କେବେ ହେ ମାୟା—ଲତା କର ଅସିଛ ଛେଦନ !
କେବେ ପୁଣି ମାୟାବୀଜ କରିବ ରୋପଣ !
ଉଚିତ କହିବା ତୁମ୍ଭ ବତ୍ସର ମନରେ,
ଦେଇଛି ଯେ ପିତା, ମାତା, ରମଣୀ, କୁମରେ,
ସେ କି ତୁମ୍ଭ କଥା ଶୁଣେ ? ବୃଥା ନିବେଦନ,
ବୃଥା କାର୍ଯ୍ୟେ ପ୍ରତିବନ୍ଧ, କର ଅକିଞ୍ଚନ ।
ବାହୁଡ଼ି କପିଳବସ୍ତୁ ନଗରେ ସମ୍ପ୍ରତି
ଦେନ ଅଶ୍ୱ, ଅଲଙ୍କାର ସ୍ଥିର କରି ମତି ।
ଜନକ, ଜନନୀ, ଗୋପା କାନ୍ଦିଲେ ମୋପାଇଁ,
ଦେବ ସାନ୍ତ୍ୱନା, କଥା କହିବ ବୁଝାଇ ।
ଯାଉଛି ସିଦ୍ଧାର୍ଥ ତତ୍ତ୍ୱମାର୍ଗ ଅନ୍ୱେଷଣେ,
ଲଭିବେ ନିର୍ବାଣ ମୁକ୍ତି ଯହିଁ ଲୋକଗଣେ ।
ଭୃଙ୍ଗଶ୍ରେଣୀକୃଷ୍ଣ ଦୀର୍ଘ କେଶକୁ ତକ୍ଷଣ
ଛେଦି ନିଜ ଖଡ୍ଗେ ଦେଇ କୌଶେୟ ବସନ,
ତିନି ଖଣ୍ଡ ଜୀର୍ଣ୍ଣ ବସ୍ତ୍ର ପିନ୍ଧିଲେ ତକ୍ଷଣେ,
ରହିଛି ଛନ୍ଦକ ମୁହଁ ଚକିତ ନୟନେ ।
ନବୀନ ସନ୍ନ୍ୟାସୀ ରୂପ ଦେଖିଲା କନ୍ଥକ,
କି ବୁଝିଲା ପଶୁ ମୁହଁ ଅଛି ଚକଚକ ।

ନୀରବେ ବହୁଛି ଅଶ୍ରୁଧାର ଦୁନୟନୁ,
ଉଷ୍ଣ ଟପ୍‌ପିରୁଲ କି ସ୍ଥିର କରି ତନୁ ।
ସିଦ୍ଧାର୍ଥ ତା ଗଣ୍ଡେ ହସ୍ତ ସ୍ନେହରେ ବୁଲାଇ
ବୋଇଲେ—କଣ୍ଟକ ଅରେ! ଘରେ ରହ ଯାଇ!
ମେଲାଣି ଦେଉଛି ବତ୍ସ! ଫେରି ଯାଅ ଘରେ,
ତୋର ଏହି ଉପକାର ରହିଲା ମନରେ ।
ଛନ୍ଦକ କଣ୍ଟକ ଦୁହେଁ କାନ୍ଦଲେ ବକନେ,
ଏକଧାନେ ଥାନ୍ତି ଚାହିଁ ଅଶ୍ରୁପୂର୍ଣ୍ଣଡୋଳେ ।
ନବୀନ ସନ୍ନ୍ୟାସୀ ଚାଲିଛନ୍ତି ଧୀରେ ଧୀରେ
ପ୍ରଶାନ୍ତ ବଦନେ, ଦୃଷ୍ଟି ରହିଛି ମହୀରେ ।
ଯେତେବେଳଯାଏଁ ଦିଶୁଥିଲେ ସେ ନୟନେ,
ସତୃଷ୍ଣ ଦୃଷ୍ଟିରେ ଚାହିଁଥାନ୍ତି ବେନି ଜନେ ।
ଅଦୃଶ୍ୟ ହୁଅନ୍ତେ ପ୍ରଭୁ—ହୋଇଣ ନିରାଶ
କାନ୍ଦୁଡ଼ିଲେ ବେନି ପ୍ରାଣୀ ପକାଇ ନିଶ୍ବାସ ।

ଇତି ଶ୍ରୀ ବୌଦ୍ଧାବତାରକାବ୍ୟେ ସନ୍ନ୍ୟାସ
ନାମ ଏକାଦଶ ସର୍ଗ ।

# ଦ୍ବାଦଶ ସର୍ଗ ।

## ବିଳାପ ।

ପାହିଲା ରଜନୀ, ଉଦେ ଅରୁଣ ଗଗନେ,
ଜାଗ୍ରତ କପିଳବସ୍ତୁବାସୀ ଜଣେ ଜଣେ ।
ଚମକି ପଡିଲେ ଗୋପା ଉଠି ଧାଇଁବାରେ,
ଦେଖିଲେ ଅନାଇ ସ୍ବାମୀ ନାହାନ୍ତି ଶଯ୍ୟାରେ ।
କାନ୍ଦିଲେ ବିକଳେ ପଡ଼ି ଶିରେ ଡାଉ ହାତ,
ଅଧିନୀକୁ ତେଜି କାହିଁ ଗଲ ପ୍ରାଣନାଥ !
ଉଠିଲେ ଦାସୀଏ ଶୁଣି କ୍ରନ୍ଦନର ଧ୍ବନି,
ଅକସ୍ମାତ କି ଘଟିଲା ନ ପାଇଲେ ମଣି ।
କାନ୍ଦୁଛନ୍ତି ଗୋପା—କାହିଁ ଗଲେ ପ୍ରାଣନାଥ !
ସଖୀଗଣ ମୁଣ୍ଡେ କିବା ହେଲା ବଜ୍ରାଘାତ ।
ମଦ୍‌ଭଗ୍ନା ଗୋପା ଉଚ୍ଚେ ଡକା ପାଡ଼,
ପ୍ରାଣନାଥ ! ପ୍ରାଣନାଥ ! ଗଲ କାହିଁ ଛାଡ଼ ?
ଧରାଧରି କରି ସଖୀ ପୁଚ୍ଛନ୍ତେ ବୃତ୍ତାନ୍ତ,
ଗୋପା ବୋଲେ—କାହିଁ ଛାଡ଼ି ଗଲ ପ୍ରାଣକାନ୍ତ !
ପୁନଶ୍ଚ ପୁଚ୍ଛିଲେ ସଖୀ, କାହାନ୍ତି ସିଦ୍ଧାର୍ଥ ?
ଏକହିଁ ଉତ୍ତର—କାହିଁ ଗଲ ପ୍ରାଣନାଥ !
ଏକକୁ ଅନେକ ପୁଚ୍ଛା କଲେ ବାରମ୍ବାର,
ଘରେ ତ ନାହାନ୍ତି, କାହିଁ ଅଛନ୍ତି କୁମାର ?

କାହାନ୍ତି କୁମାର, ଏହି କଥାହିଁ କେବଳ
ପଡ଼ିଲା କପିଳବସ୍ତୁ ନଗରେ ଚହଳ ।
ଜନନୀ ଗୌତମୀ ଦେବୀ, ମାତା ପ୍ରଜାବତୀ
ମୂର୍ଚ୍ଛିତା; ଚେତନାହୀନ ଶୁଦ୍ଧ ନରପତି ।
ସମସ୍ତଙ୍କ ମୁଖେ ଏକ କଥା ବାରମ୍ବାର—
ଘରେ ତ ନାହାନ୍ତି, କାହିଁ ଅଛନ୍ତି କୁମାର ?
ଧାଇଁଲେ ପଦାତି, ଅଶ୍ୱାରୋହୀ, ରଥିଗଣ,
ଘରେ ଘରେଁ ସ୍ଥାନେ ସ୍ଥାନେ କଲେ ଅନ୍ୱେଷଣ ।
ଖୋଜିଲେ ପର୍ବତେ, ଗିରିଗହ୍ୱରେ, କାନନେ,
ପ୍ରାନ୍ତରେ, କାନ୍ତାରେ, ରାଜମାର୍ଗେ, ଉପବନେ ।
ସ୍ୱପନ ସମାନ ତଥ୍ୟ ଜଣାଗଲା ନାହିଁ,
ରାତ୍ରିମଧ୍ୟେ ରାଜପୁତ୍ର ଚାଲିଗଲେ କାହିଁ ?
ଆସିଲା ଛନ୍ଦକ, ବୋଲେ—କୁମାର ସନ୍ନ୍ୟାସୀ,
ଚାଲିଗଲେ ରାଜ୍ୟ ତେଜି ହୋଇ ବନବାସୀ ।
ଛନ୍ଦକ ମୁଖରୁ ଶୁଣି ଏହି ସମାଚାର,
ନର ନାରୀ ସର୍ବେ ଉଚ୍ଚେ କଲେ ହାହାକାର !
ନ ଛୁଇଁଲେ ଅନ୍ନ ଜଳ ସାତ ଦିନ ରାତି,
ସମସ୍ତଙ୍କ ଏକକଥା କୁମାର କାହାନ୍ତି ?
ସାତ ଦିନ ସାତ ରାତି ମାତା ପ୍ରଜାବତୀ
ଅଜ୍ଞାନା, ମୂର୍ଚ୍ଛିତା, ଭୂମିତଳେ ପଡ଼ିଛନ୍ତି ।
ଗୌତମୀ ଦେବୀଙ୍କ କଥା ଯାଉଛି ସରି,
ରାଜପୁରେ କେହି ଜଣେ ନାହିଁ ଧୈର୍ଯ୍ୟ ଧରି ।
ସଜ୍ଞାହୀନା ନୃପତିତା ଗୋପା ଅଭାଗିନୀ,
ଅଜ୍ଞାନେ କାଟିଲେ ସାତ ଦିବସ ଯାମିନୀ ।